Follow Us On @
ekamaatra@gmail.com
www.ekamaatra.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Ref. No.: 1304224
Title Code: ODIODI07807

➤ ଖଣ୍ଡଗିରିରେ କୁମ୍ଭମେଳା ଆରମ୍ଭ
➤ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ପାଇଁ ୭୦୦ କୋଟି
➤ ଚିଟ୍‌ଫଣ୍ଡ କମିଶନଙ୍କ ଦ୍ୱିତୀୟ ରିପୋର୍ଟରେ ୧୯,୪୨୨ କ୍ଷୁଦ୍ର ଜମାକାରୀ ଚିହ୍ନଟ
➤ କୋଲକାତାରୁ ଗ୍ରୀନ୍ ରେ' ଏମ୍‌ଡି ଗିରଫ
➤ ରାଜଧାନୀର ୧୦ ଶୌଚାଳୟରେ ଲାଗିଲା ଫିଡବ୍ୟାକ୍ ମେସିନ୍

ବର୍ଷ-୧ ସଂଖ୍ୟା-୪ ୦୬-୧୨ ଫେବୃୟାରୀ, ୨୦୧୭ ଭୁବନେଶ୍ୱର ● Monday WEEKLY ● Vol-1 Issue-4 06th-12th February, 2017 Bhubaneswar ₹ 5.00 (8 Pages)

## ଭିତର ପୃଷ୍ଠାରେ...

ବେନାମୀ ସଂପତ୍ତି ଉପରେ ନଜର
ରିଙ୍ଗ୍‌ରୋଡ୍ ପାଇଁ ବାଟ ଖୋଲିଲା
ସୁଚିନ୍ତିତ ଯୋଜନା ବ୍ୟର୍ଥ ଯାଏନି
ବେଦନାର ବେଦ-୩
ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସ୍କାନର୍‌ରେ ବେକେରି ୟୁନିଟ୍
ଦେବୀପୀଠେ ବଳିପ୍ରଥା

## ପଞ୍ଚାୟତ ନିର୍ବାଚନ | ସତ ମିଛ ପରଖିବେ ଭୋଟର



**ଭୁବନେଶ୍ୱର :** ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଯେତେବେଳେ ପାଖେଇ ଆସୁଛି, ଗାଁ ଗହଳିରେ ଭୋଟରଙ୍କ ମଧ୍ୟ ଉତ୍କଣ୍ଠା ବଢୁଛି। ଚାରିଆଡ଼େ ଫ୍ଲେକ୍ସ ବ୍ୟାନର ଓ ପୋଷ୍ଟର ଯେମିତି କି ଯାତ୍ରାର ମାହୋଲ ସୃଷ୍ଟି କରିଛି। ଭୋଜିଭାତ, ଧାଁ' ଦଉଡ଼ ମଧ୍ୟରେ ନିର୍ବାଚନ ଜିତିବା ଆଶାରେ ଥିବା ପ୍ରାର୍ଥୀ ଓ ଭୋଟରଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଦଳକୁ ଦଳ ଘରକୁ ଘର ବୁଲି ମା' ମାଉସୀ କହିବା ଆରମ୍ଭ କରିଦେଲେଣି। ବନ୍ଧୁବାନ୍ଧବଙ୍କୁ ମଧ୍ୟ ନିର୍ବାଚନୀ କାର୍ଯ୍ୟରେ ଲଗାଯାଉଥିବା ଖବର ମିଳୁଛି। ଫୋନ୍‌କଲ୍, ଏସ୍‌ଏମ୍‌ଏସ୍ ଓ ସୋସିଆଲ ମିଡିଆ ମାଧ୍ୟମରେ ନିଜ ସପକ୍ଷକୁ ଟାଣିବା ପାଇଁ ଅଭିଯାନ ମଧ୍ୟ ଚାଲିଛି। ଶାସକଦଳ ସମର୍ଥିତ ପ୍ରାର୍ଥୀଙ୍କ ଭାଉ ଟିକେ ଅଧିକ ଥିବାବେଳେ ବିରୋଧୀ ଦଳର ସମର୍ଥନରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ କାଟ୍‌ତି ବି ବଢ଼ିଛି। ବିଜେଡି, ବିଜେପି ଓ କଂଗ୍ରେସ ଦଳ ମଧ୍ୟ ପଞ୍ଚାୟତ ନିର୍ବାଚନକୁ ନେଇ କେତେପ୍ରକାର ଅଙ୍କ କଷୁଥିବା ବେଳେ ଭୋଟର କିନ୍ତୁ ଏଥର ପ୍ରାର୍ଥୀ ଦେଉଥିବା ପ୍ରତିଶ୍ରୁତିକୁ ପରଖିବେ ବୋଲି ଅଲୋଚନା ଚାଲିଛି। କାରଣ ନିର୍ବାଚନ ପରେ କେଉଁ ପ୍ରାର୍ଥୀ ଭୋଟରଙ୍କ ଏହି ସମ୍ପର୍କ ବାନ୍ଧି ରଖିପାରିବ, ତାହାକୁ ବିଶେଷ ଆଧାର କରୁଛନ୍ତି ଭୋଟର।

ଆଉ ଦିନ କେଇଟା ପରେ ଭୋଟରଙ୍କ ଆଙ୍ଗୁଠିରେ ଲାଗିବ କାଳି, ପ୍ରାର୍ଥୀଙ୍କ ଭାଗ୍ୟର ପରୀକ୍ଷା ହେବ। ଲୋକେ ବାଛିବେ ନିଜ ମନ ପସନ୍ଦର ଗାଁ ପ୍ରତିନିଧି। ଆଗାମୀ ଦିନରେ ଏହି ପ୍ରତିନିଧିମାନେ କାର୍ଯ୍ୟ କରିବେ ଗାଁ, ପଞ୍ଚାୟତ ଆଉ ଜିଲ୍ଲାର ବିକାଶ ଦିଗରେ। ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ଉନ୍ନତି କରିବା ନେଇ ଅଣ୍ଟା ଭିଡ଼ିବେ। ଲୋକଙ୍କର ଏହି ଦାୟିତ୍ୱ ନେବା ପାଇଁ ପ୍ରାର୍ଥୀମାନେ ନିଜନିଜର ଯୋଗ୍ୟତା ଓ ପାରଙ୍ଗମତା ଦେଖାଉଛନ୍ତି। ଗାଁଦାଣ୍ଡରେ ପାଟି କରି କହୁଛନ୍ତି ବିକାଶର କଥା। ଆଗାମୀ ୫ ବର୍ଷରେ ଗାଁର ଚିତ୍ର ବଦଳାଇ ଦେବା ଭଳି ପ୍ରତିଶ୍ରୁତି ଦେଉଛନ୍ତି। ବିରୋଧୀ ପ୍ରାର୍ଥୀଙ୍କୁ ନ୍ୟୁନ ଭାବେ ଦେଖାଇ ନିଜର ପାରିବାପଣିଆ ବଖାଉଛନ୍ତି। ଲୋକଙ୍କ ୫ ବର୍ଷିଆ ଭାଗ୍ୟବିଧାତା ହେବାକୁ ନିଜକୁ ଏକମାତ୍ର ଯୋଗ୍ୟ ବୋଲି ପ୍ରଚାର କରୁଛନ୍ତି ସବୁ ପ୍ରାର୍ଥୀମାନେ। ଅନେକ ପ୍ରାର୍ଥୀଙ୍କ ପଛରେ ରହିଛି ପୁରୁଖା ରାଜନୈତିକ ଦଳର ସମର୍ଥନ। ପ୍ରଚାର ପାଇଁ କେହି କେହି ପ୍ରାର୍ଥୀମାନଙ୍କୁ ଦଳୀୟ ପାଣ୍ଠି ଯୋଗାଇ ଦେଉଛନ୍ତି। ପୋଷ୍ଟର ବ୍ୟାନରରେ ଛାଇଯାଇଛି କାନ୍ଥବାଡ଼। ପ୍ରଚାରଗାଡ଼ି ଘାଇଁ ଘାଇଁ ହୋଇ ସାହିରୁ ଗାଁ ଓ ଗାଁରୁ ପଞ୍ଚାୟତକୁ ଘୁରିବୁଲୁଛି। କିଏ ଫିଲ୍ମ ଗୀତର ତାଳେ ତାଳେ ନିଜର ପ୍ରତିଶ୍ରୁତି ଗାଉଛି ତ ବିରୋଧୀଙ୍କ ଗାତ୍ରଦାହ କରୁଛି, ଆଉ କିଏ ଲୋକପ୍ରିୟ ସଂଳାପକୁ

➤ ପୃ-୬

### ଛତା, ବହି, ମାଛ ଧରି ବୁଲୁଛନ୍ତି ପ୍ରାର୍ଥୀ

ପ୍ରଚାର ପାଇଁ ପ୍ରାର୍ଥୀମାନେ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରୁଥିବା ଦେଖିବାକୁ ମିଳୁଛି। କିଏ ଭୋଟରଙ୍କୁ ଭୋଜିଭାତ ଦେଉଥିବା ବେଳେ କିଏ ଗାଁ କ୍ଲବ୍‌ଘର ପିଲାଙ୍କୁ ମଦମାଂସ ଦେଇ ନିଜ ଆଡ଼କୁ ଆକୃଷ୍ଟ କରୁଛି। ତେବେ ଚଳିତଥର ପ୍ରାର୍ଥୀମାନେ ଆଉ ଏକ ଭିନ୍ନ ଉପାୟ ଅବଲମ୍ବନ କରୁଥିବା ଦେଖିବାକୁ ମିଳୁଛି। ନିର୍ବାଚନ କମିଶନଙ୍କଠାରୁ ମିଳିଥିବା ଚିହ୍ନ ଅନୁସାରେ ବିଭିନ୍ନ ସାମଗ୍ରୀ ସାଙ୍ଗରେ ନେଇ ପ୍ରଚାରରେ ବୁଲୁଥିବା ଦେଖିବାକୁ ମିଳିଛି। ଯାହାର ମାଛ ଚିହ୍ନ ସେ ସାଙ୍ଗରେ ଆକ୍ୱାରିୟମ୍ ଓ ତା ଭିତରେ ସତସତିକା ମାଛ ନେଇ ପ୍ରଚାର କରୁଥିବା ବେଳେ ବହି ଚିହ୍ନ ପାଇଥିବା ପ୍ରାର୍ଥୀ ସାଙ୍ଗରେ ବହି ଧରି ବୁଲୁଛନ୍ତି। ସେହିପରି ଛତା ଚିହ୍ନ ହାସଲ କରିଥିବା ପ୍ରାର୍ଥୀ ଛତା ନେଇ ନିର୍ବାଚନ କରୁଥିବା ବେଳେ

➤ ପୃ-୬

## ଜେଟ୍‌ଲିଙ୍କ କେଟିଲ୍ : କେତେ ମିଠା ମୋଦି ଚା'

**ଭୁବନେଶ୍ୱର :** କେନ୍ଦ୍ର ବଜେଟ୍ ଉପସ୍ଥାପନ ପରେ ଜେଟ୍‌ଲିଙ୍କ କେଟିଲ୍‌ରେ ମୋଦି ଚା' କେତେ ମିଠା, କେତେ ଖଟା, ସେ ନେଇ ସାରାଦେଶରେ ଚର୍ଚ୍ଚା ଚାଲିଛି। ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ଏହି ବଜେଟ୍‌ରେ ଦେଶ ପାଇଁ ମୋଟ ୨୧.୪୭ ଲକ୍ଷ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ଏଥିରେ ପ୍ରଥମତଃ ଚଳିତବର୍ଷ କେନ୍ଦ୍ର ସରକାର ବଜେଟ୍ ଉପସ୍ଥାପନ ସାଧାରଣ ଧାରାକୁ ଭାଙ୍ଗି ଆଗୁଆ ଆଗାମୀ ବର୍ଷର ଆୟ-ବ୍ୟୟ ଅଟକଳ ଉପସ୍ଥାପନ କରିଛନ୍ତି। ଦ୍ୱିତୀୟତଃ ଦୀର୍ଘବର୍ଷର ସଂସଦୀୟ ପରମ୍ପରାକୁ ଭଙ୍ଗ କରାଯାଇ ସାଧାରଣବଜେଟ୍ ସହ ରେଳବଜେଟ୍‌କୁ ମିଶାଇ ଗୋଟିଏ ବଜେଟ୍ ଉପସ୍ଥାପନ କରାଯାଇଛି। ବିମୁଦ୍ରୀକରଣ ପରେ ନୂଆ ନୋଟ୍ ପରି ନୂଆ ବଜେଟ୍ ଉପସ୍ଥାପନ କରି ମୋଦି ସରକାର ଅର୍ଥନୀତିକୁ ସଜାଡ଼ିବାର ଜୋରଦାର ପ୍ରୟାସ କରିଥିବା ଜଣାପଡ଼ିଛି। ନିମ୍ନ ଆୟକାରୀଙ୍କୁ ଟିକସରେ ରିହାତି ଓ ରାଜନୈତିକ ଚାନ୍ଦା ସଂଗ୍ରହ ଉପରେ ଲଗାମ କସି ଜେଟ୍‌ଲି ଯେଉଁଳି ଭାବେ ସାଧାରଣ ବଜେଟ୍‌କୁ ଉପସ୍ଥାପନ କରିଛନ୍ତି, ତାହାକୁ ନେଇ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ରାଜନୈତିକ ମହଲରେ ବିଶେଷ ଭାବେ ଆଲୋଚନା ଚାଲିଛି।

➤ ରେଳବାଇ ପାଇଁ ଓଡ଼ିଶାକୁ ୫,୧୦୨ କୋଟି
➤ ଚଣ୍ଡିଖୋଲରେ ଅଶୋଧିତ ଭୂତଳ ତୈଳଭଣ୍ଡାର
➤ ବକ୍ସି ଜଗବନ୍ଧୁଙ୍କ ସ୍ମୃତିସମାରୋହ ପାଇଁ ସ୍ୱତନ୍ତ୍ର ପାଣ୍ଠି

ତେବେ ବଜେଟ୍‌କୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏହି ବଜେଟ୍‌ରେ ସେଭଳି କିଛି ଚମତ୍କାରିତା ନାହିଁ। କାରଣ ବିମୁଦ୍ରାୟନ ଦ୍ୱାରା ପ୍ରଭାବିତ ସାଧାରଣ ଜନତାଙ୍କ ହିତ ଦୃଷ୍ଟିରୁ ଏଥିରେ ଆଶାନୁରୂପ କିଛି ନାହିଁ। ଏହା ଏକ ମିଶ୍ର ବଜେଟ୍ ଓ ଏହା ବିମୁଦ୍ରୀକରଣ ପ୍ରଭାବକୁ ମୁକାବିଲା କରିବାରେ ସମର୍ଥ ନୁହେଁ।

ସେହିଭଳି ରାଜ୍ୟ କଂଗ୍ରେସ କହିଛି, ଚଳିତ ସାଧାରଣବଜେଟ ଚାଷୀ ଓ ଜନବିରୋଧୀ।

କିନ୍ତୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାଧାରଣ ବଜେଟ ପ୍ରସଙ୍ଗରେ କହିଛନ୍ତି ଯେ ଓଡ଼ିଶା ସରକାର ବାରମ୍ବାର ଯେଉଁ କେନ୍ଦ୍ର ଅବହେଳା କଥା କହୁଥିଲେ, ତାହା ଭିତ୍ତିହୀନ ବୋଲି ପ୍ରମାଣିତ ହୋଇଛି।

କିନ୍ତୁ କେନ୍ଦ୍ର ବଜେଟ୍‌କୁ ଐତିହାସିକ ବୋଲି ଅଭିହିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ମଧ୍ୟବିତ୍ତ, ଦଳିତ, ପଛୁଆବର୍ଗ, ଯୁବଗୋଷ୍ଠୀ,

➤ ପୃ-୬

| ଶସ୍ତା | ମହଙ୍ଗା |
|---|---|
| ବଜେଟ୍‌ରେ ଯେଉଁସବୁ ଜିନିଷ ଶସ୍ତା ହୋଇଛି ତା' ମଧ୍ୟରେ ରହିଛି ରେଳ ଟିକଟ ଅନ୍‌ଲାଇନ୍ ବୁକିଂ, ରିଭର୍ସ ଓସମସିସ୍ ମେମ୍ବ୍ରାନି ଉପକରଣ, ଏଲ୍‌ଏନ୍‌ଜି, ସୋଲାର ପ୍ୟାନେଲରେ ବ୍ୟବହୃତ କାଚ, ବ୍ୟାଟେରି ଦ୍ୱାରା ପରିଚାଳିତ ଜେନେରେଟର, ପବନରେ ପରିଚାଳିତ ଜେନେରେଟର, ଚମଡ଼ା ସାମଗ୍ରୀ ନିର୍ମାଣରେ ବ୍ୟବହୃତ ଭେଜିଟେବଲ୍ ଟ୍ୟାନିଂ ଏକ୍ସଟ୍ରାକ୍ଟ, ପଏଣ୍ଟ ଅଫ ସେଲ୍ସ ମେସିନ, ଫିଙ୍ଗରପ୍ରିଣ୍ଟ ରିଡର୍, ପ୍ରତିରକ୍ଷା କର୍ମଚାରୀଙ୍କ ଗୋଷ୍ଠୀ ବୀମା। | ସେହିପରି ଚଳିତ ବଜେଟ୍‌ରେ କେତେକ ଜିନିଷ ଉପରେ ମହଙ୍ଗାମାଡ଼ ହୋଇଛି। ତା' ମଧ୍ୟରେ ଅଛି-ସିଗାରେଟ୍, ପାନ ମସଲା, ସିଗାର, ଚିରୁଟ୍, ବିଡ଼ି, ଚିୟୁଂ ଟବାକୋ, ଏଲ୍‌ଇଡ଼ି ଲ୍ୟାମ୍ପ ଉପକରଣ, କାଜୁ, ଆଲୁମିନିୟମ୍ ଓର୍‌ସ, ଅପ୍ଟିକାଲ ଫାଇବର ନିର୍ମାଣରେ ବ୍ୟବହୃତ ପଲିମର କୋଟେଡ ଏମ୍‌ଏସ୍ ଟେପ୍, ରୌପ୍ୟ ମୁଦ୍ରା ଏବଂ ମେଡାଲ, ମୋବାଇଲ ଫୋନ ନିର୍ମାଣରେ ବ୍ୟବହୃତ ପ୍ରିଣ୍ଟେଡ ସର୍କିଟ୍ ବୋର୍ଡ। |

### ପ୍ରଦୀପ ସେଠୀଙ୍କ ବିସ୍ଫୋରକ ବୟାନ

## ବଢ଼ିଲା କଟକଣା

**ଭୁବନେଶ୍ୱର :** 'ଅର୍ଥତତ୍ତ୍ୱଠାରୁ ଶାସକଦଳ ବିଜେଡି ଦୁଇଜଣ ମନ୍ତ୍ରୀ ବିପୁଳ ପରିମାଣର ଟଙ୍କା ନେଇଛନ୍ତି।' କୋର୍ଟରେ ହାଜର ବେଳେ ପୁଣି ଏଭଳି ବିସ୍ଫୋରକ ବୟାନ ଦେଇଛନ୍ତି ବହୁଚର୍ଚ୍ଚିତ ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ସଂସ୍ଥା ମୁଖ୍ୟ ପ୍ରଦୀପ ସେଠୀ। ସିଧାସଳଖ ଶାସକଦଳର ଦୁଇ ମନ୍ତ୍ରୀଙ୍କ କଥା ଉଲ୍ଲେଖ କରି ରାଜ୍ୟ ରାଜନୀତିରେ ପୁଣି ଥରେ ହଲଚଲ୍ ସୃଷ୍ଟି କରିଛନ୍ତି ପ୍ରଦୀପ। ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ତଦନ୍ତ, ଚଢ଼ଉ ଓ ଗିରଫଦାରିକୁ ନେଇ ଏବେ ବାତାବରଣ ଉଷ୍ମ ଥିବାବେଳେ ସେଥିରେ ପୁଣି ଅଧିକ ଉତ୍ତାପ ସୃଷ୍ଟି କରିଛନ୍ତି।

ଆଜି ଅର୍ଥତତ୍ତ୍ୱ ମାମଲାର ଶୁଣାଣି ପାଇଁ କୋର୍ଟରେ ହାଜର ହେବାକୁ ଆସିଥିବା ବେଳେ ପ୍ରଦୀପ ଗଣମାଧ୍ୟମକୁ କହିଥିଲେ, 'ଶାସକଦଳର ଦୁଇ ଜଣ ବରିଷ୍ଠ ନେତା ବିପୁଳ ପରିମାଣର ଟଙ୍କା ନେଇଛନ୍ତି। ମୁଁ ସେମାନଙ୍କ ସମ୍ପର୍କରେ ଓ ଅନ୍ୟମାନଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ଆଗରୁ କମିଶନରେଟ୍ ପୁଲିସ୍, ସିବିଆଇ ଓ ଇଡିକୁ ଯାହା କହିଛି ସମାନ କଥା ଏବେ ବି କହୁଛି। ସ୍ପେଶାଲ ଫ୍ରଡ୍ ଇନ୍‌ଭେଷ୍ଟିଗେସନ୍ ଅଫିସ୍‌ର (ଏସ୍‌ଏଫ୍‌ଆଇଓ) ତଦନ୍ତକାରୀ ଅଧିକାରୀମାନଙ୍କ ଆଗରେ ସବୁ କହିବି। ଯାହା ଆଗରୁ କହିଛି ସମାନ କଥା କହିବି। କିନ୍ତୁ ଏବେ ମାମଲାର ତଦନ୍ତ ଚାଲିଥିବାରୁ ସେମାନଙ୍କ ନାମ କହିବି ନାହିଁ'। କିନ୍ତୁ ଏ କଥା ସେ ପୂର୍ବରୁ ସିବିଆଇକୁ କହିଛନ୍ତି ବୋଲି ଜୋର୍ ଦେଇ କହିଥିଲେ। ଏପରିକି ସେ ଏ କଥା ମଧ୍ୟ କହିଥିଲେ ଯେ 'ସମସ୍ତ ତଥ୍ୟ ଖୋଲିବେ ଓ ପ୍ରମାଣ କରିବେ ସେ ନିର୍ଦ୍ଦୋଷ'। ପ୍ରଦୀପଙ୍କ ଏହି ବୟାନ ପଛରେ କେତେ ସତ୍ୟତା ରହିଛି ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ତାଙ୍କର ଏହି ବୟାନ ସିବିଆଇ ତଦନ୍ତ ପରିସରଭୁକ୍ତ ହୋଇଛି କି ନାହିଁ

➤ ପୃ-୬




ଓଡ଼ିଶା ଜନଜାତିଙ୍କ ଜୀବନଧାରାର କାହାଣୀ ବଖାଣୁଛି ରାଜଧାନୀର ଆଦିବାସୀ ମେଳା

## ସେନାଗୁଳିରେ ୨ ଆତଙ୍କୀ ନିହତ

**ଶ୍ରୀନଗର :** ଶନିବାର ଦିନ ସେନା ଗୁଳିରେ ଜମ୍ମୁ ଦକ୍ଷିଣ କାଶ୍ମୀରର ବାରାମୁଲା ଜିଲ୍ଲା ଅନ୍ତର୍ଗତ ସୋପୁରରେ ଦୁଇ ଜଣ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ସ୍ଥାନୀୟ ହିଜବୁଲ୍ ମୁଜାହିଦ୍ଦିନ କମାଣ୍ଡର ରହିଥିବା ବେଳେ ଅନ୍ୟଜଣକ ବିଦେଶୀ ନାଗରିକ ବୋଲି ଅନୁମାନ କରାଯାଉଛି। ଦୁଇ ଆତଙ୍କବାଦୀଙ୍କ ସ୍ପଷ୍ଟ ପରିଚୟ ଏଯାଏ ମିଳିପାରିନାହିଁ। ଏହି ଏନ୍‌କାଉଣ୍ଟରରେ ଦୁଇ ଜଣ ପୋଲିସ ଅଧିକାରୀ ଆହତ ହୋଇଛନ୍ତି। ମୃତ ଆତଙ୍କବାଦୀଙ୍କ ନିକଟରୁ ଗୋଟିଏ ଏକେ ୪୭ ରାଇଫଲ୍, ପିସ୍ତଲ ଏବଂ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ଜବତ କରାଯାଇଥିବା ସେନା ମୁଖପାତ୍ର ପ୍ରକାଶ କରିଛନ୍ତି। ଶେର୍ ଆମରଗଡ଼ ଅଞ୍ଚଳ ଦେଇ ଯାଇଥିବା ରାଜପଥ ଦେଇ ଆତଙ୍କବାଦୀମାନେ ଯାଉଥିବା ଖବର ପାଇ ପୋଲିସ ଏବଂ ସେନାର ଯବାନମାନେ ଏନକାଉଣ୍ଟର କରିଥିଲେ। ଏଥିରେ ଦୁଇ ଆତଙ୍କବାଦୀଙ୍କ ପ୍ରାଣହାନି ଘଟିଥିଲା।

## ସାବଧାନ ! ଫେସ୍‌ବୁକ୍‌ରୁ ଦୁଷ୍କର୍ମ

**କଟକ :** କିଶୋରୀ ବୟସରେ ଫେସ୍‌ବୁକ୍ ଚାଟିଂରୁ ଆରମ୍ଭ ହୋଇଥିଲା ନୂଆ ସମ୍ପର୍କ। ସାରାଜୀବନ ସାଥୀ ହେବେ ବୋଲି ନେଇଥିଲେ ପବନରେ ଶପଥ। ବେଦୀ ନୁହେଁ କି ମନ୍ଦିର ନୁହେଁ, ପରିବାରର ଅଗୋଚରରେ ଗୋଟେ ନୂଆ ଜୀବନ ଆରମ୍ଭ କରିବେ ବୋଲି ଦୁଇଜଣ ବିଭୋର ହୋଇଥିଲେ ସ୍ୱପ୍ନରେ। ରାତି ରାତି ଉଜାଗର ରହି ଘଣ୍ଟା ଘଣ୍ଟା ଧରି ମାତିଥିଲେ ଫେସ୍‌ବୁକ୍ ପ୍ରେମରେ। ହେଲେ ଶେଷରେ ଏହି ଫେସ୍‌ବୁକ୍ ଚାଟିଂ ଯେ ଚରିତ୍ରକୁ ଖିନ୍‌ଭିନ୍ କରିଦେବ ତାହା କିଏ ଜାଣିଥିଲା ? ଏପରି ଏକ ସମ୍ବେଦନଶୀଳ ଘଟଣା ଲୋକଲୋଚନକୁ ଆସିଲା ପରେ ଚାରିଆଡ଼େ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



ଗୋଟିଏ ପବିତ୍ର ଭଲପାଇବାର ରୂପ ଯେ ଏତେ ଭୟଙ୍କର ହୋଇପାରେ, ତାହା କଳ୍ପନା କରିବା କଷ୍ଟକର। ପ୍ରାଣଠୁ ଅଧିକ ଭଲପାଉଥିବା ନାବାଳକ ପ୍ରେମିକକୁ ଭେଟିବାକୁ ଆସି ତରୁଣୀଟିଏ ଦୁଷ୍କର୍ମର ଶିକାର ହେବା ଭଳି ଅତ୍ୟନ୍ତ ଲଜ୍ଜାଜନକ ଘଟଣା ଘଟିଯାଇଛି। ଯାହାକୁ ନେଇ ସାମାଜିକସ୍ତରରୁ ଆରମ୍ଭ କରି ପ୍ରଶାସନିକସ୍ତରରେ ମଧ୍ୟ ଆଲୋଡ଼ନ ସୃଷ୍ଟି ହୋଇଛି।

ଏମିତି ଏକ ଲୋମହର୍ଷକ ଘଟଣା ଘଟିଛି କଟକ ସଦର ଥାନା ଅଧୀନ କୁରାଙ୍ଗଶାସନ ଅଞ୍ଚଳରେ। ଫେସ୍‌ବୁକ୍ ପ୍ରେମିକଜଣକ ପ୍ରେମିକାକୁ ଦୁଇଦିନ କାଳ ଏକ କୋଠରି ଭିତରେ ବନ୍ଦ କରି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ତେବେ ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ପରେ ଏ ନେଇ ପ୍ରେମିକାଜଣକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଏତଲାକୁ ଆଧାର କରି ଭାରତୀୟ ଦଣ୍ଡବିଧି ଆଇନର ଦଫା ୩୭୬ ଓ ୬ ପୋକ୍‌ସୋ ଆକ୍ଟ ଅନୁଯାୟୀ ମକଦ୍ଦମା (ନଂ.୩୦/୨୦୧୭) ରୁଜୁ କରିଛି। ପରେ ପ୍ରେମିକାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀମାଇନା କରାଇଛି। ଏହାଛଡ଼ା ଅଭିଯୁକ୍ତ ନାବାଳକ ପ୍ରେମିକକୁ ପୋଲିସ ପଚରାଉଚରା ପରେ ବାଳସୁଧାର ଗୃହକୁ ପଠାଇ ଦେଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ପାଳିତପୁର ଗ୍ରାମର ନାବାଳିକା ପ୍ରେମିକା ଜଣେ ଯୁକ୍ତଦୁଇ ପ୍ରଥମ ବର୍ଷର ଛାତ୍ରୀ। ସେ କୁରାଙ୍ଗଶାସନ ଗ୍ରାମର ଜଣେ ନାବାଳକଙ୍କ ସହିତ ଫେସ୍‌ବୁକ୍‌ରେ ଚାଟିଂ କରୁଥିବାବେଳେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଏହି ପ୍ରେମସମ୍ପର୍କ ଧୀରେ ଧୀରେ ନିବିଡ଼ ହୋଇଥିଲା। କିଛିଦିନ ତଳେ ପ୍ରେମିକଜଣକ ପ୍ରେମିକାଙ୍କୁ କଟକ ଆସିବାକୁ ଫୋନ୍‌ରେ କହିବା ପରେ ପ୍ରେମିକା ଗତ ୨୭ ତାରିଖ ପୂର୍ବାହ୍ନରେ ବାଦାମବାଡ଼ିରେ ଆସି ପ୍ରେମିକଙ୍କୁ ଜଣାଇଥିଲେ। ଏହାପରେ ପ୍ରେମିକ କାର୍ ନେଇ ବାଦାମବାଡ଼ିରେ ପହଞ୍ଚି ତାଙ୍କୁ କାର୍‌ରେ ବସାଇ ନେଇ ଯାଇଥିଲେ। ପ୍ରଥମେ ସେମାନେ ଉତ୍ତମାପୁରରେ ପହଞ୍ଚିଥିଲେ। ପ୍ରେମିକ ତାଙ୍କ ସାଙ୍ଗ ଘରେ ପ୍ରେମିକାଙ୍କୁ ନେଇ ରଖିଥିଲା। ଗତ ୨୬ ଓ ୨୭ ତାରିଖ ଦୁଇଦିନ ଉକ୍ତଘରେ ବିବାହର ପ୍ରତିଶ୍ରୁତି ଦେଇ ପ୍ରେମିକାଙ୍କୁ ଦୁଷ୍କର୍ମ କରିଥିଲା। ୨୮ ତାରିଖ ଦିନ ହଠାତ୍ ପ୍ରେମିକ ଅନ୍ତର୍ଦ୍ଧାନ ହୋଇଯାଇଥିଲା। ଏହାପରେ ପ୍ରେମିକାଜଣକ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରେମିକ ସହ ଯୋଗାଯୋଗ ହୋଇ ନପାରିବାରୁ ନିରାଶ ହୋଇ ୨୯ ତାରିଖରେ ପ୍ରେମିକର ଘରେ ପହଞ୍ଚିଥିଲେ। ସେଠାରେ ସମସ୍ତ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ହେଲେ ସେଠାରୁ ନିରାଶ ହେବା ପରେ ବିଳମ୍ବିତ ରାତିରେ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଖବରପାଇ ଚାଇଲ୍ଡ ଲାଇନ୍‌ର କର୍ମକର୍ତ୍ତାମାନେ ଥାନାରେ ପହଞ୍ଚି ପୀଡ଼ିତାଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିବା ସହ ତାଙ୍କୁ 'ବସୁନ୍ଧରା'ରେ ଛାଡ଼ିଦେଇଥିଲେ। ଏ

➤ ପୃ-୬



## ଛାଟୁପତି ଉବାଚ

ବାପ ସାଥେ ପୁଅ
କଣ୍ଟେଷ୍ଟେ କରଇ
ସରପଞ୍ଚ ପଦ ପାଇଁ
ୱାର୍ଡମେମ୍ବର ଚୌକି ପେଇଁକି
ଭାଇ ସାଥେ ଲଢ଼େ ଭାଇ
ଆଉ ଭଲମନ୍ଦ କିଛି ନାହିଁ
ରାଜନୀତି ପାଠ ଏମିତି ଅଳିଆ
ଗାଈଚାରା ନୁହେଁ,
ଭାଇଚାରା ଯାଏ ଖାଇ।
ଭୋଟ ବେଳକୁ ମା'-ମାଉସୀ
ଧରି ପକାଅନ୍ତି ଚରଣ
ଭୋଟ୍ ସରିଗଲେ ଚୁଟିକି ଧରିକି
ଛଡ଼େଇ ଦିଅନ୍ତି ତିରଣ।
ଛାଡ଼ିଯିବ ତୋର ପରାଣ
ଭତ୍ତା ଖଣ୍ଡେ ପାଇଁ ଦଉଡ଼ି ଦଉଡ଼ି
ଚପଲ ସରିକି, ଘୋରିଯିବ ତୋ' ଚରଣ।

– ପ୍ରତାପ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ଏଟିମ୍ କଟକଣା ହଟିଲା

**ନୂଆଦିଲ୍ଲୀ :** କରେଣ୍ଟ ଆକାଉଣ୍ଟଧାରୀଙ୍କ ପାଇଁ ଉଠାଣ ସୀମା ହଟାଇ ଦେବାର ଆର୍‌ବିଆଇ ଘୋଷଣା କରିଛି। ତେବେ ସେଭିଙ୍ଗ୍‌ସ ଆକାଉଣ୍ଟ୍‌ରୁ ସପ୍ତାହିକ ଟଙ୍କା ଉଠାଣ ସୀମା ବର୍ତ୍ତମାନ ପାଇଁ ଅପରିବର୍ତ୍ତିତ ରହିବ। ଭବିଷ୍ୟତରେ ଏଥିନେଇ ବିଚାର କରାଯିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ୍ କହିଛି। ଅପରପକ୍ଷେ କରେଣ୍ଟ ଆକାଉଣ୍ଟ୍‌ରୁ ଟଙ୍କା ଉଠାଣ ନେଇ ଥିବା ସମସ୍ତ କଟକଣା ଉଠାଇ ଦିଆଯାଇଛି। ପୂର୍ବରୁ କରେଣ୍ଟ ଆକାଉଣ୍ଟରୁ ସପ୍ତାହକୁ ସର୍ବାଧିକ ୧ ଲକ୍ଷ ଟଙ୍କା ଉଠାଇବା ବ୍ୟବସ୍ଥା ରହିଥିଲା। ସେହିପରି କ୍ୟାଶ୍ କେଡ୍ରିଟ୍ ଆକାଉଣ୍ଟ ଓ ଓଭର୍ ଡ୍ରାଫ୍ଟ ଉପରେ ଥିବା ଉଠାଣ କଟକଣା ମଧ୍ୟ ଉଠାଇ ଦିଆଯିବ। ଏହି ନିୟମ ଫେବୃଆରୀ ପହିଲାରୁ ଲାଗୁହେବ।



ସେଭିଙ୍ଗ୍‌ସ ଆକାଉଣ୍ଟ ହୋଲଡର୍‌ମାନେ ଏଟିଏମ୍‌ରୁ ପୂର୍ବରୁ ଥରକେ ୧୦ ହଜାର ଟଙ୍କା ଉଠାଇପାରୁଥିଲା ବେଳେ ଏବେ ଥରକେ ୨୪ ହଜାର ଟଙ୍କା ଉଠାଇପାରିବେ। କିନ୍ତୁ ସେଭିଙ୍ଗ୍‌ସ୍ ଆକାଉଣ୍ଟରୁ ସାପ୍ତାହିକ ଟଙ୍କାଉଠାଣ କଟକଣା ଉଠି ନ ଥିବାରୁ ସେମାନେ ସପ୍ତାହରେ ୨୪ ହଜାରରୁ ଅଧିକ ଟଙ୍କା ଉଠାଇ ପାରିବେ ନାହିଁ ବୋଲି ଆର୍‌ବିଆଇ ସର୍କୁଲାର୍‌ରେ କୁହାଯାଇଛି। ପ୍ରଥମେ ୨୦୦୦ଟଙ୍କା, ଏହା ପରେ ଅଢେଇ ହଜାର ଟଙ୍କା ଏଟିଏମ୍‌ରୁ ଉଠାଯାଇ ପାରୁଥିଲା। ବିମୁଦ୍ରାକରଣକୁ ୫୦ ଦିନ ପୂରିବା ପରେ ଟଙ୍କା ଉଠାଣ ସୀମା ୪୫୦୦କୁ ବୃଦ୍ଧି କରାଯାଇଥିଲା। ଏବେ ସେହି ସୀମା ୧୦,୦୦୦ ଟଙ୍କା ରହିଛି। ତେବେ ଆଗକୁ ଏହା ୨୪,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ଗତ ନଭେମ୍ବର ୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫୦୦ ଓ ୧୦୦୦ଟଙ୍କିଆ ନୋଟ୍ ହଠାତ୍ ଅଚଳ ଘୋଷଣା କରିବା ପରେ କ୍ୟାଶ୍ ସଙ୍କଟ ସୃଷ୍ଟିହେବାରୁ ଏଟିଏମ୍ ଓ ବ୍ୟାଙ୍କରୁ ଟଙ୍କା ଉଠାଣ ଉପରେ କଟକଣା ଜାରି ହୋଇଥିଲା। 'ଦୁର୍ନୀତି ଓ କଳାଧନ ରୋକିବା ପାଇଁ ସରକାର ବିମୁଦ୍ରାକରଣ ଲାଗୁ କରିବା ଦ୍ୱାରା ୧୫.୪୪ ଲକ୍ଷ କୋଟି ଟଙ୍କାର କ୍ୟାଶ୍ ଅଚଳ ହୋଇଯିବା ଯୋଗୁ ଗୁରୁତର କ୍ୟାସ୍ ସଙ୍କଟ ସୃଷ୍ଟି ହୋଇଥିଲା। ଏ ପରିସ୍ଥିତି ଧୀରେ ଧୀରେ ସୁଧୁରିବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ ଆର୍‌ବିଆଇ ଇତିମଧ୍ୟରେ ୯.୨ ଲକ୍ଷ କୋଟି ଟଙ୍କାର ନୂଆ ନୋଟ୍ ପ୍ରଚଳନ କରିଥିବା କଥା ଆର୍‌ବିଆଇ ମୁଖ୍ୟ ଉର୍ଜିତ୍ ପଟେଲ ସଂସଦୀୟ କମିଟିକୁ ସୂଚନା ଦେଇଥିଲେ।

# ଗୃହବନ୍ଦୀରେ ଥାଇ ପୁଣି ଭାରତ ଉପରେ ଆକ୍ରମଣ ଧମକ ଦେଲା ହାଫିଜ୍

**ନୂଆଦିଲ୍ଲୀ :** ସଂସଦ ଓ ମୁମ୍ବାଇ ଉପରେ ହମ୍‌ଲା ଭଳି ବଡ଼ ବଡ଼ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜମାତ୍-ଉଦ୍-ଦାୱାର ମୁଖିଆ ହାଫିଜ୍ ସୟିଦ ପାକିସ୍ତାନରେ ଗୃହବନ୍ଦୀ ହୋଇଥିବା ସୂଚନା ମିଳିଛି। ପଂଜାବ ପ୍ରଦେଶ ପୁଲିସ ମୁଖ୍ୟଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ହାଫିଜ୍‌କୁ ଲାହୋର ନିକଟ ଚୋବୁର୍ଜି ଅଂଚଳରେ ଗୃହବନ୍ଦୀ କରି ରଖିଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଚାପରେ ହାଫିଜ୍‌କୁ ଗୃହବନ୍ଦୀ କରାଯାଇଥିବା ପାକିସ୍ତାନୀ ଗଣମାଧ୍ୟମ କହିଥିବା ବେଳେ ଏଥିପାଇଁ ବି ଭାରତକୁ ଦାୟୀ କରିବା ଛାଡ଼ିନି ହାଫିଜ୍। ଭାରତ ଚାପରେ ତା'କୁ ଅଟକ ରଖାଯାଇଥିବା କହିଛି ହାଫିଜ୍। ସୂଚନାଯୋଗ୍ୟ, ହାଫିଜ୍ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ଜାତିସଂଘରେ ବିଭିନ୍ନ ପ୍ରମାଣ ଉପସ୍ଥାପନ କରିଥିଲେ ମଧ୍ୟ ପାକିସ୍ତାନ ଏଥିପ୍ରତି ଗୁରୁତ୍ୱ ନଦେଇ ହାଫିଜ୍‌କୁ ସୁରକ୍ଷା ଦେଇ ଚାଲିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍ ହାଫିଜର ସଂଗଠନ ଜମାତ୍-ଉଦ୍-ଦାୱାକୁ ନିଷିଦ୍ଧ ଘୋଷଣା କରିବାକୁ ପାକିସ୍ତାନକୁ ଚେତାବନୀ ଦେଇଥିଲେ। ପାକିସ୍ତାନ ଏହା ନକଲେ କଠୋର କଟକଣାକର ସମ୍ମୁଖୀନ ହେବ ବୋଲି ଟ୍ରମ୍ପଙ୍କ ଚେତାବନୀ ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଅନୁମାନ କରାଯାଉଛି। ଜମାତ୍-ଉଦ୍-ଦାୱାକୁ ମଧ୍ୟ ନିଷିଦ୍ଧ ଘୋଷଣା କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିବା କୁହାଯାଉଛି। ଭାରତରେ ବିଗତ ୧୬ ବର୍ଷ ମଧ୍ୟରେ ହୋଇଥିବା ସମସ୍ତ ବଡ଼ ଆତଙ୍କବାଦୀ ଆକ୍ରମଣ ପଛରେ ହାଫିଜ୍ ସୟିଦର ହାତ ରହିଛି। ଲସ୍କର-ଏ-ତୋଇବା ଏବଂ ଜମାତ୍-ଉଦ୍-ଦାୱା ଆତଙ୍କବାଦୀ ସଂଗଠନର ଦ୍ୱାରା ସେ ଭାରତକୁ ହିଁ ମୁଖ୍ୟତଃ ଟାର୍ଗେଟ୍ କରୁଥିଲା। ହାଫିଜ୍ ଦ୍ୱାରା ସଂଘଟିତ କିଛି ବଡ଼ ଆତଙ୍କବାଦୀ ହମ୍‌ଲା ଯାହା ୨୦୦୧ ସଂସଦ ଭବନ ଆକ୍ରମଣରେ ୬ ପୁଲିସ କର୍ମୀସହ ୮ଜଣ ସହିଦ ହୋଇଥିଲେ। ଏବଂ ୨୦୦୬ ମୁମ୍ବାଇ ସିରିଜ୍ ଟ୍ରେନ୍ ବିସ୍ଫୋରଣରେ ୨୦୯ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୦୮ ମୁମ୍ବାଇ ଆକ୍ରମଣରେ ୧୬୬ଜଣ ପ୍ରାଣ ହରାଇଥିବା ବେଳେ ୨୦୧୬ ଉରି ହମ୍‌ଲାରେ ଦେଶର ୧୮ ଜଣ ଯବାନ ସହିଦ ହୋଇଥିଲେ ଯାହାସବୁରେ ହାଫିଜ୍‌ର ହାତଥିଲା। ମୋଷ୍ଟ୍ ୱାଣ୍ଟେଡ୍ ଆତଙ୍କବାଦୀ ହାଫିଜ୍‌କୁ ଧରିବା ପାଇଁ ଆମେରିକା ୨୦୧୨ରେ ୧୦ ନିୟୁତ ଡଲାର ପୁରସ୍କାର ଘୋଷଣା କରିଥିଲା। ତେବେ ପାକିସ୍ତାନ ସେନା ଏବଂ ଆଇଏସ୍‌ଆଇର ସହାୟତାରେ



ହାଫିଜ ପାକିସ୍ତାନରେ ଖୋଲା ବିଚରଣ କରିବାକୁ ସକ୍ଷମ ହୋଇଥିଲା ଏବଂ ତାକୁ ଗିରଫ କରାଯାଇନଥିଲା। ଏହା ପୂର୍ବରୁ ୨୦୦୮ ଏବଂ ୨୦୦୯ରେ କିଛିଦିନ ପାଇଁ ହାଫିଜ୍‌କୁ ପାକିସ୍ତାନ ସରକାର ଗୃହବନ୍ଦୀ କରି ରଖିଥିଲେ ମଧ୍ୟ ଆତଙ୍କବାଦୀ ସଂଗଠନଗୁଡ଼ିକର ଚାପରେ ତାକୁ ଛାଡ଼ି ଦେଇଥିଲେ।

# ଆଇଟି କମ୍ପାନିଙ୍କୁ ଟ୍ରମ୍ପ୍ ଚଡ଼କ

**ୱାଶିଂଟନ୍ :** ଆମେରିକାରେ ଟ୍ରମ୍ପ୍ ସରକାର ଆସିଲା ପରେ ଏଚ୍-୧ ବି ଭିସାକୁ ଅଧିକ କଡ଼ାକଡ଼ି କରିବାକୁ ପଦକ୍ଷେପ ନିଆଯାଉଛି। ଏଠାକାର ପ୍ରତିନିଧି ସଭାରେ ଏ ନେଇ ଏକ ବିଲ୍ ଆଗତ ହୋଇଛି। ଏହି ବିଲ୍ ଗୃହୀତ ହେଲେ ଆମେରିକୀୟ କମ୍ପାନି ଗୁଡ଼ିକ ଏଚ୍-୧ ବି ଭିସାରେ ନିଯୁକ୍ତି ଦେଉଥିବା ବିଦେଶୀ କର୍ମଚାରୀଙ୍କ ସର୍ବନିମ୍ନ ବେତନ ୧ ଲକ୍ଷ ୩୦ ହଜାର ଡଲାର ହେବ। ୧ ଡଲାରକୁ ୬୮ ଟଙ୍କା ହିସାବରେ ଏହି ରାଶି ପ୍ରାୟ ୮୮ ଲକ୍ଷ ଟଙ୍କାରୁ ଅଧିକ ରହିବ। ବର୍ତ୍ତମାନ ଏହି ଭିସାରେ କର୍ମଚାରୀଙ୍କ ସର୍ବନିମ୍ନ ବେତନ ୬୦ ହଜାର ଡଲାର ରହିଛି। ୧୯୮୯ ମସିହାରେ ଏଚ୍-୧ ବି ଭିସା ଆଇନରେ ସଂଶୋଧନ ଅଣାଯାଇ ସର୍ବନିମ୍ନ ବେତନ ୬୦ ହଜାର ଡଲାର ରଖାଯାଇଥିଲା। 'ଆମେରିକା ପ୍ରଥମ' ସ୍ଲୋଗାନ ଦେଇ ଆସୁଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବାର ୧୦ ଦିନ ମଧ୍ୟରେ ଏହି ବିଲ୍‌କୁ ଆଗତ କରାଯାଇଛି। ଏହି ବିଲ୍ ଆଗତ ଫଳରେ ବିଦେଶୀ କମ୍ପାନିଗୁଡ଼ିକ ଛାନିଆଁ ହୋଇ ପଡ଼ିଛନ୍ତି। ବିଶେଷକରି ଭାରତୀୟ ଆଇଟି କମ୍ପାନିଙ୍କ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି। ଭାରତୀୟ ଆଇଟି କମ୍ପାନିଗୁଡ଼ିକ ସେମାନଙ୍କ ରାଜସ୍ୱର ପ୍ରାୟ ୬୦ ପ୍ରତିଶତ ଆମେରିକା ବଜାର ଯୋଗୁଁ ପାଉଥିଲେ। କିନ୍ତୁ ନୂଆ ଭିସା ନିୟମ ଲାଗୁ ହେଲେ କର୍ମଚାରୀମାନଙ୍କୁ ଅଧିକ ବେତନ ଦେବା ଭାରତୀୟ ଆଇଟି କମ୍ପାନିଙ୍କ ପାଇଁ କଷ୍ଟକର ହେବା ଫଳରେ ସେମାନଙ୍କ ଲାଭ ମଧ୍ୟ ପ୍ରଭାବିତ ହେବ। ଭିସା ବିଲ୍‌ରେ ସଂସ୍କାର ଆସିଲେ ଆମେରିକୀୟ କର୍ମଚାରୀ ପରିବର୍ତ୍ତେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବା ମଧ୍ୟ କଷ୍ଟକର ହେବ। ଏହି ବିଲ୍‌ର ନାମ ହାଇ-ସ୍କିଲ୍‌ଡ ଇଣ୍ଟିଗ୍ରିଟି ଆଣ୍ଡ ଫେୟାରନେସ୍ ଆକ୍ଟ-୨୦୧୭ ରଖାଯାଇଛି। କାଲିଫର୍ଣ୍ଣିଆର କଂଗ୍ରେସ ସଦସ୍ୟ ଜୋ ଲୋଫଗ୍ରିନ ଏହି ବିଲ୍ ଆଗତ କରିଛନ୍ତି। ସେ କହିଛନ୍ତି ଏହି ବିଲ୍‌ରେ ଏଚ୍-୧ ବି ଭିସା ଆଇନର ମୌଳିକ ଲକ୍ଷ୍ୟ ହାସଲ ପାଇଁ ପ୍ରଚେଷ୍ଟା କରାଯାଇଛି। ବିଦେଶରୁ ପ୍ରତିଭାମାନଙ୍କୁ ଆକୃଷ୍ଟ କରିବା ପାଇଁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ହେଲେ ଆମେରିକୀୟ କର୍ମଚାରୀଙ୍କ ବଦଳରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ନିରୁତ୍ସାହିତ କରାଯିବ। ତେବେ କ୍ଷୁଦ୍ର ଏବଂ ଷ୍ଟାର୍ଟ କମ୍ପାନିଙ୍କ ପାଇଁ ବାର୍ଷିକ ଏଚ୍-୧ ବି ଭିସାର ୨୦ ପ୍ରତିଶତ ସଂରକ୍ଷିତ ରଖିବା ପାଇଁ ବିଲ୍‌ରେ ବ୍ୟବସ୍ଥା ରଖାଯାଇଛି। ୫୦ ଜଣରୁ କମ୍ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିବା ଆମେରିକୀୟ କମ୍ପାନିଗୁଡ଼ିକ ଏହି ସୁବିଧା ପାଇବେ। ସେମାନେ ପ୍ରତିଭାଧାରୀ କର୍ମଚାରୀ ପାଇବାରେ ଯେଭଳି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ତାହାକୁ ଦୃଷ୍ଟିରେ ରଖି ବିଲ୍‌ରେ ଏହି ପ୍ରସ୍ତାବ ରଖାଯାଇଛି।

ଲିଭ -ଇନ୍ ପାର୍ଟନର୍‌ଙ୍କୁ ହତ୍ୟା

## ମାର୍ବଲ ଚଟାଣ ତଳୁ ମିଳିଲା ମୃତଦେହ

**ଭୋପାଳ :** ସୋସିଆଲ ମିଡିଆରୁ ପ୍ରେମ ଆରମ୍ଭ ହେବା ପରେ ଲିଭ-ଇନ୍ ସମ୍ପର୍କରେ ରହୁଥିବା ପ୍ରେମିକାଙ୍କୁ ଜଣେ ବ୍ୟକ୍ତି ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତଦେହକୁ ନିଜ ଘରର ମାର୍ବଲ ଚଟାଣ ତଳେ ସେ ପୋତିଦେଇଥିବା ଜଣାପଡ଼ିଛି। ଏହି ବୀଭତ୍ସ କାଣ୍ଡ ଘଟାଇଥିବା ମଧ୍ୟପ୍ରଦେଶର ୩୨ ବର୍ଷୀୟ ଯୁବକଙ୍କ ନାମ ଉଦୟନ ଦାସ। ପଶ୍ଚିମବଙ୍ଗର ବାଙ୍କୁରା ନିବାସୀ ଆକାଂକ୍ଷା ଓରଫ୍ ଶ୍ୱେତା ଶର୍ମା(୨୮)ଙ୍କୁ ହତ୍ୟା କରିବାର ମାସେ ପରେ ଗତ ଗୁରୁବାର ସେ ଗିରଫ ହୋଇଛନ୍ତି। ଉଦୟନଙ୍କ ସହ ଆମେରିକାରେ ଲିଭ୍-ଇନ୍‌ରେ ରହୁଥିବା ଆକାଂକ୍ଷା ଘର ଲୋକଙ୍କୁ ଜଣାଇଥିଲେ। ଗତ ଡିସେମ୍ବରରୁ ଝିଅ ସହ ଯୋଗାଯୋଗ ହୋଇପାରିଲା ନାହିଁ। କେବଳ ଟେକ୍ସଟ୍ ମେସେଜ୍ ମିଳିଥିଲା। ଏହାପରେ ଯୋଗାଯୋଗ ନହେବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

# ବେନାମୀ ସମ୍ପତ୍ତି ଉପରେ କେନ୍ଦ୍ରର ନଜର

**ନୂଆଦିଲ୍ଲୀ :** ବେନାମୀ ସମ୍ପତ୍ତି ଉପରେ ଆୟକର ବିଭାଗର ଚଢ଼ଉ ଆରମ୍ଭ ହୋଇଯାଇଛି। ଦେଶର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଆୟକର ବିଭାଗ ୪୨ଟି ସମ୍ପତ୍ତିକୁ ଜବତ କରିଛି। ନିକଟରେ ନୂତନ ଭାବେ ଲାଗୁ କରାଯାଇଥିବା ବେନାମୀ ସମ୍ପତ୍ତି ନିୟମ ଅନୁଯାୟୀ ଆୟକର ବିଭାଗ ଏହି ଚଢ଼ଉ ଅଭିଯାନ ଆରମ୍ଭ କରିଛି। ଗତବର୍ଷ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରାଯିବା ପରେ ଦେଶରେ କଳାଟଙ୍କା ରଖିଥିବା ଲୋକ ଓ ସଂସ୍ଥାଗୁଡ଼ିକ ଉପରେ ଆୟକର ବିଭାଗ ପକ୍ଷରୁ ଘନଘନ ଚଢ଼ଉ କରି ବିପୁଳ ପରିମାଣର ନୋଟ୍ ଜବତ କରାଯାଇଥିଲା। ବିମୁଦ୍ରୀକରଣ ଅବଧି ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ଆଗାମୀ ପ୍ରହାର ବେନାମୀ ସମ୍ପତ୍ତି ଉପରେ ହେବ। ବେନାମୀ ସମ୍ପତ୍ତି ନିୟମ ୨୦୧୬ ନଭେମ୍ବର ୧ରୁ କାର୍ଯ୍ୟକାରୀ ହୋଇଛି। ଏଥିରେ ମୋଟାଅଙ୍କର ଜରିମାନା ଓ ସାତବର୍ଷ ଜେଲ୍‌ଦଣ୍ଡ ଭଳି ବ୍ୟବସ୍ଥା ରହିଛି। ସୂଚନାଯୋଗ୍ୟ ଯେ ଏହି ନିୟମକୁ କାର୍ଯ୍ୟକାରୀ କରିବାର ନୋଡାଲ୍ ସଂସ୍ଥା ହେଉଛି ଆୟକର ବିଭାଗ। ଆୟକର ବିଭାଗ ପକ୍ଷରୁ ବେନାମୀ ସମ୍ପତ୍ତି ଉପରେ ପ୍ରଥମ ପର୍ଯ୍ୟାୟ ଚଢ଼ଉରେ ୮୭ଟି ନୋଟିସ୍ ଜାରି କରାଯାଇଛି। ବେନାମୀ ସମ୍ପତ୍ତି ନିୟମ ଆଧାରରେ ଆୟକର ବିଭାଗ ପକ୍ଷରୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିବ୍ୟତୀତ ବେନାମୀ ବ୍ୟାଙ୍କ୍ ଖାତାରେ ଟଙ୍କା ଜମା, ଜନ ଖାତା ଓ ଅଚଳ ହୋଇପଡ଼ିଥିବା ଖାତାରେ ଟଙ୍କା ଜମା ମାମଲା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି। ବିମୁଦ୍ରୀକରଣ ପରେ ଏଭଳି ଖାତାଗୁଡ଼ିକରେ ବିପୁଳ ପରିମାଣର ଅଚଳନୋଟ୍ ଜମା କରାଯାଇଥିବା ଆୟକର ବିଭାଗ ଜାଣିବାକୁ ପାଇଛି। ଏହି ନୂତନ ନିୟମରେ ଯେଉଁମାନେ ବେନାମୀ ଟଙ୍କା ନିଜ ଖାତାରେ ଜମା ରଖିଛନ୍ତି ଓ ପ୍ରକୃତ ଜମାକାରୀ ଉଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ଟିକସ ଅଧିକାରୀମାନେ ପ୍ରଦାନ କରାଯାଇଛି। ଅଧିକାରୀମାନେ ଉଭୟ ପକ୍ଷରୁ ସମ୍ପତ୍ତି ଜବତ କରିବା ସହିତ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିପାରିବେ।

# ମାଲ୍ୟାଙ୍କୁ ଋଣ ଦେବାରେ ସହାୟତା କରିଥିଲେ ମନମୋହନ : ବିଜେପି




**ନୂଆଦିଲ୍ଲୀ :** ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ବେଆଇନ ଭାବେ ଋଣ ଦେବାରେ ସହାୟତା କରିଥିଲେ। ମାଲ୍ୟାଙ୍କ କିଙ୍ଗଫିସର୍ ବିମାନସେବା କମ୍ପାନୀକୁ ଦେବାଳିଆ ହେବାରୁ ବଞ୍ଚାଇବା ପାଇଁ ମନମୋହନ ତାଙ୍କୁ ଋଣ ଦେବାରେ ସହାୟତା କରିଥିବା ବିଜେପି ଅଭିଯୋଗ କରିଛି। ମାଲ୍ୟା ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଓ ଅର୍ଥମନ୍ତ୍ରୀ ପି ଚିଦାମ୍ବରମ୍‌ଙ୍କୁ ଚିଠି ଲେଖିଥିବା ବିଜେପି ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି। ମନମୋହନଙ୍କ ଚାପରେ ଆୟକର ବିଭାଗ ମାଲ୍ୟାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବା ସେ ଅଭିଯୋଗ କରିଛନ୍ତି। କିଙ୍ଗଫିସର ଦେବାଳିଆ ଅବସ୍ଥାକୁ ଚାଲିଆସିଥିବା ବେଳେ ମାଲ୍ୟାଙ୍କୁ ୯ ହଜାର କୋଟିର ଋଣ ମିଳିବା ପଛରେ ମନମୋହନ ସରକାରଙ୍କ ପ୍ରଚ୍ଛନ୍ନ ହାତ ରହିଥିଲା। ମାଲ୍ୟା ଓ ମନମୋହନଙ୍କ ମଧ୍ୟରେ ଦିଆନିଆ ହୋଇଥିବା ପତ୍ର ଓ ଇମେଲ୍‌ର ପ୍ରମାଣ ତାଙ୍କ ପାଖରେ ଥିବା ସମ୍ବିତ କହିଛନ୍ତି। ୨୦୦୮ରେ ଆଉଥରେ ଋଣ ପ୍ରଦାନ କରାଯାଇଥିଲା। ମାଲ୍ୟାଙ୍କ କମ୍ପାନୀକୁ ଅଚଳ ସଂପତ୍ତି ଘୋଷଣା କରାଯିବା ସତ୍ତ୍ୱେ ୨୦୧୦ରେ ତାଙ୍କୁ ପୁନର୍ବାର ଋଣ ଦିଆଯାଇଥିଲା। ତେବେ ମନମୋହନ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏବଂ ଏହି ମାମଲାରେ ମୁଁ ଆଇନକୁ ସମ୍ମାନ ଦେଇ କାମ କରିଛି ବୋଲି କହିଛନ୍ତି।

# ପାକିସ୍ତାନ ସମେତ ୫ ରାଷ୍ଟ୍ରକୁ କୁଏତ୍ ମନା

**କୁଏତ୍ :** ଇସ୍‌ଲାମିକ ଆତଙ୍କବାଦ କବଳରୁ ରକ୍ଷା ପାଇବା ପାଇଁ କୁଏତ ପାଂଚଟି ପ୍ରମୁଖ ମୁସଲିମ ରାଷ୍ଟ୍ରର ନାଗରିକଙ୍କ ଉପରେ ଭିସା କଟକଣା ଲାଗୁ କରିଛି। ସିରିଆ, ଇରାନ, ଇରାକ, ଆଫଗାନିସ୍ତାନ ଓ ପାକିସ୍ତାନର ନାଗରିକମାନଙ୍କ କୁଏତ ପ୍ରବେଶ ଉପରେ ଏହି କଟକଣା ଲାଗୁ କରାଯାଇଛି। ଏହି ରାଷ୍ଟ୍ରମାନଙ୍କର କୌଣସି ନାଗରିକ ଭିସା ପାଇଁ ଆବେଦନ ନ କରିବାକୁ ସରକାର ପରାମର୍ଶ ଦେବାସହ ଏପରି ଆବେଦନ ହୋଇଥିଲେ ସେମାନଙ୍କୁ ଭିସା ନଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।



ଏହି ପାଂଚ ରାଷ୍ଟ୍ର ମୌଳବାଦୀ ମୁସଲିମ ଆତଙ୍କବାଦୀଙ୍କ ଚରାଭୂଇଁ ହୋଇଥିବାରୁ ପର୍ଯ୍ୟଟନ ଓ ବାଣିଜ୍ୟ ଭିସାକୁ ମାଧ୍ୟମ କରି ଆତଙ୍କବାଦୀମାନେ ଦେଶରେ ପ୍ରବେଶ କରିପାରନ୍ତି ବୋଲି କୁଏତ ସରକାର ଆକଳନ କରିଛନ୍ତି। ଫଳରେ ଭବିଷ୍ୟତରେ କୁଏତ୍ ମୌଳବାଦର ଶିକାର ହୋଇପାରେ ବୋଲି ସରକାର ଆଶଙ୍କା ବ୍ୟକ୍ତ କରିଥିବା ସ୍ପୁଟନିକ ଇଣ୍ଟରନ୍ୟାସନାଲ ପ୍ରକାଶ କରିଛି। ୨୦୧୧ରୁ କୁଏତ ସରକାର ସିରିଆ ଉପରେ ଭିସା କଟକଣା ଲାଗୁ କରିଛନ୍ତି। ୨୦୧୫ରେ ଏକ ସିଆ ମସଜିଦ୍ ଉପରେ ଆତଙ୍କବାଦୀଙ୍କ ବୋମାମାଡ଼ରେ ୨୭ କୁଏତ ନାଗରିକ ପ୍ରାଣ ହରାଇଥିଲେ। ପାରସ୍ୟ ଉପସାଗର ତଟବର୍ତ୍ତୀ ଦେଶମାନଙ୍କ ମଧ୍ୟରେ କୁଏତ ଏକ କ୍ଷୁଦ୍ର ରାଷ୍ଟ୍ର ହୋଇଥିଲେ ମଧ୍ୟ ଦେଶର ସଂସ୍କୃତି ଓ ଐତିହ୍ୟ ପ୍ରତି ଏହା ବେଶ୍ ସଚେତନ। କୁଏତର କଠୋର ସାଂସ୍କୃତିକ ଆଇନକୁ ବିରୋଧ କରି ଏହି ବିସ୍ଫୋରଣ ହୋଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହାପରଠାରୁ କୁଏତ ସରକାର ଆତଙ୍କବାଦ ବିରୋଧରେ ବହୁ କଟକଣା ଲାଗୁ କରିଥିଲେ ମଧ୍ୟ ସିରିଆ ବ୍ୟତୀତ ଅନ୍ୟ କୌଣସି ଦେଶର ନାଗରିକଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇନଥିଲେ। ୨୦୧୬ର ଏକ ସର୍ଭେ ଅନୁସାରେ କୁଏତର କଠୋର ସାଂସ୍କୃତିକ ନିୟମ ପାଇଁ ପ୍ରବାସୀ ନାଗରିକଙ୍କ ପାଇଁ ଏହା ସବୁଠାରୁ ନିକୃଷ୍ଟ ୪ଦେଶ ଭାବରେ ବିବେଚିତ ହୋଇଛି। ଗଲ୍‌ଫ ସହଯୋଗ ପରିଷଦର(ଜିସିସି) ସଦସ୍ୟ ଭାବରେ ଜିସିସି ଓ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନାରେ କୁଏତ ପ୍ରମୁଖ କାରଣ ହୋଇଆସିଛି।

ଉଲ୍ଲେଖଯୋଗ୍ୟ, ଗତ ଶୁକ୍ରବାର ଦିନ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ସାତଟି ମୁସଲିମ ଦେଶ ୭ଟି ମୁସ୍‌ଲିମ ଦେଶ ସିରିୟା, ଇରାକ, ଇରାନ, ଲିବିୟା, ୟେମେନ, ସୋମାଲିଆ ଓ ସୁଦାନର ନାଗରିକଙ୍କ ଆମେରିକାରେ ପ୍ରବେଶ ନେଇ ଭିସା କଟକଣା ଲଗାଇଛନ୍ତି। ଆମେରିକାର କଟକଣା ପରେ ପ୍ରଥମ ଦେଶ ଭାବରେ କୁଏତ ୫ ମୁସଲମାନ ରାଷ୍ଟ୍ରର ନାଗରିକଙ୍କ ଉପରେ ଭିସା ପ୍ରତିବନ୍ଧକ ଲାଗୁ କରିଛି।

# ସଦାନନ୍ଦ ବିଭାର ହତ୍ୟା ମାମଲା ୬ ଜଣଙ୍କୁ ଆଜୀବନ କାରାଦଣ୍ଡ

**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ଥାନା ଅନ୍ତର୍ଗତ ବନ୍ଧଖାଲି ଗ୍ରାମର ସଦାନନ୍ଦ ବିଭାରଙ୍କ ହତ୍ୟା ମାମଲାର ବିଚାର କରି ଆଜି ଜିଲ୍ଲା ଦୌରାଜଜ୍ ଏକ ଐତିହାସିକ ରାୟ ଶୁଣାଇ ୬ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ୨୦୧୪ ମସିହାରେ ବନ୍ଧଖାଲି ଗ୍ରାମରେ ରହୁଥିବା ଏକମାତ୍ର ହରିଜନ ପରିବାର ସଦାନନ୍ଦ ବିଭାରଙ୍କ ସହ ସେହି ଗ୍ରାମର ଆଦିବାସୀ ମାନଙ୍କ ଏକ ପୋଡ (ମହିଷି) କିଣାକୁ ନେଇ ୨୦୦୦ଟଙ୍କା ସଦାନନ୍ଦ ଦେଇ ନପାରିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଓ ଶତୃତା ଲାଗି ରହିଥିଲା। ଯାହାକୁ କେନ୍ଦ୍ର କରି ବନ୍ଧଖାଲି ଗ୍ରାମର ୭ଜଣ ଆଦିବାସୀ ସଦାନନ୍ଦଙ୍କୁ ଗ୍ରାମର ଏକ ଖୁଂଟରେ ବାନ୍ଧି ତାଙ୍କ ପତ୍ନୀଙ୍କ ସମ୍ମୁଖରେ ପିଟି ପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲେ। ପତ୍ନୀଙ୍କ ଅଭିଯୋଗ କ୍ରମେ, ଲାଞ୍ଜିଗଡ ପୋଲିସ ଥାନା କେସ ନଂ ୧୭/୨୦୧୪ ଅନୁଯାୟୀ ଦଲି ମାଝୀ (୨୭) ପିତା ଲାଇ ମାଝୀ, ଲାଇ ମାଝୀ (୬୦) ପିତା ବାଙ୍ଗରା ମାଝୀ, ଲବ ମାଝୀ (୪୫) ପିତା ବୁରୁଦା ମାଝୀ, ଉମ୍ବୁ ମାଝୀ (୩୫) ପିତା ବୁରୁଦା ମାଝୀ, ନରୀ ମାଝୀ (୪୦) ପିତା ସାନାଙ୍ଗା ମାଝୀ, ଦାମ୍ବୁ ମାଝୀ (୩୫) ପିତା ଲକ୍‌ସା ମାଝୀ, ଧନଫୁଲ ମାଝୀ (୪୫) ପିତା ଲଣ୍ଡା ମାଝୀ ଗ୍ରାମ କୋଟ୍‌ବୁଣ୍ଡେଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ୭ଜଣ ଦୋଷୀଙ୍କ ମଧ୍ୟରୁ ଲାଇ ମାଝୀଙ୍କ ଭବାନୀପାଟଣା କାରାଗାରରେ ମୃତ୍ୟୁ ହୋଇଥିଲା। ଆଜି ଏହି ହତ୍ୟା ମାମଲାର ବିଚାର କରି ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ବୟାନକୁ ଭିତି କରି ଜିଲ୍ଲା ଦୌରାଜଜ୍ ବିକ୍ରମ କେଶରୀ ପଟ୍ଟନାୟକ ସମ୍ପୃକ୍ତ ୬ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଭବାନୀଶଙ୍କର ମିଶ୍ର ଓ ପ୍ରତିପକ୍ଷ ଓକିଲ ଭାବେ ଆଇନଜିବୀ ଗଣପତି ନାଏକ ମାମଲା ପରିଚାଳନା କରିଥିଲେ।

# ମାଟିହାଣ୍ଡି ଖାଦ୍ୟ ସ୍ୱାସ୍ଥ୍ୟପ୍ରଦ



ବିଜ୍ଞାନଯୁଗରେ ଲୋକେ କେବଳ ଉତ୍ତମ ପୋଷକତତ୍ତ୍ୱ ଥିବା ପନିପରିବା ତଥା ଅନ୍ୟାନ୍ୟ ଖାଦ୍ୟର ତାଲିକା ପ୍ରସ୍ତୁତ କରି ଭୋଜନ କରୁଛନ୍ତି ହେଲେ ପ୍ରକୃତରେ ଏହା ସ୍ୱାସ୍ଥ୍ୟ ପାଇଁ କେତେ ହିତକାରୀ, ତାହା ବୋଧହୁଏ କେହି ଭାବୁନାହାନ୍ତି। ନିକଟରେ ବିଶ୍ୱସ୍ତରୀୟ ଖାଦ୍ୟ ସର୍ବେକ୍ଷଣ ହୋଇଥିଲା। ୨୦୧୬ ଶେଷ ଭାଗରେ ହୋଇଥିବା ଏହି କାର୍ଯ୍ୟରେ ମାଟି ହାଣ୍ଡି ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ ତଥ୍ୟ ପ୍ରକାଶିତ। କେବଳ ଭାରତ ଓ ଜାପାନର କାଁଭାଁ କେତୋଟି ଅଂଚଳରେ ହିଁ ଆଜିର ସମୟରେ ମାଟି ହାଣ୍ଡିରେ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଛି। ଆଧୁନିକ ବିଜ୍ଞାନ ମଧ୍ୟ ସ୍ୱୀକାର କରିଛି ଯେ ପ୍ରକୃତରେ ମାଟି ହାଣ୍ଡି ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହିତକାରୀ। ମାଟି ହାଣ୍ଡିରେ ଖାଦ୍ୟ ଯଦିଓ ସାମାନ୍ୟ ବିଳମ୍ବରେ ରାନ୍ଧିହୁଏ. ହେଲେ ସ୍ୱାସ୍ଥ୍ୟ ଉପରେ ଏହା କୌଣସି କୁପ୍ରଭାବ ପକାଇନଥାଏ। ବିଶେଷଜ୍ଞଙ୍କ ମତରେ ମାଟି ବାସନ ବ୍ୟବହାର କରି ରାନ୍ଧିଲେ, ଶରୀରକୁ ୧୮ ପ୍ରକାରର ପୋଷକତତ୍ତ୍ୱ ମିଳିଥାଏ। ଏଥିରୁ ପ୍ରସ୍ତୁତ ବ୍ୟଞ୍ଜନ ସୁଆଦିଆ ହେବା ସହ ଖାଦ୍ୟ ଶୀଘ୍ର ଖରାପ ହୁଏନାହିଁ।

# ନିର୍ଭୟା ମାମଲା: ଦଣ୍ଡାଦେଶର ହେବ ସାନି ଶୁଣାଣି

ନୂଆଦିଲ୍ଲୀ: ନିର୍ଭୟା ଗଣବଳାତ୍କାର ମାମଲାରେ ମୃତ୍ୟୁଦଣ୍ଡ ପାଇଥିବା ୪ ଦୋଷୀଙ୍କୁ କରାଯାଇଥିବା ଦଣ୍ଡାଦେଶର ଶୁଣାଣି ନୂଆକରି କରିବା ଲାଗି ଗତ ଶୁକ୍ରବାର ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଆମିକସ୍ କ୍ୟୁରି ଭାବେ ସହଯୋଗ କରୁଥିବା ସୁପ୍ରିମ୍‌କୋର୍ଟର ବରିଷ୍ଠ ଓକିଲ ରାଜ ରାମଚନ୍ଦ୍ରନ୍‌ଙ୍କ ଯୁକ୍ତି ଶୁଣିବା ପରେ ଜଷ୍ଟିସ ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ କରାଯିବା ସମୟରେ ତଳ କୋର୍ଟରେ ଲିଖିତ ଭାବେ ଦଣ୍ଡ ସଂହିତା(ସିଆର୍‌ପିସି)କୁ ଅନୁସରଣ କରାଯାଇ ନଥିଲା ବୋଲି ଆମିକସ୍ କ୍ୟୁରି ରାମଚନ୍ଦ୍ରନ୍ ଯୁକ୍ତି ବାଢିଥିଲେ। ତେବେ ଏହି ତ୍ରୁଟିକୁ ଠିକ୍ କରିବା ଲାଗି ଖଣ୍ଡପୀଠ ଦୁଇଟି ପ୍ରସ୍ତାବ ଦେଇଛନ୍ତି। ତାହା ହେଉଛି ନିମ୍ନ କୋର୍ଟରେ ପୁଣିଥରେ ବିଚାରପତି ଦଣ୍ଡାଦେଶ କରିବେ କିମ୍ବା ନିଜେ ସୁପ୍ରିମ୍‌କୋର୍ଟ ନୂଆକରି ଏହାର ଶୁଣାଣି କରିବେ। ପ୍ରଥମ ଉପାୟ ଆପଣାଇବା ଉଚିତ ହେବ ନାହିଁ ଦର୍ଶାଇ ସର୍ବୋଚ୍ଚ ଅଦାଲତ ଦ୍ୱିତୀୟ ମାର୍ଗକୁ ଆପଣାଇବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଉପୁଜିଥିବା ପରିସ୍ଥିତିକୁ ଶାନ୍ତ କରିବା ଭଳି ନଥିପତ୍ର ସାଙ୍ଗକୁ ସତ୍ୟପାଠ ଦାଖଲ କରିବା ଲାଗି ଅଭିଯୁକ୍ତମାନଙ୍କୁ ଏକ ସୁଯୋଗ ଦିଆଯିବା ଉଚିତ ବୋଲି ପୀଠ କହିଛନ୍ତି। ତେବେ ଏଥିଲାଗି ତିହାର ଜେଲ୍‌ରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଏନେଇ ଅବଗତ କରାଯାଉ। ଫଳରେ ସେମାନେ ଫେବୃଆରୀ ୨୩ ସୁଦ୍ଧା ସତ୍ୟପାଠ ଏବଂ ଏ ସମ୍ପର୍କିତ ନଥିପତ୍ର ଦାଖଲ କରିପାରିବେ ବୋଲି ସେମାନଙ୍କ ଓକିଲମାନଙ୍କୁ ପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଆଗାମୀ ଶୁଣାଣି ଫେବୃୟାରୀ ୬ରେ କରିବା ଲାଗି ଅଦାଲତ ନିର୍ଦ୍ଧାରଣ କରିଛନ୍ତି। ୨୦୧୨ ଡିସେମ୍ବର ୧୬ରେ ଦିଲ୍ଲୀରେ ଏକ ଚଳନ୍ତା ବସ୍‌ରେ ଜଣେ ପାରା ମେଡିକାଲ୍ ଛାତ୍ରୀଙ୍କୁ ୬ଜଣ ଗଣବଳତ୍କାର କରିଥିଲେ। ୧୩ ଦିନ ପରେ ପୀଡିତା ସିଙ୍ଗାପୁର ଡାକ୍ତରଖାନାରେ ପ୍ରାଣ ହରାଇଥିଲେ। ୬ ଅଭିଯୁକ୍ତଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ରାମ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିବାବେଳେ ଜଣେ ନାବାଳକ ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ୩ ବର୍ଷ ସଜା କାଟିବା ପରେ ମୁକ୍ତ ହୋଇଛନ୍ତି। ଅନ୍ୟ ୪ ଅଭିଯୁକ୍ତଙ୍କୁ ତଳକୋର୍ଟ ମୃତ୍ୟୁଦଣ୍ଡାଦେଶ କରିଥିଲେ।

# ଜଗମୋହନ ମରାମତି ପାଇଁ ୩ କୋଟି ୪୬ ଲକ୍ଷ



**ପୁରୀ :** ଶ୍ରୀମନ୍ଦିର ଜଗମୋହନ ମରାମତି ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥା (ଏଏସ୍ଆଇ) ୩କୋଟି ୪୬ ଲକ୍ଷ ଟଙ୍କା ପ୍ରଦାନ କରିଛି। ପୂର୍ତ୍ତବିଭାଗ ଆକାଉଣ୍ଟକୁ ଏହି ଟଙ୍କା ଆସିଛି। ଜଗମୋହନ ମରାମତି ବାବଦକୁ ୩ କୋଟି ୭୧ ଲକ୍ଷ ଟଙ୍କା ଟକଳ କରାଯାଇଥିବା ବେଳେ ପୂର୍ତ୍ତବିଭାଗ ୨କୋଟି ୫୩ଲକ୍ଷ ଟଙ୍କାର ଟେଣ୍ଡର କରିଛି। ଏହି ପରିମାଣଠାରୁ ୬.୫ ପ୍ରତିଶତ ଅଧିକ ଅର୍ଥାତ୍ ୨କୋଟି ୬୮ ଲକ୍ଷ ଟଙ୍କାର ଟେଣ୍ଡର ଦିଲ୍ଲୀପ କନ୍‌ଷ୍ଟ୍ରକ୍‌ସନ୍‌କୁ ଦିଆଯାଇଛି। ପୂର୍ବରୁ ଏଏସ୍ଆଇ ପୂର୍ତ୍ତବିଭାଗକୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲା, ଯାହା ଖର୍ଚ୍ଚ ନହୋଇ ପଡ଼ିରହିଛି। ଏବେ ୩ କୋଟି ୪୬ ଲକ୍ଷ ଟଙ୍କା ସହ ପୂର୍ବ ୨୫ ଲକ୍ଷ ଟଙ୍କା ମିଶାଇ ମୋଟ୍ ୩ କୋଟି ୭୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ରହିଛି।

ଅନ୍ୟପଟେ ପକେଟ୍ ମରାମତି ଶେଷ ହୋଇଛି। ସମସ୍ତ ପକେଟ୍ ଷ୍ଟିଲ୍ ଫ୍ରେମିଂରେ ପାରା ପଶି ସମସ୍ୟା ସୃଷ୍ଟି କରିବା ଆଶଙ୍କା ଥିବାରୁ ଏଥିରେ ଜାଲି ଲଗାଇବାର ବ୍ୟବସ୍ଥା ହୋଇଛି। ଜ୍ୟାକେଟିଂ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜ୍ୟାକେଟିଂ ପାଇଁ ଭିତରକାଠ ଗୋଟିଏ ଫୁଟ ଆଗକୁ ଘୁଞ୍ଚିବା ପାଇଁ ନିଷ୍ପତ୍ତି ହୋଇଛି। ଏଥି ପାଇଁ ସେବାୟତ ନିଯୋଗମାନଙ୍କୁ ଚିଠି ଲେଖା ହୋଇଛି। ସେମାନଙ୍କ ଠାରୁ ଉତ୍ତର ମିଳିବା ପରେ ଏହାକୁ ଘୁଂଚାଯିବା ଏହି ଜ୍ୟାକେଟିଂ ମଜବୁତ୍ ହେବା ପାଇଁ ଏଥିରେ ଗ୍ରାଉଟ୍ କରାଯାଉଛି। କନ୍‌ଫାଇନ୍‌ମେଣ୍ଟ ମରାମତି ଅନେକ ପୂର୍ବରୁ ଶେଷ ହୋଇଛି। ପୋର୍ଟାଲ ଫ୍ରେମ୍ ବ୍ୟତୀତ ସମସ୍ତ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ କାମ ଦେଖିବା ପାଇଁ ଏଏସ୍ଆଇକୁ ଶ୍ରୀମନ୍ଦିର ପ୍ରଶାସନ ଚିଠି ଲେଖିଛି। ୩ ତାରିଖ ଦିନ ଏଏସ୍ଆଇ, କୋରମମ କମିଟି ଓ ଶ୍ରୀମନ୍ଦିର ପ୍ରଶାସନ ମିଳିତ ଭାବେ ମରାମତି କାମ ଦେଖିବା ସହ ବୈଠକ କରିବା ପାଇଁ ନିଷ୍ପତ୍ତି ହୋଇଛି। ପୋର୍ଟାଲ ଫ୍ରେମ୍ ସ୍ଥାପନ ପାଇଁ ଖଟଶେଜ ଘର ଭଙ୍ଗାସରିଛି। ଗତକାଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର ଏହାକୁ ବୁଲି ଦେଖିବା ପରେ ୩ ତାରିଖରେ ଚାଙ୍ଗଡ଼ା ଘର ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁଇ ଘର ପୋର୍ଟାଲ ଫ୍ରେମ୍ ସ୍ଥାପନରେ ସମସ୍ୟା ସୃଷ୍ଟି କରୁଥିବାରୁ ଏହାକୁ ଭାଙ୍ଗିବା ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ଫ୍ରେମ୍ ସ୍ଥାପନ ପରେ ଏହି ଦୁଇ ଘରକୁ ପୂର୍ବବତ୍ ନିର୍ମାଣ କରାଯିବ।

ମନ୍ଦିରରେ ବିଭିନ୍ନ ନୀତି ପାଇଁ ଫେବୃଆରୀ ଓ ମାର୍ଚ୍ଚ ମାସରେ ୬ ଦିନ ମରାମତି କାମ ବନ୍ଦ ରହିବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସ୍ଆଇକୁ ଚିଠି ଲେଖା ହୋଇଛି। ବସନ୍ତ ପଂଚମୀ ପାଇଁ ୨ ତାରିଖ ବନ୍ଦ ରହୁଥିବାବେଳେ ୭ ତାରିଖରେ ଭୌମ ଏକାଦଶୀ, ୧୦ରେ ଗଜଉଦ୍ଧାରଣ ବେଶ, ୧୬ରେ ଗୁରୁବାର ମାଜଣା, ବନକଲାଗି ଓ ଏକାନ୍ତ, ମାର୍ଚ୍ଚ ୧୧ରେ ଅଗ୍ନି ଉତ୍ସବ, ୧୨ରେ ଦୋଳପୂର୍ଣ୍ଣିମା ଓ ରାଜା ବେଶ, ୧୩ରେ ଅଧରପୋଛା, ୧୬ରେ ଗୁରୁବାର ମାଜଣା, ବନକଲାଗି ଓ ଏକାନ୍ତ ନୀତି ଯୋଗୁ ମରାମତି କାମ ବନ୍ଦ ରହିବାକୁ ଯାଉଛି। ତେବେ ସ୍ନାନପୂର୍ଣ୍ଣିମା ପୂର୍ବରୁ ଏହି ମରାମତି କାମ ସରିବା ପାଇଁ ସମସ୍ତ ଯୋଜନା ହୋଇଥିବା ଶ୍ରୀମନ୍ଦିର ଅଧୀକ୍ଷଣ ଯନ୍ତ୍ରୀ ବିନ୍ଧେଶ୍ୱର ପାତ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ୬ ତାରିଖରେ ହାଇକୋର୍ଟରେ ଜଗମୋହନ ମରାମତିକୁ ନେଇ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ରହିଛି।

# ରିଙ୍ଗ୍‌ରୋଡ୍ ପାଇଁ ବାଟ ଖୋଲିଲା
## ୩ ମାସ ଭିତରେ ଡିପିଆର୍

ଭୁବନେଶ୍ୱର: ଖୋର୍ଦ୍ଧା-ଭୁବନେଶ୍ୱର-କଟକ ମଧ୍ୟରେ ଭିଡ଼ ଜମାଇବା ପାଇଁ ଜାତୀୟ ରାଜପଥ-୧୬ରେ ରିଙ୍ଗରୋଡ ନିର୍ମାଣ ହେବ। ଏଥିପାଇଁ ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକୀୟ ଅନୁମତି ମିଳିଥିବାବେଳେ ଆସନ୍ତା ତିନିମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଡିପିଆର୍ ପ୍ରସ୍ତୁତ କରାଯିବା ସହ ମେ ମାସରୁ ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଜାତୀୟ ରାଜପଥ-୧୬ର ଖୋର୍ଦ୍ଧା ନିକଟସ୍ଥ ପିତାପଲ୍ଲୀଠାରୁ ନୂଆ ରିଙ୍ଗ୍‌ରୋଡ଼ ବାହାରି ମଙ୍ଗୁଳି ଛକରେ ମିଶିବ। କିନ୍ତୁ ଏହାଦ୍ୱାରା ଏହି ରାସ୍ତାରେ ଟ୍ରାଫିକ୍ ସମସ୍ୟା ଗୁରୁତର ହେବାର ଆଶଙ୍କା ଥିବାରୁ ଏହାକୁ ଟାଙ୍ଗୀ ନିକଟରେ



ପୁଣି ଜାତୀୟ ରାଜପଥ-୧୬ରେ ମିଶାଇବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସଡ଼କ ପରିବହନ ମନ୍ତ୍ରଣାଳୟକୁ ପରାମର୍ଶ ଦେଇଛନ୍ତି। ସେହିପରି ଆଠଗଡ଼-ଧବଳେଶ୍ୱର ରାସ୍ତାକୁ ଏହି ରିଙ୍ଗରୋଡ୍ ଯୋଜନାରୁ ବାଦ୍ ଦେବାକୁ ପ୍ରସ୍ତାବ ଆସିଥିଲେ ହେଁ ଏହାକୁ ଏନ୍‌ଏଚ୍ କର୍ତ୍ତୃପକ୍ଷ ଖାରଜ କରିଦେଇଛନ୍ତି। ଏହି ରାସ୍ତାରେ ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ଓଭରବ୍ରିଜ୍ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ପ୍ରସ୍ତୁତ ହୋଇଥିବା ଡିପିଆର୍ ଅନୁଯାୟୀ ଏହି ରିଙ୍ଗରୋଡ ୬୮.୭୨୪ କିଲୋମିଟର ହେବାକୁ ଥିବାବେଳେ ଏଥିପାଇଁ ପ୍ରାୟ ୯୮୭ କୋଟି ଟଙ୍କା ଖର୍ଚ୍ଚ ହେବ। ଏନେଇ ଆବଶ୍ୟକୀୟ ଜମି ଅଧିଗ୍ରହଣ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ନୂତନ ରିଙ୍ଗ୍‌ରୋଡ ନିର୍ମାଣ ହେଲେ ଏଥିରେ ତିନିଟି ବଡ଼ ବ୍ରିଜ୍, ୧୧ଟି ଛୋଟ ବ୍ରିଜ୍, ଗୋଟିଏ ରେଳ ଓଭରବ୍ରିଜ୍, ୯ଟି ଭିୟୁପି, ଗୋଟିଏ ପିୟୁପି, ୨ଟି ହାତୀ ଅଣ୍ଡରପାସ୍, ୨ଟି ଗୋରୁ ଅଣ୍ଡରପାସ୍, ୧୬୧ଟି ବକ୍ସ କଲଭର୍ଟ, ୨ଟି ଟୋଲ୍ ପ୍ଲାଜା, ୫୮ଟି ଛକ ରହିବା ପାଇଁ ବ୍ୟବସ୍ଥା କରାଯାଇଛି।

# ଏକ୍ ଫୁଲ୍-ଦୋ ମାଳି'ର ପରିଣାମ...
## ହାତାହାତି ହେଲେ ଦୁଇଯୁବକ

**ଭୁବନେଶ୍ୱର :** ଜଣେ ଯୁବତୀ ଉପରେ ଦୁଇଜଣ ଯୁବକ ନଜର ପକାଇଲେ। ନିଜର କରିବାକୁ ଜିଦି ଧରିଲେ। ଜିଦିରୁ ବଚସା ଆଉ ପରେ ହାତାହାତି ଏମିତି ତ୍ରିକୋଣୀୟ ପ୍ରେମ କାହାଣୀ ଦେଖିବାକୁ ମିଳିଛି ସହିଦ୍‌ନଗରସ୍ଥିତ ଭବାନୀ ମଲ୍‌ଠାରେ। ଯୁବତୀଙ୍କୁ ଆକୃଷ୍ଟ କରିବାକୁ ଦୁଇ ଯୁବକ ଆଜି ମୁହାଁମୁହିଁ ହୋଇଥିଲେ। ଏପରିକି ଝଗଡ଼ା କରିଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଂଚି ସମସ୍ତଙ୍କୁ ଥାନାକୁ ଆଣିଛି। ଆଉ ଦୁଇ ଯୁବକଙ୍କୁ ଅଟକ ରଖିବା ସହ ଯୁବତୀଜଣଙ୍କୁ ସର୍ଟ ଷ୍ଟେ ହୋମ୍‌ରେ ଛାଡ଼ିଛି। ମିଳିଥିବା ସୂଚନା ମୁତାବକ, ରାଜଧାନୀ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ରୀ ଆନି (ଛଦ୍ମନାମ)ଙ୍କ ପ୍ରଥମ ଦେଖାରେ କେନ୍ଦ୍ରାପଡ଼ାର ଜଣେ ଯୁବକ ଭଲପାଇ ବସିଥିଲେ। ଆଉ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ଯୁବକଙ୍କ ଠାଣି ଓ ଚକଚକିଆ ବେଶଭୂଷାକୁ ଦେଖି ଆନି ମଧ୍ୟ ପ୍ରେମ କରି ବସିଥିଲେ। କିଛି ମାସ ପରେ ଆନି ଗଞ୍ଜାମ କୋଦଳାର ଜଣେ ମାଲଦାରିଆ ଯୁବକଙ୍କ ସଂସ୍ପର୍ଶରେ ଆସିଥିଲେ। ଉକ୍ତ ଯୁବକଙ୍କ ଟଙ୍କାକୁ ଅନାଇ ଆନି ନିଜ ଆଡ଼ୁ ତାଙ୍କୁ ଫସାଇଥିଲେ। ପରେ ଆନି ୨ମାସ ଧରି ଦୁଇ ଯୁବକଙ୍କ ସହ ପ୍ରେମର ଛଳନା କରିଆସୁଥିଲେ। ହେଲେ ପ୍ରଥମ ପ୍ରେମିକଙ୍କ ମନରେ ସନ୍ଦେହ ଉପୁଜିବାରୁ ସେ ଆନିଙ୍କୁ ନଜର ରଖିଥିଲେ। ଆଉ ଆଜି ଭବାନୀ ମଲଠାରେ ଉଭୟଙ୍କୁ ଦେଖିଥିଲେ। ତା'ପରେ ଦୁଇ ପ୍ରେମିକଙ୍କ ଭିତରେ ହୋଇଥିଲା ବଚସା। ଆଉ ପ୍ରେମିକାଙ୍କୁ ପାଇବା ଲାଗି ଉଭୟେ ଝଗଡ଼ା କରିଥିଲେ। ସ୍ଥାନୀୟ ଲୋକ ଏନେଇ ଥାନାକୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳକୁ ଆସି ଉଭୟଙ୍କୁ ଥାନାକୁ ନେଇଥିଲା।

# ଖଣ୍ଡଗିରିରେ ପର୍ଯ୍ୟଟକଙ୍କୁ ଲୁଟ୍
## ବନ୍ଧାହେଲେ ନକଲି ପୁଲିସ୍

**ଭୁବନେଶ୍ୱର :** ଖଣ୍ଡଗିରି ପାହାଡ଼ ଉପରେ ଜଣେ ପର୍ଯ୍ୟଟକଙ୍କୁ ପୁଲିସ୍ ପରିଚୟ ଦେଇ ଲୁଟୁଥିବା ଜଣେ ବ୍ୟକ୍ତିକୁ ଖଣ୍ଡଗିରି ଥାନା ପୁଲିସ୍ ବାନ୍ଧିଛି। ଗିରଫ ବ୍ୟକ୍ତିଙ୍କ ନାମ ସହଦେବ ମାଝି(୫୪)। ଘର ଏହି ଥାନା ଅନ୍ତର୍ଗତ ଡୁମୁଡୁମା ଫେଜ୍-୨। ସହଦେବକୁ ଛାଡ଼ି ଦେଲେ ଆହୁରି ୫ଜଣ ଅଛନ୍ତି। ସେମାନେ ଏବେ ଫେରାର। ସହଦେବ ୫ ଜଣଙ୍କୁ ନେଇ ଏକ ଗ୍ୟାଙ୍ଗ୍ କରିଥିଲା। ଜଣଙ୍କୁ ଆଇଆଇସି, ଜଣଙ୍କୁ ଏସ୍ଆଇ, ଜଣଙ୍କୁ ଏଏସ୍ଆଇ, ଜଣଙ୍କୁ କନେଷ୍ଟବଳ ଓ ନିଜେ ହୋମ୍‌ଗାର୍ଡ ବନିଥିଲା। ଏମାନେ ଖଣ୍ଡଗିରି ଓ ଉଦୟଗିରି ପାହାଡ ଉପରକୁ ଆସୁଥିବା ଯୁବକ ଯୁବତୀଙ୍କୁ ପୁଲିସ୍‌ର ଧମକ ଦେଇ ସେମାନଙ୍କ ଠାରୁ ହଜାର ହଜାର ଟଙ୍କା ଆଦାୟ କରୁଥିଲେ। ପୁଲିସ ସୂଚନା ଅନୁଯାୟୀ, ଯାଜପୁର ଜିଲ୍ଲା ବାଲଦାର କାଳନ୍ଦୀ ବେହେରା ନାମକ ଜଣେ ଆଇଟିଆଇ ଛାତ୍ର ଆଜି ଖଣ୍ଡଗିରି ମୁଣ୍ଡିଆକୁ ବୁଲିବାକୁ ଆସିଥିଲେ। ସେ ମୁଣ୍ଡିଆରେ ବୁଲୁଥିବାବେଳେ ସହଦେବ ତାଙ୍କୁ ମୁଣ୍ଡିଆର ନିଷିଦ୍ଧାଂଚଳରେ କାହିଁକି ବୁଲୁଛୁ ବୋଲି ପଚାରିଥିଲେ କାଳନ୍ଦୀ ବୁଲିବାକୁ ଆସିଥିବା କହିବାରୁ ସହଦେବ ତାଙ୍କୁ ଖଣ୍ଡଗିରି ଥାନାର ଜଣେ ପୁଲିସ ଅଫିସର ବୋଲି ପରିଚୟ ଦେଇ ଧମକ ଦେଇଥିଲେ। କହିଥିଲେ ତୋତେ ଲକ୍ଷେ ଟଙ୍କା ଜରିମାନା ଦେବାକୁ ପଡ଼ିବ। ନହେଲେ ଜେଲ୍ ଯିବାକୁ ପଡ଼ିବ। ମୋତେ କିଛି ଟଙ୍କା ଦେ ମୁଁ ତୋତେ ଛାଡ଼ିବି। ନହେଲେ ଦି ଖୋବା ଦେଇ ଥାନାରେ ପୁରାଇ ଦେବି ବୋଲି କହି ଧମକ ଦେଇଥିଲେ। କାଳନ୍ଦୀ ଟଙ୍କା ଦେବାକୁ ମନା କରିବାରୁ ସହଦେବ ତାଙ୍କ ପକେଟ୍‌ରୁ ଜବରଦସ୍ତ ୧୫ ଶହ ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ କାଳନ୍ଦୀ ଖଣ୍ଡଗିରି ଥାନାରେ ଅଭିଯୋଗ କରିବାପରେ ଥାନା ଅଧିକାରୀ ହିମାଂଶୁ ସ୍ୱାଇଁ ସଙ୍ଗେ ସଙ୍ଗେ କାଳନ୍ଦୀଙ୍କ ସହ ଏକ ଟିମ୍ ସେଠାକୁ ପଠାଇଥିଲେ। ମୁଣ୍ଡିଆରେ ସହଦେବ ବୁଲୁଥିବାବେଳେ କାଳନ୍ଦୀ ପୁଲିସକୁ ଚିହ୍ନାଇ ଦେଇଥିଲେ। ପୁଲିସ ସହଦେବଙ୍କୁ କାବୁ କରି ଥାନାକୁ ଆଣିବା ସହ ତାଙ୍କ ନିକଟରୁ ଲୁଟ୍ ୧୫ ଶହ ଟଙ୍କା ଜବତ କରିଥିଲା। ପୂର୍ବରୁ ସହଦେବ ଏଭଳି ପର୍ଯ୍ୟଟକଙ୍କୁ ଲୁଟ୍‌ପାଟ କରିଥିବା ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ଅପରାହ୍ନରେ ସହଦେବଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ପୂର୍ଣ୍ଣାଙ୍ଗ ବଜେଟ୍ ୨୭ରେ

**ଭୁବନେଶ୍ୱର :** ୨୦୧୭-୧୮ ବର୍ଷ ପାଇଁ ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ମାର୍ଚ୍ଚ ୩୧ରେ ପୂରା ୧୨ ମାସ ପାଇଁ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବ। ଆଜି ବାଚସ୍ପତି ନିରଞ୍ଜନ ପୂଜାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସବୁଦଳ ନେତାମାନେ ଏ ନେଇ ଏକମତ ହୋଇଛନ୍ତି। ଏବଂ ଆସନ୍ତା ଫେବ୍ରୁଆରୀ ୨୨ ତାରିଖରୁ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ କରିବାକୁ ରାଜ୍ୟପାଳଙ୍କୁ ସୁପାରିସ୍ କରାଯିବ। ଫେବ୍ରୁଆରୀ ୨୭ରେ ରାଜ୍ୟ ବଜେଟ୍ ଉପସ୍ଥାପନ ହେବ। ତେବେ ବିଧାନସଭାର ସ୍ଥାୟୀ କମିଟି ଯେଉଁ ସୁପାରିସ କରିଛି, ତାହାକୁ ସରକାର ଗୁରୁତ୍ୱ ଦେଉନାହାନ୍ତି ଓ ତଦନୁଯାୟୀ ବଜେଟ୍ ସଂଶୋଧନ କରାଯାଉ ନ ଥିବା ନେଇ ବିରୋଧୀଦଳ ନେତା ନରସିଂହ ମିଶ୍ର କ୍ଷୋଭ ପ୍ରକଟ କରିଥିଲେ।

# ପୁଣି ପିକ୍‌ଅପ୍ ନେଲା ମହାନଦୀ ଜଳବିବାଦ



**ଭୁବନେଶ୍ୱର :** ମହାନଦୀ ମହାବିବାଦ ପ୍ରସଙ୍ଗକୁ ନେଇ ବିଜେଡି ଓ ବିଜେପି ମଧ୍ୟରେ ବୟାନବାଜି ଜୋର ଧରିଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରୀୟ କମିଟିକୁ ପ୍ରତ୍ୟାଖ୍ୟାନ କରି ଚିଠି ଲେଖିବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ପ୍ରସଙ୍ଗରେ ସରକାରଙ୍କୁ କଠୋର ସମାଲୋଚନା କରିଥିବା ବେଳେ ଶ୍ରୀ ପ୍ରଧାନଙ୍କୁ ପାଲଟା ଜବାବ୍ ଦେଇଛି ଶାସକ ବିଜେଡି। ଏ ପ୍ରସଙ୍ଗରେ ବିଜେଡି ଉପସଭାପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି, ଧର୍ମେନ୍ଦ୍ର ଛତିଶଗଡ଼ ସରକାରଙ୍କ ମୁଖପାତ୍ର ସାଜି ଓଡ଼ିଶା ସହ ଯୁକ୍ତି ବାଢୁଛନ୍ତି। ତାଙ୍କର ଯଦି ଏତେ ଶକ୍ତି ଅଛି, ତେବେ ସେ ପ୍ରଥମେ ଛତିଶଗଡ଼ରେ ପ୍ରକଳ୍ପ କାମ ବନ୍ଦ କରାନ୍ତୁ। ବିହାରରୁ ପ୍ରତିନିଧିତ୍ୱ କରୁଥିବା ରାଜ୍ୟସଭା ସାଂସଦ ଶ୍ରୀ ପ୍ରଧାନ ବୁଝାମଣା କମିଟି ଗଠନ ସପକ୍ଷରେ ଯେଉଁ ବକ୍ତବ୍ୟ ରଖିଛନ୍ତି, ତାହା ଦୁର୍ଭାଗ୍ୟଜନକ। ଆଉ ମଧ୍ୟ ଶ୍ରୀ ପ୍ରଧାନଙ୍କ ରାଜ୍ୟସଭା କାର୍ଯ୍ୟକାଳ ୨୦୧୮ ମସିହାରେ ଶେଷ ହେଉଛି, ଏଣୁ ପୁଣି ରାଜ୍ୟସଭାକୁ ପ୍ରତିନିଧିତ୍ୱ କରିବା ପାଇଁ ଛତିଶଗଡ଼ ସରକାରଙ୍କ ନିକଟବର୍ତ୍ତୀ ହୋଇ ସେ ଓଡ଼ିଶାକୁ ବିରୋଧ କରୁଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂହ ପଞ୍ଚାୟତ ନିର୍ବାଚନ ପ୍ରଚାରରେ ଆସୁଛନ୍ତି। ଓଡ଼ିଶା ମାଟିରେ ପାଦଦେବା ପୂର୍ବରୁ ମହାନଦୀ ଉପରେ ଛତିଶଗଡ଼ରେ ଚାଲିଥିବା କାମକୁ ବନ୍ଦ କରାନ୍ତୁ, ତା'ପରେ ଓଡ଼ିଶାରେ ପାଦ ଦିଅନ୍ତୁ। ଅନ୍ୟଥା ଓଡ଼ିଶାବାସୀ ରମଣ ସିଂହ, ଧର୍ମେନ୍ଦ୍ର ପ୍ରଧାନ ଓ ବିଜେପି ଦଳକୁ ଉଚିତ୍ ଜବାବ ଦେବେ। ଅନ୍ୟପକ୍ଷରେ ଏହାର ପ୍ରତିଜବାବ ଦେଇ ବିଜେପି କହିଛି ମହାନଦୀ ଜଳବିବାଦରେ ବିଜେଡି ଓଡ଼ିଶାର ସ୍ୱାର୍ଥରକ୍ଷା ନୁହେଁ, ବରଂ କେବଳ ଦଳର ରାଜନୈତିକ ସ୍ୱାର୍ଥ ପାଇଁ କାମ କରୁଛି। ମୁଖ୍ୟମନ୍ତ୍ରୀ ଗତ ୬ ମାସରେ ୧୦ ଥର ଦିଲ୍ଲୀ ଯାଇଥିଲେ ମଧ୍ୟ ମହାନଦୀ ମାମଲାରେ ପ୍ରଧାନମନ୍ତ୍ରୀଙ୍କ ସହିତ ଥରେହେଲେ କଥା ନ ହୋଇ କେବଳ ଚିଠି ଲେଖିବା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡକୁ ରାଜ୍ୟ ସରକାର ଟ୍ରିବ୍ୟୁନାଲ ପାଇଁ ନିଜ ପିଟିସନ୍‌ରେ ପକ୍ଷ କରିଥିବା ବେଳେ ବୁଝାମଣା କମିଟିରେ ଏସବୁ ରାଜ୍ୟ ରହିବାକୁ ବିରୋଧ କରିବା ଆଦି ପ୍ରଶ୍ନକୁ ବିଜେଡି କେବଳ ଏଡ଼ାଇ ଯିବା ପାଇଁ ଚେଷ୍ଟା କରିଛି ବୋଲି ବିଜେପି କହିଛି।

# ଖଣ୍ଡପଡ଼ାରେ ପଟ୍ଟନାୟକ ଲଢେଇ



**ନୟାଗଡ଼ :** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ୬ଟି ଜିଲ୍ଲା ପରିଷଦ ଜୋନ୍ ଏବଂ ୪୨ଟି ପଂଚାୟତ ରହିଛି। ଏଠାରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯାଇଥିଲେ ହେଁ ଦୁଇ ପଟ୍ଟନାୟକଙ୍କ ମଧ୍ୟରେ ପ୍ରକୃତ ଲଢେଇ ହେଉଥିବା ରାଜନୈତିକ ସମୀକ୍ଷକ ମତ ଦେଉଛନ୍ତି। ଗତ ବିଧାନସଭା ନିର୍ବାଚନରେ ଏଠାରୁ ବିଜେଡି ପ୍ରାର୍ଥୀ ଅନୁଭବ ପଟ୍ଟନାୟକ ମାତ୍ର ୬ ଶହ ଭୋଟ ବ୍ୟବଧାନରେ ଆମ ଓଡ଼ିଶା ପାର୍ଟି ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ପରାସ୍ତ କରି ବିଧାୟକ ହୋଇଥିଲେ। ତେଣୁ ଏଠାରେ ଉଭୟ ପଟ୍ଟନାୟକଙ୍କ ଜନସମର୍ଥନ ପାଖାପାଖି ରହିଥିବା କୁହାଯାଉଛି। ତେବେ ବିଗତ ଦିନରେ ତୃଣମୂଳସ୍ତରରେ ଶାସକ ଦଳର ବ୍ୟାପକ ଦୁର୍ନୀତି ଓ ସ୍ୱେଚ୍ଛାଚାରିତାକୁ ଆମ ଓଡ଼ିଶା ପାର୍ଟି ପ୍ରସଙ୍ଗ କରିଛି। ଏହା ଦଳର ଭାବମୂର୍ତ୍ତି ଓ ଲୋକପ୍ରିୟତାକୁ ଅନେକାଂଶରେ କ୍ଷୁର୍ଣ୍ଣ କରିଥିବା କୁହାଯାଉଥିଲେ ହେଁ ଏସବୁ ସତ୍ତ୍ୱେ ଏବେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନଙ୍କ ପ୍ରତି ସାଧାରଣରେ ଅନୁରାଗ ରହିଥିବାରୁ ଏହା ବିଜେଡି ପାଇଁ ଏକ ବଡ଼ ଆଶ୍ୱାସନାର ବିଷୟ ହୋଇଛି। ସାଧାରଣ ନିର୍ବାଚନ ପୂର୍ବରୁ ପଂଚାୟତ ନିର୍ବାଚନ ସେମିଫାଇନାଲ ଭଳି ହୋଇଥିବାରୁ ଏଥର ବିଜେଡ଼ି କିଭଳି ପୂର୍ବଭଳି ଭଲ ପ୍ରଦର୍ଶନ କରିବ ସେଥିପାଇଁ ସମସ୍ତ କଳ, ବଳ, କୌଶଳ ପ୍ରୟୋଗ କରିବାକୁ ରଣନୀତି ପ୍ରସ୍ତୁତ କରିଥିବାବେଳେ ଆମ ଓଡ଼ିଶା ପାର୍ଟି ଏହାକୁ ପ୍ରତିହତ କରିବାକୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରଣନୀତି ଆପଣେଇବାକୁ ଯୋଜନା ପ୍ରସ୍ତୁତ କରୁଛି। ଏ ପରିସ୍ଥିତିରେ ଭୋଟରଙ୍କୁ ନିଜ ସପକ୍ଷକୁ ଆଣିବା ପାଇଁ ଗାଁମାନଙ୍କରେ ଘନଘନ ବୈଠକ ସହ ଭୋଜିଭାତର ଆସର ଜମିଲାଣି। ନିର୍ବାଚନର ଦିନ ଯେତିକି ପାଖେଇ ଆସୁଛି ଉଷ୍ମତା ସେହି ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ଏହି ନିର୍ବାଚନ ମଣ୍ଡଳୀର ୬ ଜୋନ ଓ ୪୨ ପଞ୍ଚାୟତରେ ଦୁଇ ପଟ୍ଟନାୟକଙ୍କ ମଧ୍ୟରୁ କାହା ସପକ୍ଷରେ କେତେ ଆସନ ଯିବ, କିଏ ବଢିବ ଓ କିଏ ଛିଡ଼ିବ ତାକୁ ନେଇ ଏବେଠାରୁ ରାଜନୈତିକ ସମୀକ୍ଷକ ଅଙ୍କ କଷିବା ଆରମ୍ଭ କରିଦେଇଛନ୍ତି। ଏଠାରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ନିମିତ୍ତମାତ୍ର ହୋଇଥିଲା ବେଳେ ଦୁଇ ପଟ୍ଟନାୟକଙ୍କ ମଧ୍ୟରେ ବାସ୍ତବ ଲଢ଼େଇ ହେଉଥିବାରୁ ନିର୍ବାଚନ ଫଳାଫଳ ଆଗାମୀ ଦିନରେ ସେମାନଙ୍କ ରାଜନୈତିକ ଭବିଷ୍ୟତକୁ ଯଥେଷ୍ଟ ଭାବେ ପ୍ରଭାବିତ କରିବ ବୋଲି ରାଜନୈତିକ ବିଶେଷଜ୍ଞ ମତ ଦେଉଛନ୍ତି।



# ଶ୍ରୀପଞ୍ଚମୀରେ ରଥକାଠ ଅନୁକୂଳ

**ପୁରୀ :** ସରସ୍ୱତୀ ପୂଜା ଅବସରରେ ଆଜି ତିନି ରଥର କାଠ ଅନୁକୂଳ ପୂଜା ହୋଇଛି। ପୁରୋହିତଙ୍କ ପରାମର୍ଶ ମୁତାବକ ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ଶୁଭବେଳା ଥିବାରୁ ରଥ କାଠ ପୂଜା ସମ୍ପନ୍ନ ହୋଇଥିଲା। ଏହି କାଠ ଅନୁକୂଳ ସହ ଶ୍ରୀମନ୍ଦିରର କୌଣସି ନୀତିର ସଂପର୍କ ନଥିଲେ ମଧ୍ୟ ଶୁଭ ବେଳାରେ ରଥ କାଠ ପୂଜା ହୋଇଛି। ପ୍ରଥମେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମା' ସ୍ୱରସ୍ୱତୀଙ୍କୁ ପୂଜାର୍ଚ୍ଚନା ହୋଇଥିଲା। ଏହା ପରେ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବରୁ ରଖାଯାଇଥିବା ତିନି ଖଣ୍ଡ ଧଉରା କାଠକୁ ପୂଜା କରାଯାଇଥିଲା। ରାଜଗୁରୁଙ୍କ ସମେତ ଶ୍ରୋତ୍ରୀୟ ବ୍ରାହ୍ମଣମାନେ କାଠ ପୂଜାରେ ସାମିଲ ହୋଇଥିଲେ।

କାଠ ପୂଜା ପର୍ବରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ଦାସ, ଉପଜିଲ୍ଲାପାଳ ମଧୁସୂଦନ ଦାଶ, ନୀତି ପ୍ରଶାସକ ପ୍ରଦୀପ୍ତ ଦାଶ, ସହକାରୀ ପ୍ରଶାସକ ସରୋଜ ରାୟ, ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଧର ପୂଜାପଣ୍ଡା, ସୂଚନା ଅଧିକାରୀ ସୁଦୀପ ଚାଟ୍ଟାର୍ଜୀ, ସୁଦର୍ଶନ ମେକାପ, ଭୋଇ ସର୍ଦ୍ଦାର ରବି ଭୋଇ, କାର୍ତ୍ତିକ ଭୋଇ ପ୍ରମୁଖ ସାମିଲ ହୋଇଥିଲେ। ପୂଜା ହୋଇଥିବା ଏହି ତିନିଟି କାଠ ଗଣ୍ଡିରେ ତିନି ରଥର କୋଣ ଗୁଜ ନିର୍ମାଣ କରାଯିବ। ଏହା ପରେ ଶ୍ରୀରାମ ନବମୀ ତିଥିରେ ରଥକାଠ ଚିରଟ କାର୍ଯ୍ୟ ଆରମ୍ଭ ହେବ। କାଠ ଚିରଟ ପରେ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ତିନି ରଥ ନିର୍ମାଣ ଅନୁକୂଳ ହେବ। ପୂର୍ବରୁ ରଥକାଠକୁ ନଦୀ ପଥରେ ପୁରୀ ଅଣାଯାଉଥିଲା। ଶ୍ରୀପଞ୍ଚମୀ ଦିନ କାଠଗଡ଼ସବୁ ଶ୍ରୀକ୍ଷେତ୍ରରେ ପହଂଚୁଥିଲା। ଶ୍ରୀପଞ୍ଚମୀ ଦିନ ରଥକାଠ ଶ୍ରୀକ୍ଷେତ୍ରରେ ପହଂଚିଲେ ଯାଇ ରଥନିର୍ମାଣ ଉଚିତ୍ ସମୟରେ ସରୁଥିଲା। ଏଣୁ ଶ୍ରୀପଞ୍ଚମୀରେ କାଠ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯିବା ପରମ୍ପରା ରହିଛି।

# ସଚେତନତା ହିଁ ସଫଳତା

ଚଳିତ ପଞ୍ଚାୟତ ନିର୍ବାଚନରେ ରାଜ୍ୟର ସମସ୍ତ ରାଜନୈତିକ ଦଳ ନିଜ ନିଜ ସପକ୍ଷରେ ଭୋଟ୍ ହାତେଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ଜଣାଯାଇଛି। ଚୌକି ଦଖଲ ପାଇଁ କିଏ ହେଲିକପ୍ଟରରେ ଉଡୁଛି ତ ଆଉ କିଏ ନେତା ଓ ଅଭିନେତାଙ୍କୁ ନେଇ ନୂଆ ନୂଆ ପ୍ରତିଶ୍ରୁତି ମାଧ୍ୟମରେ ଭୋଟରଙ୍କୁ ହାତେଇବାର ଚେଷ୍ଟା ଜାରି ରଖିଛନ୍ତି। ହେଲେ ସବୁଠୁ ବିଡମ୍ବନାର କଥା ହେଉଛି, ରାଜନୀତି ପାଇଁ ସାହି-ସାହି ମଧ୍ୟରେ ଗାଁ-ଗାଁ ଭିତରେ ବିବାଦ ବଢ଼ିବା ନୂଆ ଘଟଣା ହୋଇନଥିଲା ବେଳେ ଏବେ ନୂଆକରି ପରିବାର ଭିତରେ ଉପୁଜୁଥିବା ବିବାଦ ଜଟିଳ ରୂପ ଧାରଣ କରୁଛି। କେଉଁଠି ବାପ-ପୁଅ ଲଢ଼େଇ ତ ଆଉ କେଉଁଠି ଶାଶୁ-ବୋହୂ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଯାହାଦ୍ୱାରା ପାରିବାରିକ ସଂପର୍କ ବ୍ୟାହତ ହେବା ସହ ପରିବାରରେ ଏକ ପ୍ରକାର ଅଶାନ୍ତି ସୃଷ୍ଟି ହେଉଛି । ଫଳରେ ପାରିବାରିକ ସଂପର୍କ କଳୁଷିତ ହୋଇ ନଷ୍ଟ ହୋଇଯାଉଛି । ହେଲେ ଏହା ପଛରେ ଯେଉଁ ରାଜନୈତିକ ଅଭିସନ୍ଧି ଲୁଚି ରହିଛି, ତାହାକୁ ସାଧାରଣ ଲୋକେ ଅନୁଭବ କରି ପାରିନାହାନ୍ତି। ଫଳରେ ଏଭଳି ବିବାଦ ଦିନକୁ ଦିନ ଉଗ୍ରରୂପ ଧାରଣ କରୁଛି। ଗଣତନ୍ତ୍ରର ଅସଲ ମୂଲ୍ୟବୋଧକୁ ସମ୍ମାନ ଦେଇ ଉପଯୁକ୍ତ ପ୍ରାର୍ଥୀ ଚୟନ ଅପେକ୍ଷା ବର୍ତ୍ତମାନ ନିର୍ବାଚନରେ କ୍ଷମତାର ଅପବ୍ୟବହାର, ପର୍ଯ୍ୟାପ୍ତ ପରିମାଣର ଅର୍ଥ ବିନିମୟ କରି ଶାସନ ଗାଦିକୁ ଅକ୍ତିଆର କରିବା ଲକ୍ଷ୍ୟରେ ରାଜନୈତିକ ଦଳମାନେ ଏଭଳି ଯୋଜନା ପ୍ରସ୍ତୁତ କରୁଛନ୍ତି। ସୁଚିନ୍ତିତ ଚକ୍ରାନ୍ତ ଅନୁସାରେ ଗୋଟିଏ ପରିବାରରେ ଥିବା ସମସ୍ତ ଭୋଟ ଗୋଟିଏ ମତରେ ନରହି ଭିନ୍ନ ମତ ହେଉଛି। କ୍ଷମତା ଲୋଭ ମନକୁ ଆସିବା ଫଳରେ ଜଣେ ବ୍ୟକ୍ତିକୈନ୍ଦ୍ରିକ ନହୋଇ ସ୍ୱାର୍ଥକୈନ୍ଦ୍ରିକ ହୋଇପଡୁଛି। ସେତେବେଳେ ନିଜର ରକ୍ତ ସଂପର୍କ, ପାରିବାରିକ ସଂପର୍କ ଓ ପାଖ ପଡୋଶୀ ସଂପର୍କକୁ ଅଣଦେଖା କରି ରାଜନୀତି ମଇଦାନକୁ ଡେଇଁ ପଡୁଛି। ପରସ୍ପର ମଧ୍ୟରେ ବଳ କଷାକଷି ରାଜନୀତି ଯୋଗୁଁ ବେଳେବେଳେ ଭୋଟସମୟରେ ହିଂସା ଉପୁଜୁଥିବା ଖବର ଲୋକଲୋଚନକୁ ଆସୁଛି। ହିଂସାର ପରିଣାମ କ'ଣ ହେବ କେହି ସେଥିପ୍ରତି ଦୃଷ୍ଟି ନଦେବା ଦ୍ୱାରା ଏହା ସମାଜକୁ ଧିରେ ଧିରେ ଗ୍ରାସ କରୁଛି। ଫଳରେ ପାରସ୍ପରିକ ବୁଝାମଣା ଓ ମୁରବିପଣିଆର ମୂଲ୍ୟ ରହୁନି ସମାଜରେ। ବ୍ୟବସ୍ଥା ଭୁଷୁଡ଼ି ଯିବା ଫଳରେ ସ୍ୱାର୍ଥସର୍ବସ୍ୱ ଚିନ୍ତାରେ ରହି ଥିବା ପ୍ରାର୍ଥୀଟିଏ କେବଳ ନିର୍ବାଚନ ଜିତିବା ବ୍ୟତୀତ ସାଧାରଣଲୋକଙ୍କ ହିତ ଦୃଷ୍ଟିରୁ କିଛି ଭଲ କାର୍ଯ୍ୟ ସପକ୍ଷରେ ମନ ନବଳାଇ କେମିତି କ୍ଷମତା ହାତେଇବ ସେହି ଲକ୍ଷ୍ୟରେ ରହିଥାଏ।

ତେଣୁ ବ୍ୟବସ୍ଥା ଭିତରେ ଥାଇ ସାଧାରଣଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବୁଝି ପାରୁଥିବା ଲୋକ ହିଁ ନିଜ ଗାଁ, ଅଞ୍ଚଳ ଓ ମାଟି ପାଇଁ ଉତ୍ତମ ପ୍ରାର୍ଥୀ ବୋଲି ଭୋଟରମାନେ ବୁଝିବା ଉଚିତ। ମଦ, ମାଂସ ଓ ଅର୍ଥ ଲୋଭରେ ପଡ଼ି ୫ ବର୍ଷ ପାଇଁ ନିଜର ମୂଲ୍ୟବାନ ଭୋଟ ଖଣ୍ଡିକୁ ବିକ୍ରି କରିଦେବା ଆଦୌ ଯଥାର୍ଥ ବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ପରେ ପଶ୍ଚାତାପ କରିବାକୁ ପଡ଼ିପାରେ ବୋଲି ମନରେ ନଆସିବା ଭଳି କାର୍ଯ୍ୟ ହିଁ ଉପଯୁକ୍ତ ପ୍ରାର୍ଥୀ ଚୟନର ମାର୍ଗ। ଏଣୁ ଭୋଟରମାନେ ପ୍ରଲୋଭିତ ବା ପ୍ରଭାବିତ ନହୋଇ ସ୍ୱଚ୍ଛ ଭାବଧାରା ଓ ଉତ୍ତମ ପ୍ରାର୍ଥୀଙ୍କୁ ଭୋଟ ଦେବା ଉଚିତ। ଏହା ନକଲେ ଗଣତନ୍ତ୍ରର ଅମର୍ଯ୍ୟାଦା ହେବା ସହ ନିଜର ଭୋଟ ଖଣ୍ଡିକ ମୂଲ୍ୟହୀନ ହୋଇପଡ଼ିବା ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସର୍ବଦା ସ୍ୱର ଉଠାଇ କାର୍ଯ୍ୟ କଲେ ସମାଜର ଗତିପଥ ବଦଳି ଯିବ । ଭଲ ଶାସକ ଓ ଭଲ ଶାସନର ସ୍ୱପ୍ନ ନଦେଖିଲେ କେହି ଆମକୁ ଯନ୍ତ୍ରଣାରୁ ମୁକ୍ତି ଦେଇପାରିବେ ନାହିଁ। ତେଣୁ ଭାବିଚିନ୍ତି ନିଜର ବିଚାର ବୁଦ୍ଧି ପ୍ରୟୋଗ ମାଧ୍ୟମରେ ପଞ୍ଚାୟତ ନିର୍ବାଚନକୁ କଳଙ୍କମୁକ୍ତ କରିବା ଭୋଟରମାନଙ୍କ ଅଧିକାର। ଏଣୁ ନିଜ ଅଧିକାରକୁ କ୍ଷୁଣ୍ଣ କରି କାହା ମିଛ କଥାରେ ଭାସି ନଯାଇ ବରଂ ଭଲ ପ୍ରାର୍ଥୀଙ୍କୁ ଖୋଜି ମତ ସାବ୍ୟସ୍ତ କଲେ ଭବିଷ୍ୟତରେ ଭଲ ଫଳ ନିଶ୍ଚୟ ମିଳିବ। ସଚ୍ଚୋଟ ବ୍ୟକ୍ତି ନିର୍ବାଚନରେ ଜିତିଲେ ଅଂଚଳ ପାଇଁ ସଫଳତା ଆଣି ଦେବେ,ତେଣୁ ସଚେତନ ରହିଲେ ସଫଳତା ମିଳିବାର ଆଶା ରହିଛି।

# ପାରିକରଙ୍କ ପାରଦର୍ଶିତା

ଜେ.ଏସ୍. କୁମାର

ଗୋଆରେ ଚାଲିଥିବା ବିଧାନସଭା ନିର୍ବାଚନରେ କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀଙ୍କୁ ଆଗାମୀ ବିଧାନସଭାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀରୂପେ ଘୋଷଣା କରାଗଲାଣି। ଯଦି ଗୋଆରେ ବିଜେପି ପୁନର୍ବାର ବିଜୟୀ ହୁଏ, ତେବେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀକାନ୍ତ ପାରସେକର ପଛକୁ ଯିବେ ଓ ଗତ ବିଧାନସଭା ନିର୍ବାଚନରେ ବିଜେପିକୁ ସଫଳତା ଦେଇ ମୁଖ୍ୟମନ୍ତ୍ରୀ ହୋଇଥିବା ପାରିକର କେନ୍ଦ୍ର ମନ୍ତ୍ରିମଣ୍ଡଳ ଛାଡ଼ି ଗୋଆକୁ ଫେରିବାକୁ ବାଧ୍ୟ ହେବେ। ଏହା ଯଦି ହୁଏ, ତେବେ ଦେଶ ଜଣେ ଭଲ ପ୍ରତିରକ୍ଷା ମନ୍ତ୍ରୀଙ୍କ ସେବା ହରାଇବ ବୋଲି କହିବାକୁ ହେବ। ତାଙ୍କଠାରୁ ଯେ ଯୋଗ୍ୟବ୍ୟକ୍ତି ନାହାନ୍ତି ତା ନୁହେଁ, କିନ୍ତୁ ବର୍ତ୍ତମାନ ଯାଏଁ ଯେତେ ପ୍ରତିରକ୍ଷା ମନ୍ତ୍ରୀ କାର୍ଯ୍ୟ କରିଛନ୍ତି ସେମାନଙ୍କ ତୁଳନାରେ ପାରିକର ନିଷ୍ପତ୍ତି ନେବାରେ, ଢାଞ୍ଚାଗତ ପରିବର୍ତ୍ତନରେ ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାରେ ବିଗତ ଦିନଗୁଡ଼ିକରେ ଯଥେଷ୍ଟ ପରିଶ୍ରମ କରିଛନ୍ତି। କେବଳ ସେତିକି ନୁହେଁ, ଦୀର୍ଘବର୍ଷ ଧରି ପଡ଼ିରହିଥିବା ପ୍ରକଳ୍ପ, ଅସ୍ତ୍ରଶସ୍ତ୍ର କ୍ରୟ, ଉପକରଣ ଯୋଗାଣ, ନିର୍ମାଣଗତ ଲାଇସେନ୍ସ (ଅନୁମତି) ପ୍ରଦାନ, ତିନିବାହିନୀର ଆଧୁନିକୀକରଣ, ପ୍ରତିରକ୍ଷା ମନ୍ତ୍ରଣାଳୟରେ ସକ୍ରିୟତା ସୃଷ୍ଟି, ପ୍ରଶାସନିକ ଅଧିକାରୀଙ୍କୁ ନିୟନ୍ତ୍ରଣ ଯନ୍ତ୍ରାଂଶ କ୍ରୟ ବେଳେ ଭାରତୀୟକରଣକୁ ପ୍ରାଧାନ୍ୟ, ସରକାରୀ ଓ ବେସରକାରୀ ଶିଳ୍ପ ମଧ୍ୟରେ ସମାନତା ଆଣିବା ଲାଗି ଉଲ୍ଲେଖନୀୟ ପଦକ୍ଷେପ ନେଇପାରିଛନ୍ତି।

ହିସାବରୁ ଜଣାଯାଏ ଯେ ମୋଦିଙ୍କ ସରକାର ୨୦୧୪ରେ ଶାସନକୁ ଆସିବାର ବର୍ଷକ ପୂର୍ବରୁ ଅର୍ଥାତ୍ ୨୦୧୩ ମାର୍ଚ୍ଚରେ ଆବଶ୍ୟକ ଅସ୍ତ୍ର ୧୭୦ ପ୍ରକାରରୁ ୧୨୫ ପ୍ରକାର ସେନାବାହିନୀ ପାଖରେ ଥିଲା। ଏପରିକି ଆବଶ୍ୟକ ଅସ୍ତ୍ର ପରିମାଣ ୫୦ ଭାଗରୁ କମ୍ ରହିଥିଲା। ଯାହାକୁ ନେଇ ସେନା କେବଳ ୧୦ ଦିନ ଯୁଦ୍ଧ କରିପାରିବ। ତା' ପୂର୍ବ ୫ ବର୍ଷ ମଧ୍ୟରେ ସାମରିକ କ୍ରୟ ହ୍ରାସ ଘଟିବା, ସାମାନ୍ୟତମ ଅଭିଯୋଗରୁ ସବୁ ଟେଣ୍ଡର ବାତିଲ କରାଯିବା ପରି ଘଟଣା ଯୋଗୁଁ ପ୍ରତିରକ୍ଷା ଉପକରଣ କ୍ରୟ ବ୍ୟବସ୍ଥା ସ୍ଥାଣୁବତ୍ ହୋଇପଡ଼ିଥିଲା। ଏପରିକି ୪୦୦ ପ୍ରକାର ଛୋଟବଡ଼ ଯୋଜନାକୁ କାର୍ଯ୍ୟକାରୀ କରା ନ ଯାଇ ଅଧିକାରୀମାନେ ସେସବୁର ଫାଇଲଗୁଡ଼ିକୁ ଚାପିରଖି ବସିରହିଥିଲେ। ଏପରିକି ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍ ଏବଂ ଗୁଳିନିରୋଧକ ହେଲ୍‌ମେଟ ମଧ୍ୟ କିଣାଯାଇପାରୁ ନ ଥିଲା। ଫଳରେ ଯବାନମାନେ ଅଧିକ ହତାହତ ହେଉଥିଲେ। ହେଲମେଟ୍‌ର ଅଭାବ ୧୦ ବର୍ଷରୁ ଅଧିକ ସମୟ ଧରି ରହିଆସିଥିଲେ ହେଁ ଅଭାବ ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇପାରି ନଥିଲା।

ପାରିକର ଦାୟିତ୍ୱ ନେବା ପରେ ବିଭାଗୀୟ ସମସ୍ୟାକୁ ବୁଝିବାରେ ୪ ମାସ ଲାଗିଯାଇଥିଲା। ପୁରୁଣା ୪୦୦ ପ୍ରକାର ଯୋଜନାର ସମୀକ୍ଷା କରି ସେସବୁ ମଧ୍ୟରୁ ଆବଶ୍ୟକ ୫୦ଟିକୁ ଗୁରୁତ୍ୱ ଦେଇ ଅବଶିଷ୍ଟ ଯୋଜନାକୁ ସେ ବାତିଲ କରିଦେଇଥିଲେ। ସେନା ପାଇଁ ଆବଶ୍ୟକ ୫୦,୦୦୦ ବୁଲେଟ୍‌ରୋଧକ ଜ୍ୟାକେଟ୍ ପାଇଁ କ୍ରୟ ଆଦେଶ ଦେଇଥିଲେ। କାନପୁରର ଏମକେୟୁ ଇଣ୍ଡଷ୍ଟ୍ରିଜ୍‌କୁ ୧ ଲକ୍ଷ ୫୮ ହଜାର ଗୁଳିନିରୋଧକ ହେଲମେଟ୍ ନିର୍ମାଣର ଅର୍ଡର ଦିଆଯାଇଥିଲା। କାରଣ ଭାରତୀୟ ସେନାବାହିନୀ ପାଇଁ ୨.୫୮ ଲକ୍ଷ କୋଟିର ବଜେଟ ରହିଛି। ପ୍ରତିରକ୍ଷା ବିଭାଗ ୨୦୧୪ରୁ ୨୦୧୬ ମଧ୍ୟରେ ୨ ଲକ୍ଷ ୯ ହଜାର ୭୫୧ କୋଟି ଉପଯୋଗ କରି ୧୨୪ଟି ନୂତନ କ୍ରୟ ଆଦେଶ ଦେଇଛନ୍ତି। ୨୦୧୪ ମାର୍ଚ୍ଚରୁ ୨୦୧୫ ମାର୍ଚ୍ଚ ମଧ୍ୟରେ ୭୭ ହଜାର ୪୨୪ କୋଟି ଯୋଜନାକୁ ସ୍ୱୀକୃତି ମିଳିଥିଲା । ୨୦୧୫-୧୬ରେ ୪୭ହଜାର ୨୯୧ କୋଟିର ୬୩ଟି ଯୋଜନାକୁ ସ୍ୱୀକୃତି ଦିଆଯାଇଥିଲା । ୨୦୧୬ ଡିସେମ୍ବର ମଧ୍ୟରେ ୮୫ହଜାର ୩୬କୋଟିର ୨୩ଟି ଯୋଜନାକୁ ଅନୁମତି ପ୍ରଦାନ କରାଯାଇଥିଲା । ଏସବୁ ମଧ୍ୟରେ ଆକ୍ରମଣକାରୀ ଭାରୀ ବନ୍ଧୁକ, ଆକ୍ରମଣକାରୀ ଆମେରିକା ନିର୍ମିତ ଚିନୁକ ଓ ଆପାଚି ହେଲିକପ୍ଟର, ନୌସେନା ପାଇଁ ଉଦ୍ଦିଷ୍ଟ ଛୋଟ ନୌକା ଏବଂ ସୁଡଙ୍ଗ ଧ୍ୱଂସକାରୀ ଜାହାଜ, ବାୟୁସେନାପାଇଁ ଆକାଶ କ୍ଷେପଣାସ୍ତ୍ର ଏଥିରେ ସାମିଲ ରହିଛି । ସର୍ଜିକାଲ ଷ୍ଟ୍ରାଇକ ପରେ ୨୦,୦୦୦ କୋଟି ଟଙ୍କାର କ୍ରୟାଦେଶ ସରକାର ଦେଇଛନ୍ତି ପ୍ରତିରକ୍ଷା ପାଇଁ ଆବଶ୍ୟକ ଅନୁମତି (ଲାଇସେନ୍ସ) ୨୦୦୧ ରୁ ୨୦୧୪ ମଧ୍ୟରେ ୨୧୪ ଟି ପ୍ରଦାନ କରାଯାଇଥିବା ସ୍ଥଳେ ୨୦୧୪-୧୬ ମଧ୍ୟରେ ୧୨୫ଟି ପ୍ରଦାନ କରାଯାଇଛି । ଏହା ପ୍ରତିରକ୍ଷା ବିଭାଗର ସକ୍ରୀୟର ପ୍ରମାଣ । ପୂର୍ବରୁ ବନ୍ଧୁକ, ଗୋଳା, ଜ୍ୟାକେଟପରି ଆବଶ୍ୟକ ଉପକରଣ କ୍ରୟ ନିମନ୍ତେ ମୁଖ୍ୟକାର୍ଯ୍ୟାଳୟରୁ ଅନୁମତି ନେବାକୁ ପଡୁଥିଲା । ଏବେ ପାରିକର ତାହା ହଟାଇ ଦେଇଛନ୍ତି । ତତ୍‌କାଳ କ୍ରୟ ପାଇଁ ପୂର୍ବରୁ ୧୦କୋଟି ଟଙ୍କା ରଖାଯାଇଥିଲା ବେଳେ ଏବେ ତାହା ୫୦କୋଟିକୁ ବଢାଇ ଦିଆଯାଇଛି ।

ଫ୍ରାନସର ବିମାନ କମ୍ପାନୀ ଡାସୋଲ୍‌ଟଠାରୁ ରାଫେଲ ବିମାନ କ୍ରୟର ନିଷ୍ପତ୍ତି ୧୦ବର୍ଷରୁ ଅଧିକ ସମୟ ଧରି ଗଡି ଆସୁଥିଲା । ସମସ୍ୟା ଦୂରକରିବା ପାଇଁ ପାରିକର ପ୍ରଧାନମନ୍ତ୍ରୀଙ୍କ ଫ୍ରାନସଗସ୍ତର ପୂର୍ବରୁ ଏଥିପାଇଁ ରାଜନୀତିକ ନିଷ୍ପତ୍ତି ନେଇ ସମାଧାନର ରାସ୍ତା ବାହାର କରିଥିଲେ। ଫଳରେ ରାଫେଲ କ୍ରୟକ୍ଷେତ୍ରରେ ନିଷ୍ପତ୍ତି ହୋଇପାରିଲା ପ୍ରତିରକ୍ଷା ବିଭାଗର କ୍ରୟ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ଲାଗି ୨୦୧୬ରେ ନୂତନ ନିୟମ ପ୍ରଣୟନ କରାଯାଇଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେନାଙ୍କ ପାଇଁ ଆବଶ୍ୟକ ଉପକରଣ କ୍ରୟ ନିଷ୍ପତ୍ତି ନିଆଯିବା ସହ ବଜେଟର ଉପଯୁକ୍ତ ବିନିଯୋଗ ପାଇଁ ଦୃଷ୍ଟି ଦେବାକୁ ବ୍ୟବସ୍ଥା କରାଯାଇଛି ପ୍ରତିରକ୍ଷା ଉପକରଣର ଉତ୍ପାଦନ ଓ ଅଧିଗ୍ରହଣ କ୍ଷେତ୍ରରେ ସବୁବେଳେ ଆତ୍ମନିର୍ଭରଶୀଳତା ଉପରେ ଜୋର ଦେବାକୁ କୁହାଯାଇଛି। ପ୍ରତିରକ୍ଷା ନିର୍ମାଣରେ ମେକ୍-ଇନ୍-ଇଣ୍ଡିଆ ପ୍ରତି ଦୃଷ୍ଟିଦେବାକୁ ନୀତିଗତ ବ୍ୟବସ୍ଥା ହୋଇଛି। କ୍ରୟ ପ୍ରକ୍ରିୟାକୁ ସରଳ ଓ ସୁବିଧାଜନକ କରିବା ଲାଗି ବିଶେଷ ଦୃଷ୍ଟି ଦିଆଯାଇଛି। ଅସ୍ତ୍ରଶସ୍ତ୍ର ଏଜେଣ୍ଟ-ମଧ୍ୟସ୍ଥି-ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧିକାରୀଙ୍କ ମଧ୍ୟରେ ଥିବା ତ୍ରିଭୁଜାକାର ସମ୍ପର୍କକୁ ପାରିକର ଭାଙ୍ଗିବାକୁ ସକ୍ଷମ ହୋଇଛନ୍ତି।

ରାଜୀବ ଗାନ୍ଧୀଙ୍କ ସରକାର ସମୟରେ ଉଠିଥିବା ବୋଫର୍ସ ଦୁର୍ନୀତି ଯୋଗୁଁ ପରବର୍ତ୍ତୀ ୩୦ ବର୍ଷରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଗୋଟିଏ ମଧ୍ୟ ଆର୍ଟିଲେରୀ ବନ୍ଧୁକ କ୍ରୟ କରିନଥିଲା। ସେହିପରି ହାଲୁକା ଯୁଦ୍ଧ ବିମାନ ତେଜସ୍ ନିର୍ମାଣପାଇଁ ୩୨ବର୍ଷ ବିତିଯାଇଥିଲା। ତେଜସ୍ କାର୍ଯ୍ୟ ଶେଷ କରିବାକୁ ପାରିକର ୧୮ଥର ସଭା ଡାକି ଆଲୋଚନା କରିଥିଲେ। ଅଗଷ୍ଟା ୱେଷ୍ଟଲାଣ୍ଡ ହେଲିକପ୍ଟରକିଣାରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ମଧ୍ୟସ୍ଥି ଖ୍ରୀଷ୍ଟିଆନ ମାଇକେଲଠାରୁ ଅନେକ ଲୋକ ମାଗଣା ଟିକେଟ ନେଇ ବିଦେଶଯାତ୍ରାର ଆନନ୍ଦ ନେଇଥିଲେ। କୌଣସି ବ୍ୟକ୍ତିର କଥାକୁ ସିଧାସଳଖ ପାରିକର ଗ୍ରହଣ କରି ନ ଥାନ୍ତି କିମ୍ବା ତାଙ୍କୁ କେହି ପ୍ରଭାବିତ କରିବାକୁ ଚେଷ୍ଟା କରିପାରନ୍ତି ନାହିଁ। ଯୋଗ୍ୟତା ଅନୁଯାୟୀ ସମସ୍ତ ନିଷ୍ପତ୍ତି ନେବା ତାଙ୍କର ଅନ୍ୟ ଏକ ଦକ୍ଷତା।

ବନ୍ଧୁମାନଙ୍କ ମଧ୍ୟରେ ମନୋହର ଗୋପାଳକୃଷ୍ଣ ପ୍ରଭୁ ପାରିକର ଭାବେ ପରିଚିତ ପ୍ରତିରକ୍ଷା ମନ୍ତ୍ରୀଙ୍କ ଜନ୍ମ ୧୯୫୫ରେ ଗୋଆର ମାପୁସାଠାରେ ହୋଇଥିଲା। ମାରଗାଁଓର ଲୋୟୋଲା ହାଇସ୍କୁଲରୁ ସେ ମରାଠୀ ମାଧ୍ୟମରେ ହାଇସ୍କୁଲ ଶିକ୍ଷା ଶେଷ କରି ପରେ ଆଇଆଇଟି ମୁମ୍ବାଇରୁ ଧାତୁବିଜ୍ଞାନରେ ଇଂଜିନିୟରିଂ ପାସ୍ କରିଥିଲେ। ୧୯୯୪ରେ ପାରିକର ପ୍ରଥମକରି ବିଧାୟକ ଭାବେ ବିଜୟୀ ହୋଇଥିଲେ। ପରେ ୧୯୯୯ରେ ଗୋଆ ବିଧାନସଭାର ବିରୋଧୀ ଦଳନେତା ହୋଇଥିଲେ। ୨୪ ଅକ୍ଟୋବର ୨୦୦୦ରୁ ୨୭ ଫେବୃଆରୀ ୨୦୦୨ ଯାଏ ସେ ଗୋଆର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୫ ଜୁନ୍ ୨୦୦୫ରେ ସେ ପୁନର୍ବାର ଗୋଆର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୯ ଜାନୁଆରୀ ୨୦୦୫ରେ ତାଙ୍କ ସରକାର ସମର୍ଥନ ହରାଇଥିଲା। ପରେ ମାର୍ଚ୍ଚ ୨୦୧୨ରେ ପାରିକର ପୁଣିଥରେ ଗୋଆରେ ନିଜଦଳ ବିଜେପିକୁ ବିଜୟୀ କରାଇଥିଲେ। ୮ ନଭେମ୍ବର ୨୦୧୪ରେ କେନ୍ଦ୍ରମନ୍ତ୍ରୀ ହେବାଯାଏ ସେ ଗୋଆର ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଥିଲେ। ଭାରତୀୟ ସେନା ପାକିସ୍ତାନରେ ସର୍ଜିକାଲ ଷ୍ଟ୍ରାଇକ କରିବା ପଛରେ ତାଙ୍କର ସମ୍ମତି ରହିଥିଲା। ମୋଦିଙ୍କ ସରକାରରେ ସେ ଯେମିତି ଶିକ୍ଷିତ, ସ୍ୱଚ୍ଛ, କର୍ମଠ ମନ୍ତ୍ରୀଭାବେ ଜଣାଶୁଣା ସେମିତି ନିଜର ସାଧାରଣ ଜୀବନଶୈଳୀ ନେଇ ଗୋଆରେ ସେ ସବୁବେଳେ ଚର୍ଚ୍ଚିତ। ଏପରିକି ବିବାହ ଭୋଜି ଖାଇବାକୁ ଥାଳିଧରି ଧାଡିରେ ଛିଡାହେବା, ଲୋକସ୍ୱାର୍ଥରେ ଖୋଲାଖୋଲି କହିବାକୁ ନେଇ ସେ ନିଜ ରାଜ୍ୟରେ ଲୋକପ୍ରିୟ ରାଜନେତା। ତାଙ୍କର ରୋକଠୋକ୍ ବକ୍ତବ୍ୟକୁ ନେଇ ସେ ସବୁବେଳେ ଆଗରେ ରହିଥାନ୍ତି।

ଗୋଆ ନିର୍ବାଚନର ଫଳାଫଳପରେ ପାରିକରଙ୍କ ଭବିଷ୍ୟତ କଣ ହେବ ତାହା ସମୟ କହିବ କିନ୍ତୁ ଦଳୀୟ ନେତୃତ୍ୱ ଗୋଆର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ତାଙ୍କୁ ଘୋଷଣା କରି ଜନମତ ନିଜ ସପକ୍ଷରେ ନେବାକୁ ଚାହାନ୍ତି। ତେବେ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବା ପ୍ରତିରକ୍ଷା ମନ୍ତ୍ରୀ, ସବୁ କାର୍ଯ୍ୟରେ ପାରଦର୍ଶିତା ଯୋଗୁଁ ସେ ପ୍ରଶଂସନୀୟ ହୋଇ ଆସିଛନ୍ତି।

*ଭାରତୀୟ ସମ୍ବାଦ ସେବା (ଭାସ)*

**ଭୁବନେଶ୍ୱର**

# ଉଠରେ ସୁପ୍ତ ଜାତି-୨



ଉମାକାନ୍ତ ରାଉତ
(ଅରୂପ)

ଘୁମେଇ ପଡିଥିବା ଗୋଟିଏ ସୁପ୍ତ ଅଥଚ ମହାନ ଜାତିକୁ ନିଦରୁ ଉଠାଇବାକୁ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା 'ଉତ୍କଳ ଦୀପିକା' କେମିତି ଓଡ଼ିଆ ନବଜାଗରଣର ନେତୃତ୍ୱ ନେଇପାରିଥିଲା, ସେ ବିଷୟରେ ଆଲୋକପାତ କରିବାର ଅବ୍ୟବହିତ ପୂର୍ବରୁ ଓଡ଼ିଶା ବିଚ୍ଛିନ୍ନିକରଣର ଇତିହାସ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିବା ଅପରିହାର୍ଯ୍ୟ ମନେହୁଏ।

ଏହି ସ୍ତମ୍ଭରେ ପୂର୍ବରୁ କୁହାଯାଇଛି ଯେ ବ୍ରିଟିଶ କବଳକୁ ଯିବାରେ ଓଡ଼ିଶା ଥିଲା ଭାରତର ଶେଷଭୂମି ଓ ବ୍ରିଟିଶ ଆଧିପତ୍ୟ ବିରୋଧରେ ଅସ୍ତ୍ର ଟୋଳିବାରେ ଏହା ଥିଲା ପ୍ରଥମ। ଏହି ବିରୋଧ ବିଦ୍ରୋହ ଓ ଅସ୍ତ୍ର ଟୋଳିବାର ପ୍ରକ୍ରିୟାରେ ସେତେବେଳେ ପଡ଼ୋଶୀ ରାଜ୍ୟମାନେ ଯଦି ସହଯୋଗ କରିଥା'ନ୍ତେ, ଆଜି ହୁଏତ ଇତିହାସର ମୋଡ ବଦଳିଯାଇଥାଆନ୍ତି। ଭାରତବର୍ଷ ଆଉ ଅଧିକ ଦିନ ବ୍ରିଟିଶ ଶାସନର କବଜାରେ ରହି ନଥା'ନ୍ତା। କାରଣ, ସେତେବେଳେ ବ୍ରିଟିଶ ଶାସନର କଞ୍ଚା ଅବସ୍ଥା। ସଳଖ ଓ ଦୃଢଭାବେ ଚାଲିବାକୁ ଆପ୍ରାଣ ଚେଷ୍ଟାରେ ଅନବରତ ଲାଗି ରହିଥିବା ଚତୁର ଇଂରେଜମାନଙ୍କ ସହ ପଡୋଶୀ ପ୍ରଦେଶମାନେ ସାଲିସ୍ କରି ହାତ ମିଳେଇବାକୁ ଲାଗିଲେ ଓଡ଼ିଆମାନଙ୍କ ଉପରେ ପ୍ରତିଶୋଧ ନେବାପାଇଁ। ପୂର୍ବରୁ ଓଡ଼ିଶାଠାରୁ ପାଇଥିବା ପରାଭବ ସେମାନଙ୍କ ପାଇଁ ଏତେ ଅସହ୍ୟ ହୋଇଯାଇଥିଲା। ଯେ ସେମାନେ ହୀନମନ୍ୟତାର ଶିକାର, ସାଜି, ନିଜ ନିଜର ମୁକ୍ତିର କଥାକୁ ଭୁଲି ବ୍ରିଟିଶ ବିରୋଧରେ ସଂଘର୍ଷ ପାଇଁ ଓଡ଼ିଆମାନଙ୍କ ସହ ହାତ ମିଳାଇଲେ ନାହିଁ। ଓଡ଼ିଆମାନଙ୍କର ଅପୂର୍ବ ମାଟିପ୍ରେମ ନିଦର୍ଶନ କରି ଇଂରେଜ ନିଜକୁ ଏତେ ଅସୁରକ୍ଷିତ ମନେ କରୁଥିଲା ଯେ, ଏଭଳି ପରିସ୍ଥିତିକୁ ଏକ ସୁଯୋଗ ମନେକରି ସେ ଓଡ଼ିଶାମାଟିକୁ ଭାଗ ଭାଗ କରିଦେଇଥିଲା। ଖଣ୍ଡିତ ଓଡ଼ିଆମାଟିସହ ଅଣଓଡ଼ିଆ ପ୍ରଦେଶଗୁଡ଼ିକର ବୃହତ ଅଂଶଗୁଡ଼ିକୁ ଯୋଡ଼ି, ସେହି ଅସହିଷ୍ଣୁ ରାଜ୍ୟମାନଙ୍କରେ ଓଡ଼ିଆମାନଙ୍କର ସ୍ଥାନ ସଂଖ୍ୟାଲଘୁ ସ୍ତରକୁ ଖସେଇ ଦିଆଗଲା। ଓଡ଼ିଆମାନଙ୍କର ପରାକ୍ରମ ଓ ଯୌଥବିକ୍ରମକୁ ତଳିତକାନ୍ତ କରି ନିଜକୁ ନିରାପଦ ସ୍ଥାନରେ ରଖିବା ହିଁ ଥିଲା ଏସବୁର ହୀନ ଉଦ୍ଦେଶ୍ୟ।

ଏହାର ବିଶେଷ ଫାଇଦା ନେଇଥିଲେ ସେହି ଅସହିଷ୍ଣୁ ପଡୋଶୀମାନେ। ଓଡ଼ିଆମାନଙ୍କର ଜମି ଜଙ୍ଗଲ ସହ ସାର୍ବଭୌମତ୍ୱ ଓ ସାଂସ୍କୃତିକ ଲୁଟ୍ କରିବା ହୋଇଉଠିଲା ସେହି ଓଡ଼ିଆବିଦ୍ୱେଶୀମାନଙ୍କର ମୁଖ୍ୟ କର୍ମ। ଏଥିରୁ ଉଦ୍ଧାର ପାଇବା ପାଇଁ ଏବଂ ଖଣ୍ଡବିଖଣ୍ଡିତ ଉତ୍କଳ ଜନନୀକୁ ପୁନଃଏକତ୍ରୀତ କରିବା ପାଇଁ ଅନ୍ୟକିଛି ବିକଳ୍ପ ନ ଥିବାରୁ ଭିନ୍ନ ରଣକୌଶଳ ବାଛି ନେଇଥିଲେ ଜାତିପ୍ରେମୀ ଓଡ଼ିଆମାନେ। ତାହାହିଁ ଥିଲା ଗଣମାଧ୍ୟମର ସୁଉପଯୋଗ ଭାଷା ହିଁ ଥିଲା। ଏହି ଏକତ୍ରିକରଣ ଅଭିଯାନର ମୂଳଭିତ୍ତି।

ମାନ୍ଦ୍ରାଜ ପ୍ରଦେଶରେ ସାମିଲ୍ ଓଡ଼ିଆମାନଙ୍କ ପାଇଁ ଓଡ଼ିଆ ଭାଷା ଆଉ ସରକାରୀ ଭାଷା ହୋଇ ରହିନଥିବା ତେଲୁଗୁ ଭାଷାକୁ ସରକାରୀ ଭାଷାଭାବେ ଓଡ଼ିଆ ଅଞ୍ଚଳରେ ପ୍ରବର୍ତ୍ତନ କରାଯିବା ଦ୍ୱାରା ଓଡ଼ିଆମାନେ ପ୍ରଶାସନିକ ନିଷ୍ପେଷଣର ଶିକାର ସାଜିଲେ। ଏହି ସମୟରେ ସରକାରୀ କର୍ମଚାରୀ ହୋଇମଧ୍ୟ ଘୁମୁସର ନିବାସୀ ଦୀନବନ୍ଧୁ ପଟ୍ଟନାୟକ ସେ ଅଞ୍ଚଳର ଓଡ଼ିଆମାନଙ୍କୁ ଏକଜୁଟ କରିଥିଲେ ଏବଂ ସେ ଅଞ୍ଚଳକୁ ମାନ୍ଦ୍ରାଜରୁ ମୁକ୍ତ କରି ଓଡ଼ିଆ ସରକାରୀ ଭାଷା ଥିବା ଅଞ୍ଚଳ ସହ ମିଶାଇବାକୁ ଏକ ସାର୍ବଜନୀନ ପ୍ରସ୍ତାବ ଗ୍ରହଣ କରାଇଥିଲେ। ସେଥିପାଇଁ କଟକ ଓ ପୁରୀ ଜିଲ୍ଲାର ଓଡ଼ିଆମାନଙ୍କ ସହଯୋଗ ଲୋଡି ସେମାନଙ୍କ ସହ ହାତମିଳାଇବାକୁ ନିବେଦନ କରିଥିଲେ। ସୁତରାଂ, ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପୁନର୍ଗଠନ ଦିଗରେ ତାଙ୍କର ପ୍ରୟାସକୁ ପ୍ରଥମ ପଦକ୍ଷେପ କହିଲେ ଭୁଲ୍ ହେବନାହିଁ।

ହେଲେ ତାଙ୍କର ଅଭିଯୋଗ, ସଂଗ୍ରାମ ଓ ଉପସ୍ଥାପନାର ମଞ୍ଚ ଭାବେ କୌଣସି ବ୍ୟକ୍ତି, ସଂଗଠନ କିମ୍ବା ନେତୃତ୍ୱ ପରିବର୍ତ୍ତେ ସମ୍ବାଦପତ୍ରକୁ ଉପଯୋଗ କରିବାକୁ ସେ ଏକ ବିଚକ୍ଷଣ ନିଷ୍ପତ୍ତି ଗ୍ରହଣ କରିଥିଲେ। ତେଣୁ ସେତେବେଳେ ଓଡ଼ିଶାର ସର୍ବାଧିକ ଲୋକପ୍ରିୟ ଓ ଦାୟିତ୍ୱସମ୍ପନ୍ନ ସମ୍ବାଦପତ୍ର 'ଉତ୍କଳଦୀପିକା'ର ସମ୍ପାଦକଙ୍କ ମାଧ୍ୟମରେ ସେ ବାଢିଥିଲେ ତାଙ୍କର ପ୍ରତିବେଦନା।

ସେତେବେଳେ ବଙ୍ଗାଳୀମାନଙ୍କ ହୀନ ଷଡଯନ୍ତ୍ର ଓ ଚକ୍ରାନ୍ତରୁ ଓଡ଼ିଆଭାଷାକୁ ରକ୍ଷା କରିବାକୁ ଏବଂ ବଙ୍ଗଳା ଭାଷା ଅପେକ୍ଷା ଓଡ଼ିଆଭାଷା ଖୁବ୍ ଉନ୍ନତ ବୋଲି ସାବ୍ୟସ୍ତ କରିବାକୁ ଉତ୍କଳଦୀପିକାର ସକ୍ରିୟ ଓ ଫଳପ୍ରଦ ଭୂମିକା ସମ୍ପର୍କରେ ସମସ୍ତେ ସଚେତନ ଥିଲେ। ତେଣୁ ଉପରୋକ୍ତ ରଣକୌଶଳ ଆପଣେଇ ଦୀନବନ୍ଧୁ ନିଜ ବିଚକ୍ଷଣ ଦୂରଦୃଷ୍ଟିର ପରିଚୟ ଦେଇଥିଲେ। ତାଙ୍କ ପ୍ରଦତ୍ତ ନିବେଦନ ଉତ୍କଳଦୀପିକାର ୨୨।୧୦।୧୮୭୦ର ସଂସ୍କରଣରେ 'ଘୁମୁସରବାସୀଙ୍କ ପତ୍ର' ଭାବେ ଉପସ୍ଥାପିତ ହୋଇଥିଲା। ଏହି ପତ୍ରକୁ ସମ୍ପୂର୍ଣ୍ଣଭାବେ ଉଦ୍ଧାର କରିବା ଅପେକ୍ଷା ଏହାର ମୁଖ୍ୟାଂଶ ଓ ନିର୍ଯ୍ୟାସକୁ ଉପସ୍ଥାପନ କଲେ ଏହାର ପ୍ରକୃତ ଉଦ୍ଦେଶ୍ୟ ସମଗ୍ର ଉତ୍କଳବାସୀମାନଙ୍କର ଏକତ୍ରୀକରଣ ଓ ଓଡ଼ିଆ ଭାଷାଭାଷୀମାନଙ୍କୁ ନେଇ ଅଖଣ୍ଡ ଓଡ଼ିଶା ରାଜ୍ୟ ସ୍ଥାପନ ବୋଲି ସ୍ପଷ୍ଟ ବୁଝିହେବ। ତାହା ଏହିପରି 'ଏ ଦେଶମାନ ସରକାର ସ୍ୱାଧୀନ ହେବାରେ କଚେରୀରେ ତେଲେଙ୍ଗା ବିଦ୍ୟା ପ୍ରଚାର ହେବାରୁ କ୍ରମେ କ୍ରମେ ଏ ଦେଶ ଲୋକଙ୍କର ଶ୍ରୀଚ୍ୟୁତ ହୋଇ ଯଶଃ ଶ୍ରୀ ବିଦ୍ୟା ବୁଦ୍ଧି ଲୋପ ହେବା ସହ ପ୍ରତ୍ୟକ୍ଷ ସରକାରରୁ ନ୍ୟାୟ ଲଭିବାର ଦୁଷ୍କର ହୋଇଅଛି। କେବଳ ତେଲିଙ୍ଗୀ ଦେଶଙ୍କର ଶ୍ରୀବୃଦ୍ଧି ହୋଇ ଯେଉଁ ଲୋକମାନେ ଏ ଦେଶକୁ ଯମାଳୟ ପରି ଜ୍ଞାନ କରୁଥିଲେ, ସେମାନେ ବର୍ତ୍ତମାନ ସରକାରୀ କର୍ମରେ ନିଯୁକ୍ତ ହୋଇ ଦେଶ ଅଧିକାର କରି ଯମଦୂତ ପରି କର୍ମ କରୁଅଛନ୍ତି। ଆଉ ୟୁରୋପୀୟ ହାକିମମାନେ ଯେ ଆସୁଛନ୍ତି ସେମାନଙ୍କ ଅମଲାଗଣ ସେହି ତେଲେଙ୍ଗା ଦେଶ ଲୋକ ହୋଇଥିବାରୁ ତାହାଙ୍କଠାରେ ବଶୀଭୂତ ହୋଇ ସେହି ତେଲେଙ୍ଗାଭାଷାରେ ତାହାଙ୍କ ପରାମର୍ଶରେ କର୍ମ କରୁଥିବାରୁ ଓଡ଼ିଆ ଲୋକମାନେ ସେହି ହାକିମମାନଙ୍କୁ ଭୟ କରି ଆପଣାର ଦୁଃଖ ହାଲ୍ କିଛି କହିପାରୁନାହାନ୍ତି ଓ ମଧ୍ୟ ମାମଲା ମକଦ୍ଦମା ବିଚାର ସମୟରେ ସେହି ତେଲେଙ୍ଗା ଭାଷାରେ କଥୋପକଥନ ହେଉଥିବାରୁ ପ୍ରଜାମାନେ ଅସଲ ହାଲ୍ ବୁଝିପାରୁ ନଥିବାରୁ ଉଚିତ୍ ଜବାବ୍ ସୁଆଲ କରି ନ ପାରି ଅମଲାମାନଙ୍କ ବିନା ସହାୟରେ କେହି ନ୍ୟାୟ ଲଭି ପାରୁନାହାନ୍ତି। ଅମଲାମାନଙ୍କୁ ସହାୟକରି ଲୋଡିବାରେ ପ୍ରଜାଙ୍କର ଯେ କ୍ଷତି ହେଉଅଛି ସେଥିରେ ଆଖିକୁ ମାରି ବାଉଁଶକୁ ପାଣି ଟେଣ୍ଡିଲା ପରି ହେଉଅଛି। ଏ ହେତୁ ତଳ ଲିଖିତ ଜିଲ୍ଲା ହାତରେ ନିବାସ କରୁଥିବା ଅନ୍ଦାଜ ଦଶଲକ୍ଷ ମନୁଷ୍ୟମାନଙ୍କର ଶ୍ରୀଚ୍ୟୁତ ହୋଇ ତେଲେଙ୍ଗୀ ଦେଶ ଲୋକଙ୍କର ଶ୍ରୀବୃଦ୍ଧି ହେବାକୁ କାରଣ ହେଉଅଛି। ଆଉ ଏ ଦେଶର ଗ୍ରାମାଧିକାରୀ ଅର୍ଥାତ୍ କରଣକାର୍ଯ୍ୟ ଓଗେର ଗ୍ରାମ ପ୍ରଧାନ ଲୋକେ ତାହାଙ୍କ ପୂର୍ବପୁରୁଷାର୍ଜ୍ଜିତ ରାଜାମାନେ ଦେଇଥିବା ଭୂମି ଓ ରୁସୁମ ଭୋଗ କରି ପୂର୍ବରେ ରାଜସଭାରେ ସ୍ୱମର୍ଯ୍ୟାଦା ପ୍ରକାରେ ବସୁଥିବା , ସେଥିମଧ୍ୟରୁ କେହି କେହି ପାଣ୍ଡାଦି ଅଧିକାରୀମାନ ଜାରି କରୁଥିବା, କେହି କେହି ଗ୍ରାମାଧିକାର କରି ଯେପରି ଗ୍ରାମର ଲେଖାମାନଙ୍କୁ ରାଜଦରବାରରେ ଦାଖଲ କରୁଥିଲେ, ବର୍ତ୍ତମାନ ସେହି ଭୂମି ଓ ରୁସୁମ ଖାଇ ପୂର୍ବପ୍ରତି ବିଶେଷରେ ଲେଖାମାନ ସରକାରରେ ଦାଖଲ କରୁଥିବା ପ୍ରତ୍ୟକ୍ଷ ଓଡ଼ିଆ ଅକ୍ଷରରେ ଲେଖାଲେଖି ଦାଖଲ କରୁଥିବାରୁ ସେ ଲେଖାମାନ ତେଲେଙ୍ଗାରେ ତର୍ଜମା କରି ଆଣିବାକୁ ହାକିମମାନେ ହୁକୁମ ଦେଉଥିବାରୁ ସେଥିରେ ଗ୍ରାମାଧିକାରୀମାନଙ୍କୁ ଯେ ଖର୍ଚ୍ଚ ଲାଗୁଅଛି ସେଥିରେ ତାହାଙ୍କର ପୂର୍ବପୁରୁଷାର୍ଜିତ ଭୂମିରୁ ଆୟ ହେବା ସବୁ ଦ୍ରବ୍ୟ ବ୍ୟୟ ହୋଇ ରୁସୁମୁ ଯାହା ମିଳୁଅଛି ତାହା କଚେରୀରେ ପଡ଼ିରହିବା ଖର୍ଚ୍ଚକୁ ସରି ହେଉଅଛି। ଏ ହେତୁ ଗ୍ରାମାଧିକାରୀମାନେ ପରିପୋଷଣ ହୋଇ ନପାରି କେହି କେହି କୁଲିପରି ଚାଷ କରିବା ଓ ପ୍ରଜାମାନଙ୍କୁ ଯାଚଞ୍ଚା କରିବା ଇତ୍ୟାଦି ନୀଚବୃତ୍ତିରେ କଷ୍ଟରେ ପ୍ରତିପୋଷଣ ହେଉଅଛନ୍ତି ଓ ମଧ୍ୟ, କେତେଲୋକ ଋଣଗ୍ରସ୍ତ ହୋଇ ସରକାରୀ ଟଙ୍କା ଖାଇଦେଇ କର୍ମଚ୍ୟୁତ ଓ କଏଦ ହୋଇଯାଉଛନ୍ତି।

ଓଡ଼ିଆଭାଷାକୁ ଆଧାରଭାବେ ଗ୍ରହଣ କରି ଓଡ଼ିଆମାନେ ଗୋଟିଏ ଭୂଖଣ୍ଡରେ ରହିବାକୁ ବ୍ୟାକୁଳତା ଓ ଯୁକ୍ତିଯୁକ୍ତ ଉପରୋକ୍ତ ଚିଠିର ଶେଷାଂଶରେ ନିମ୍ନମତେ ସୁସ୍ପଷ୍ଟ ହୋଇଅଛି। ' ଏ ସମସ୍ତ କେବଳ ଦେଶର ଚଳିତ ଭାଷାର ବିଦ୍ୟା ପ୍ରଚାର ନହୋଇ କଚେରୀର ଅନ୍ୟ ଦେଶର ତେଲେଙ୍ଗା ବିଦ୍ୟା ପ୍ରଚାର ହେବାରୁ ଦେଶୀୟ ଲୋକମାନଙ୍କୁ ଦେଶର କୌଣସି ଉପଯୁକ୍ତ କର୍ମ ସରକାରରୁ ନ ମିଳି ନାନାଦି ଯନ୍ତ୍ରଣାମାନ ପ୍ରାପ୍ତ ହୋଇ ଲୋକମାନଙ୍କର ଯଶଃ ଶ୍ରୀ ବିଦ୍ୟା ଲୋପ ହୋଇଯାଇଅଛି।

ଏ ଦେଶୀୟ ଲୋକେ ଆପଣାଦେଶରେ ଓଡ଼ିଆ ବି ପ୍ରଚାର ହେବା ଆଶାରେ ମାନ୍ଦ୍ରାଜ ରାଜଧାନୀରୁ ଅନ୍ତର ହୋଇ ବଙ୍ଗଳା ରାଜଧାନୀରେ ରହିବାର ଇଚ୍ଛା କରୁଥିବାରୁ ଓ ମଧ୍ୟ, ଏ ଦେଶରେ ନିଯୁକ୍ତ ହୋଇଥିବା ତେଲେଙ୍ଗା ଦେଶ ଅମଲାମାନଙ୍କ ଭୟରେ ଏ ଦେଶୀୟ ଲୋକ ସ୍ୱତନ୍ତ୍ରରେ ଦରବ କରିବାକୁ କେହି ସମର୍ଥ ନଥିବାରୁ ଏଥି ବିଷୟରେ ଆପଣା ଗବର୍ଣ୍ଣମେଣ୍ଟକୁ କିଛି ଜଣା କରି ନ ପାରି ବିଶେଷ ଭାବନାଙ୍କ ମହରଗ କାଳେ ଗାଇ, ବିପତ୍ତିବେଳେ ଭାଇ ରକ୍ଷାକର୍ତ୍ତା ବୋଲି ଡାକବଚନ ଥିବାରୁ କଟକ ଜିଲ୍ଲା ମଧ୍ୟସ୍ଥ ଉତ୍କଳ ଦେଶୀୟମାନ ଦୁଃଖ ଜଣାଇବାର ସ୍ଥିର କରାଗଲା। ଉକ୍ତ ଜିଲ୍ଲାର ଉତ୍କଳ.... ମହୋଦୟମାନେ ଦରିଦ୍ରଲୋକଙ୍କ ଦୁଃଖ ମୋଚନ କରିବାର କେତେ ତାହା ବିବେଚନା କରି ଉପରଲିଖିତ ଅବସ୍ଥାରୁ ଏ ଲୋକଙ୍କୁ ଉଦ୍ଧାର କରି ଶାସ୍ତ୍ରାନୁସାରେ ଉତ୍କଳ ଦେଶ ସହ ଏକତ୍ରହୋଇ ଓଡ଼ିଶା ଜିଲ୍ଲାରେ ରହିବା ଓ ସର୍ବତ୍ର ଦେଶର ଅଦାଲତରେ ଉତ୍କଳବିଦ୍ୟା ପ୍ରଚଳନ ହେବ ନିମିତ୍ତ ଭାରତବର୍ଷର ଶ୍ରୀଯୁକ୍ତ ରାଇଟ୍ ଅନରେବ୍‌ଲ୍ ଗଭର୍ଣ୍ଣର ଜେନେରାଲ ବାହାଦୁରଙ୍କ ହଜୁରରୁ ହୁକୁମ୍ ହେବା କାରଣ କଟକ ଜିଲ୍ଲା ଉତ୍କଳଦେଶୀୟ ମହାଶୟମାନେ ଯଥୋଚିତ ତଦ୍‌ବିର କରି ଚିରସ୍ଥାୟୀ କୀର୍ତ୍ତି ରଖିବାର ଯଶଃ ପ୍ରକାଶ କରନ୍ତୁ।

ଉପରୋକ୍ତ ପତ୍ରଟିକୁ ଅନୁଧ୍ୟାନ କଲେ ଗୋଟିଏ ଜାତିର ଉନ୍ନତି , ପ୍ରଗତି ଓ ଶ୍ରୀବୃଦ୍ଧିପାଇଁ ସର୍ବତ୍ର ମାତୃଭାଷାର ବ୍ୟବହାର କେତେ ଜରୁରୀ ତାହା ବୁଝିହୁଏ। ହେଲେ, ପରିତାପର ବିଷୟ ଏହି କି ଯେ ଆଜିବି କୋର୍ଟ କଚେରୀରେ ଓଡ଼ିଆଭାଷାର ବ୍ୟବହାର ପାଇଁ ସରକାରୀ କାର୍ଯ୍ୟରେ ଓଡ଼ିଆଭାଷାର ବ୍ୟବହାର ପାଇଁ ଅନଶନ ଆନ୍ଦୋଳନ ଓ ଧାରଣା ଦେବାକୁ ପଡୁଛି। ପରୋକ୍ଷରେ ଏହା ଏ ଦିଗରେ ଗଣମାଧ୍ୟମମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ମରଣକରାଇ ଦେଉନାହିଁ କି ?

ପୂର୍ବ ପ୍ରସଙ୍ଗକୁ ଯାଇ କୁହାଯାଇପାରେ କି ବ୍ରିଟିଶ୍ କୌଶଳର ଶିକାର ସାଜି ବିଚ୍ଛିନ୍ନ ହୋଇ ପଡ଼ିଥିବା ଓଡ଼ିଆମାନେ ମାତୃଭାଷାକୁ ମୂଳଦୁଆ କରି ପୁନଶ୍ଚ ଏକତ୍ର ହେବାର ମହାନ ଓ ମହତ୍ ପ୍ରଚେଷ୍ଟାକୁ ଭାଷାଭିତ୍ତିରେ ପ୍ରଦେଶ ଗଠନର ପରିକଳ୍ପନା ବୋଲି କହିବା ସମୀଚିନ। ଭାଷାଭିତ୍ତିରେ ଜାତିକୁ ଏକାଠି କରି ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାର ଏଭଳି ଅନନ୍ୟ ଉଚ୍ଚାରଣ ଓ ସୁମହତ ପ୍ରତିଜ୍ଞାର ନିଦର୍ଶନ ଭାରତର ଅନ୍ୟ କେଉଁ ଜାତି ପାଖରେ ଦେଖା ଯିବାର ନଜିର୍ ନାହିଁ।

ଆଜି ଏକଥା କହିବାର ଉଦ୍ଦେଶ୍ୟ ହେଲା, ଆମର ସେହି ପୂର୍ବସୂରୀମାନଙ୍କର ଅକ୍ଲାନ୍ତ ପ୍ରଚେଷ୍ଟା, ଅପୂର୍ବ ତ୍ୟାଗ ଓ ବେସାଲିସ୍ ଜାତିପ୍ରେମ ବଳରେ ସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏଯାଏଁ ଆସିପାରିନଥିଲେ ହେଁ, ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପ୍ରାପ୍ତ କରିଅଛୁ ଭାଷାଭିତ୍ତିରେ। ହେଲେ, ବାସ୍ତବ କ୍ଷେତ୍ରରେ ଆମର ଭାଷାଜନନୀକୁ ଆମେ ମୁକ୍ତ କରିପାରିଛୁ କି ? ତାହା ହିଁ ବିଚାର୍ଯ୍ୟ ଯେ ଯାଏଁ ଓଡ଼ିଆ ଭାଷାରେ ଓଡ଼ିଶାର ଶାସନ କାର୍ଯ୍ୟ ଆଇନ ଅଦାଲତ, ବିଦ୍ୟାଳୟ ମହାବିଦ୍ୟାଳୟର ପାଖକୁ ସାମିଲ୍ ହୋଇନାହିଁ ତଥା ଏହି ଭାଷା ଜ୍ଞାନ ଓ ରୋଜଗାରର ମାଧ୍ୟମ ହୋଇନାହିଁ, ସେ ଯାଏଁ ଆମେ ପ୍ରକୃତ ସ୍ୱାଧୀନ ପାଇଛୁ ବୋଲି କହିପାରିବା କି ? ଉପରେ ଉଦ୍ଧୃତ 'ଘୁମୁସରବାସୀଙ୍କ ଚିଠି'ର ନିର୍ଯ୍ୟାସକୁ ଅନୁଶୀଳନ କଲେ ସ୍ପଷ୍ଟ ବୁଝିହେବ ଯେ ପୂର୍ବର ସେହି ସରକାରୀ ଓ ଅମଲାତାନ୍ତ୍ରିକ ଚକ୍ରାନ୍ତକୁ ଏବେ ଏକ ରୋଚକ ଓ ପାରିମାର୍ଜିତ ଢଙ୍ଗରେ ମଧୁମେହ ରୋଗ ଭଳି ଓଡ଼ିଆଙ୍କ ଉପରେ ଥାପି ଦିଆଯାଉଛି। ଯାହାଫଳରେ ଭବିଷ୍ୟତ ଏ ଜାତି ନିଜର ଦମ୍ଭ ଓ ଗାରିମା ପ୍ରଦର୍ଶନ କରି ନ ପାରି ପରାଙ୍ଗପୃଷ୍ଠଭାବେ ଅନ୍ୟର ଦୟା ଓ ନିଦାନ ଉପରେ ନିର୍ଭର କରିବାକୁ ବାଧ୍ୟ ହେବ।

ପ୍ରଥମ ନମୁନା ସ୍ୱରୂପ ଏହାର ସରକାରୀ ଭାଷା ଆଇନ୍‌କୁ ଏପରି ଦରଖଣ୍ଡିଆ ଓ ବିକଳାଙ୍ଗ କରିଦିଆଯାଇଛି, ଯେ ଯେପରି ଏହା କାଗଜ କଲମରେ ରହିବା ଛଡା ସଳଖ ହୋଇ ବାଟ ଚାଲିପାରିବ ନାହିଁ। ଏଥିସହ ଜନମଙ୍ଗଳକାରୀ ଯୋଜନା ଆଳରେ ସରଳ ଓ ସାଧାରଣ ଓଡ଼ିଆଙ୍କ ମୁହଁରେ ଏପରି ପାଞ୍ଚଟଙ୍କିଆ ଦାନାର ... ଓ ଏକଟଙ୍କିଆ ଚାଉଳର ମୁଣିମାନ ବାନ୍ଧିଦିଆ ଯାଉଛି। ଯେ ଏହା ମଧୁବାବୁଙ୍କର ମହାନ୍ ପଂକ୍ତିକୁ ମନେ ପକାଇ ଦଉଛି- 'ଜାତି ନନ୍ଦିଘୋଷ ଚଳିବ କି ଭାଇ

ସ୍ୱାର୍ଥକୁ ସାରଥୀ କଲେ ଟାଣେକିରେ ଗାଡ଼ି
ଦାନାର ତୋବଡ଼ା
ଘୋଡା ମୁହେଁ ବନ୍ଧା ଥିଲେ

ଏହା ଓଡ଼ିଆମାନଙ୍କୁ ଗୌଡେଶ୍ୱର ନବକୋଟି କର୍ଣ୍ଣାଟେକେଳବର୍ଗେଶ୍ୱରାଦି କଥା ମନେ ନ ପକାଇ ବିଭ୍ରାନ୍ତ ଭାବେ ଏକ ନାରକୀୟ ଅଗ୍ନିବଳୟରେ ଝାସ ଦେବାର ପତଙ୍ଗମାନସିକତା ସୃଷ୍ଟି କରାଇବାରେ ଲାଗିଛି। ସୁତରାଂ, ସେତେବେଳର ବିଦେଶୀ ଅମଲାଙ୍କ ଅପେକ୍ଷା ବର୍ତ୍ତମାନର ସ୍ୱାର୍ଥସର୍ବସ୍ୱ ଚାଟୁକାରୀ ଦେଶୀ ଅମଲାଙ୍କ କାରସାଦି ଅଧିକ ବିପଦପୂର୍ଣ୍ଣ ବୋଲି କହିବା ଭୁଲ୍ ହେବ କାହିଁକି ?


ଏହା ହୋଇ ନଥିଲେ ଏ ପ୍ରହେଳିକା ଓ ଷଡଯନ୍ତ୍ରକୁ ବୁଝିପାରୁଥିବା କତିପୟ ଓଡ଼ିଆମାନେ ଓଡ଼ିଆ ସାର୍ବଭୌମତ୍ୱ, ଭାଷାଜନନୀର ମୁକ୍ତି ତଥା ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନପାଇଁ ଓଡ଼ିଆ ଜନଚେତନାର ଜାଗରଣ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇ କଳାପତାକା ଧରିବାକୁ ବାଧ୍ୟ ହୋଇ ଥାଆନ୍ତେ କି ?

**ଆମ ଠିକଣା**
**ଏକମାତ୍ର**
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି- ୧୩୭, ଧର୍ମବିହାର
ଖଣ୍ଡଗିରି, ଭୁବନେଶ୍ୱର-୩୦



**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com

# ବେଦନାର ବେଦ-୨



ଧାରାବାହିକ ଉପନ୍ୟାସ

– "ମୋରି ଆଖି ଆଗରେ ଅଳପ ବୟସରେ ମୋ ପୁଅ ବୋହୂକୁ ନେଲା। ମତେ ବଂଚେଇ ରଖିଚି କ'ଣ ପାଇଁ ? ଏ ଦୁନିଆରେ ନିଇତି ଏତେ ଲୋକ ମରୁଛନ୍ତି, ମୋରି ବେଳକୁ ସେ ଅଳପେଇସା ଯମ ଅମଙ୍ଗ ! କୋଉଦିନ ମଶାଣୀ ଦେଖିବି କେଜାଣି ?"

ଏସବୁ କହି ବୁଢୀମା' ସିନା କପାଳକୁ ନିନ୍ଦେ, ହେଲେ ଜୀବନ ପ୍ରତି ତା'ର ଲୋଭ ଚାରିଗୁଣା ନୁହେଁ ଷୋଳଗୁଣା। ବାଡିରେ କାହା ଛେଳି କି ଗାଇବାଛୁରୀ ପଶିଗଲେ ବୁଢୀ ଚିଲାଏ- " ଆରେ ଖାଇଗଲେରେ... ସବୁ ଖଇରାତ କରିପକାଇଲେ ରେ... ଆରେ ଯୋଗଣୀଖିଆ ଚକରା, କୁଆଡେ ଗଲୁକିରେ... ଆଲୋ ପୋଡାମୁହୀଁ ଚମ୍ପା, କୋଉଠି ମରିଗଲୁ କିଲୋ... ।

ଥରେ ଦି'ଥର ନୁହେଁ, ହଜାର ଥର ବୁଢୀ ମା' ଚମ୍ପାକୁ ଉଲୁଗୁଣା ଦେଲାଣି- "ହଇଲୋ ହେ ଛତରଖାଇ ଆଣ୍ଟୁକୁଡି, ତୋ ବାପା ମା' ତତେ କୋଉ ବେଳକାଳରେ ପଇଦା କରିଥିଲେ କିଲୋ ? ତୁ ମାଇପି ପିଲାଟା ନା ଶୁଖିଲା କାଠ ଗଣ୍ଡିଟା ? ତୋରି ସାଙ୍ଗରେ ବାହାହୋଇ ଆସିଥିବା ଗାଁର ଅନ୍ୟ ବୋହୂମାଇପେ ପରା ନାତିନାତୁଣୀ ଖେଳାଇଲେଣି ! ବିଧାତା ତୋ ପେଟରେ ଛୁଆଖେଳା ଯନ୍ତ୍ର ଖଞ୍ଜିଚି ନା ନାଇଁ ?

କେବଳ ବୁଢୀମା' ନୁହେଁ ! ସାର୍ ମାଇପେମାନେ ମଧ୍ୟ ସେହିପରି ମରମଜଳା କଥାବାର୍ତ୍ତା ସବୁ କଲେଣି ! ଗାଁ ଗାଧୁଆ ତୁଠରେ ସବୁଦିନ କଅଁଳ ଗାଧୁଆବେଳେ ସ୍ତ୍ରୀଲୋକମାନଙ୍କ ମେଳି ବସେ ! ବାରଆଡୁ ତେରକଥା ଆଲୋଚନା ହୁଏ। ମକରା ଦାଦିଙ୍କ ସ୍ତ୍ରୀ ରତନୀଖୁଡ଼ୀ ସେ ମେଳିର ସର୍ବେସର୍ବା। ସେ ଯାହା କହିବ, ଅନ୍ୟମାନେ ହଁ ହଁ କରିବେ। ତାର ନାଇଁ ନାଇଁକୁ ସମସ୍ତଙ୍କର ନାଇଁ ନାଇଁ। ପେଟପାଣିଆ ହୋଇ ଛାତିପିଠି ଘସୁଥିବାବେଳେ ରତନୀଖୁଡ଼ି କହେ- 'ଆଲୋ ସୋଦରୀ, ଚକରାର କ'ଣ ଆଉ ଛୁଆପିଲା ହେବେନି ? ଆଲୋ ଦୋଷଟା କାହାର କିଲୋ ? ଚକରାର ନା ଚମ୍ପାର ବା !

"ଚକରାର ଦୋଷ କାହିଁକି ହବ ବା ? – ସୋଦରୀ ଖୁଡୀ ଆରମ୍ଭ କରେ- 'ଅଣ୍ଡିରାପୁଅଟାର ଦୋଷ କ'ଣ ? ସବୁ ସେଇ ମାଇକିନିଆର ଦୋଷ। ସେଇଟା ଦେହରେ ଆଞ୍ଜୁଳାଏ ପାଣି ନାଇଁ। ଶୁଖିଲା ଖଡ଼୍ ଖଡ଼୍।

"ଆଲୋ ସେ ମାଇକିନିଆର କ'ଣ କମ ଗଉଁ କିଲୋ ! ନିଜକୁ ପରା ଭାବୁଚି ସରଗର ପରୀ ! ତା'ର କ'ଣ ଟିକେ ବଡସାନ ବାରଣ ଅଛି ! ଟିକେ ଶଣ୍ଢୁଣା ଶିଖିଚି ?ତାକୁ ପଦେ କଥା ପଚାରିଲେ ପରା ମୁହଁ ଉପରେ ଠୋ ଠୋ ହାବେଳୀ ବାଣ ପରି କଥା କହିଦେବ ! ତା' କଥା ଶୁଣିଲେ ତମକୁ ଚାପୁଡ଼ା ଖାଇବା ପରି ଲାଗିବ !

– "ଆଲୋ ସେକଥା କ'ଣ କହୁଚୁ ! ମୁଁ ପରା ତାକୁ ଲକ୍ଷେଥର କହିଲିଣି ଡାକ୍ତର ଫାକ୍ତର କଥା ଛାଡ। ମହାଦେବ ମନ୍ଦିରରେ ଯାଇ ଅଧିଆ ପଡ ! ସବୁ ଠିକ୍ ହୋଇଯିବ ! ମାସ ଦଶଟାରେ ଛୁଆ ଖେଳାଇବୁ। ମୋ କଥା ଭଲା ସେ କାଇଁକି ଶୁଣିବ ? ଆମେ ତା' ଆଗରେ କୋଉ ମଣିଷରେ ଗଣା ?"

– "ମଲା, ତାର ଛୁଆପିଲା ହେଲେ କେତେ, ନ ହେଲେ କେତେ ? ଆମର ସେଥିରେ ଯାଏ ଆସେ କ'ଣ ? ସେ ବାଞ୍ଝ ହଉ କି ଯାହା ହଉ, ଆମର କ'ଣ ଗଲା ? ଆମେ ତାକୁ କହିବା ସିନା, ତା' ପେଟରେ କ'ଣ ଛୁଆ ପୂରେଇ ଦବା ?"

ଚମ୍ପା ସବୁ ଶୁଣେ। କିଛି ପ୍ରତିବାଦ କରେନା। ଶୁଣିଶୁଣି ତା' ଛାତି ପଥର ହୋଇଗଲାଣି। ତା'ର ବା ବେଳ କାଇଁ ବାହାର ଲୋକଙ୍କ କଥା କାନରେ ପୂରାଇବା ପାଇଁ ? ସେ ତ ଦିନରାତି ଲାଗିଥାଏ ଘର-ବାହାର କାମରେ। ଘରବାରିଠୁ ଆରମ୍ଭ କରି ରୋଷେଇବାସ , ଗାଇବଳଦ ପର୍ଯ୍ୟନ୍ତ ! ନଡ଼ିଆ, କଦଳୀ, ସଜନାଗଛଠୁ ଆରମ୍ଭ କରି ବାଇଗଣ, ଲେଉଟିଆ ଶାଗ ପର୍ଯ୍ୟନ୍ତ। ଚକ୍ରଧରଟା ଫୁଲା ଫାଙ୍କିଆ ମଣିଷଟା। ଜମା ଘରୁଆ ନୁହଁ ! କଥାରେ କୁହନ୍ତିନି- 'ବେକରେ ପଡ଼ିଲେ ଆପେ ବଜେଇ ଶିଖିବ !' ହେଲେ ଶିଖିଲାନି କିଛି। ସକାଳୁ ସକାଳୁ ଶାଗ ପଖାଳ ପେଟେ ଠୁଙ୍କିଦେଇ, ମନହେଲା ତ ବିଲମଜୁରୀ ଗଲା, ନଇଲେ ନାଇଁ। ନିଜ ମର୍ଜିର ନିଜେ ମାଲିକ। ବାଦଶାହା ପଳେଇବ ରାସ୍ତାଛକ ଉପରକୁ। ଛକଉପରେ ଚାରି -ଛଅଟା ଝାଟିମାଟି ଦୋକାନ। କଣ୍ଢୁରି ସାହୁ ତା' ପାନ ଦୋକାନ ଆଗରେ ଅହର୍ନିଶି ଚାଲିଥାଏ ତାସ୍‌ମାଡ଼। ଚକ୍ରଧର ବସେ ଯାଇ ସେଠି। ଦିନ ଯାଇ ରାତିହେଲେ ବି ତାସ୍ ନିଶା ଛାଡ଼େନା ତାକୁ। ଘର ବୋଲି କିଛି ଅଛି ବୋଲି ସେତେବେଳେ ତା'ର ମନେପଡ଼େନା। ଘରେ ବୁଢୀମା' ଓ ଚମ୍ପା ଗର ଗର ହେଉଥିବେ। ଚକ୍ରଧର କାହା କଥାକୁ କାନ ଦିଏନା।

ଦିନ ଗଡ଼ି ଯାଉଥାଏ।

ରାତିହେଲେ ନାହିଁ ନଥିବା ଏକ ନିଃସଙ୍ଗତାରେ ଘାଂଟି ହୋଇଯାଏ ଚମ୍ପା। ସାରା ଘର ଲାଗେ ଖାଁ ଖାଁ ନିର୍ଜନ। ରାତିର ନିରବତା ଆହୁରି ଗାଢ଼ ହୋଇଯାଏ। ଶୋଇବାବେଳେ ଚମ୍ପାର ହାତ ଆପଣାଛାଏଁ ଚାଲିଯାଏ ନିଜ ପେଟ ଉପରକୁ। ବିକଳରେ ପେଟକୁ ଆଉଁସି ପକାଏ ସେ। କିଛି ଗୋଟାଏ ପ୍ରିୟ ଜିନିଷକୁ ଭାରି ଆଶା ଓ ଆଗ୍ରହରେ ଅଣ୍ଡାଳେ। ମିଳେ ନାଇଁ କିଛି, କେବଳ ମୁଠାଏ ଶୂନ୍ୟତା ବ୍ୟତୀତ। ମୁଠାଏ ନିରାଶା ଓ ବେଦନା ବ୍ୟତୀତ। ସବୁ ଶୂନ୍ୟତାକୁ ଭେଦକରି ତା' ରିକ୍ତହାତ ଫେରିଆସେ ଯଥାସ୍ଥାନକୁ। ବିଧ୍ୱସ୍ତ ହୋଇଯାଏ ତା' ନିରିମାଖି ମନ। ଅସମ୍ଭାଳ

> ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

କୋହରେ ସେ ଉଛୁଳି ପଡ଼େ। ଦିକ୍‌ଦାର ଲାଗେ ଜୀବନ। କଇଁ କଇଁ କାନ୍ଦଟିଏ ଫିଟି ପଡିବାକୁ ବାଟ ଖୋଜେ। ସେ କାନ୍ଦ ଘର ଭେଦି, ବାହାର ଭେଦି ଯାଇ ପହଂଚିଯାଏ ଦିଗ୍‌ବଳୟ ପାଖରେ। ଦିଗ୍‌ବଳୟର କାନ୍ଥରେ ପିଟି ହୋଇ ସେ କାନ୍ଦ ପୁଣି ଫେରିଆସେ ଯଥାସ୍ଥାନକୁ। ସେ କାନ୍ଦ ଏତେ ମର୍ମନ୍ତୁଦ, ଏତେ ଛେଉଣ୍ଡ ଯେ, ତାହା ଥରାଇଦିଏ ଅନ୍ଧାର ରାତିର ବହଳ ଛାତିକୁ। ଚହଲାଇ ଦିଏ ଘନୀଭୂତ ଅନ୍ଧାର ଓ ନିସ୍ତବ୍ଧତାକୁ। ଗମ୍ ଗମ୍ ଝାଳ କଂଟେଇ ଆସେ ତା' ସମଗ୍ର ଶରୀରରୁ। ତଂଟି ପରିଣତ ହୋଇଯାଏ ଅନନ୍ତ ମରୁଭୂମିରେ, ଯେଉଁଠି ପାଣି ତ ପାଣି, ଚାଖଣ୍ଡେ ଛାଇର ବି ଦେଖାନଥାଏ।

ଦିନେ ଦି' ଦିନର କଥା ନୁହେଁ, ମାସମାସ, ବର୍ଷବର୍ଷର ଏକ ପୁନଃ ପୁନଃ ଘଟଣା ଇୟେ। ଚମ୍ପାର ରାତିରାତି ଅଥୟ କାନ୍ଦ ବିଶେଷ ପ୍ରଭାବିତ କରିପାରେନା ଚକ୍ରଧରକୁ। ଚକ୍ରଧର ଅଶିକ୍ଷିତ ମଣିଷ। ସ୍ତ୍ରୀ କଥାକୁ କାନକୁ ନିଏନା କି ବୁଢୀମା' କଥାକୁ କେଶ ପ୍ରମାଣେ ଖାତିର୍ କରେନା। ତାର ସ୍ୱପ୍ନ- " ଏ ବର୍ଷ ଭଲ ଫସଲ ହେଉ। ନଡ଼ିଆ ଗଛରୁ ନଡ଼ିଆ ତୋଳାଯାଉ। ତାଗଡ଼ା ଥାଆନ୍ତୁ ତା' କାଳିଆ କସରା ବଳଦ ହଳକ। ଶଗଡ଼ର ଅଖ ନ ଭାଙ୍ଗୁ। ଭଲ କରି ବର୍ଷା ଦି ଅସରା ହଉ। ରାସ୍ତା ଉପର କଣ୍ଢୁରୀ ଦୋକାନ ସାମ୍‌ନାରେ ଅହର୍ନିଶି ଚାଲିଥାଉ ତାସ୍‌ମାଡ଼। ବାସ୍ ଏତିକି ଯଥେଷ୍ଟ ତା' ପାଇଁ। ଏତିକି ତା' ଜୀବନର ରୂପରେଖ। ଯା' କୁ ବାଦ୍‌ଦେଇ କି ଜୀବନ ? କି ବଂଚିବା ? ବରଂ ଭଲ ନିର୍ଜଞ୍ଝାଳ ଖାଇ ବେଧଡ଼କ ନିଦରେ ଶୋଇପଡ଼ିବା !

ହେଲେ ବେଳେବେଳେ ବରଫ ପରି ତରଳିଯାଏ ଚକ୍ରଧର ଟାଣୁଆ ଛାତି। ସେ ନିଜକୁ ନିରୀକ୍ଷଣ କରେ। ଚମ୍ପାକୁ ବି। ତା' ସାଙ୍ଗ ସାଥୀମାନଙ୍କ ପିଲାଛୁଆର ସଂସାର ଦେଖି ସେ ଦୁଃଖୀ ହୋଇପଡ଼େ। ଏ ବୟାଳିଶ ବର୍ଷର ପାଂଚଫଟ୍ ଛ ଇଂଚର ତାଗଡ଼ା ଶରୀର ଭିତରେ କ'ଣ ଟିକିଏ ବି ନାଇଁ ସେଇ ମହାର୍ଘ ଉପାଦାନ, ଯାହା ପୃଥିବୀକୁ ଉପହାର ଦେଇପାରନ୍ତା ନୂତନ ଆଗନ୍ତୁକଟିଏ !!

ପିଲା ବକଟେ ପାଇଁ ଚମ୍ପାର କି ଆଗ୍ରହ, କି କଠୋର ଓଷା ବ୍ରତ ! କି ଏକାଗ୍ର ନିଷ୍ଠା ! ସଂକ୍ରାନ୍ତି ଅମାବାସ୍ୟା ହୋଇ ମାସକୁ ଅତି କମ୍‌ରେ ଦୁଇଦିନ ନିର୍ଜଳା ଉପବାସ। ସୋମବାର ମହାଦେବଙ୍କ ବାର। ମଙ୍ଗଳବାର ମଙ୍ଗଳା ଓଷା। ମହାବୀରଙ୍କ ଦିନ। ବୁଧବାର ବୁଧିବାମନଙ୍କ ଓଷା। ଗୁରୁବାର ଲକ୍ଷ୍ମୀ ପୂଜା। ଶୁକ୍ରବାର ମା' ସନ୍ତୋଷୀ ବ୍ରତ। ଶନିବାର ଶନିଙ୍କ ଦିନ। ରବିବାର ସୂର୍ଯ୍ୟ ପୂଜା।

କ୍ଷୀଣ ହୋଇଗଲାଣି ଚମ୍ପାର ଦେହ। ବିଶ୍ୱାସର ମୂଳଦୁଆ ଧୀରେ ଧୀରେ ଦୋହଲିଗଲାଣି। ଆଉ ଭଲ ଲାଗୁନଥିଲା ଏକା ଏକା ନିଃସଙ୍ଗ ଜୀବନ।

ସବୁକିଛି ଲାଗୁଥିଲା ଧୂ ଧୂ ମରୁଭୂମି ପରି ଟାଙ୍ଗରା, ଶୁଖିଲା, ଖାଁ ଖାଁ ନିର୍ଜନ ! ଆକାଶରେ ଜହ୍ନ ଆଉ ଉଠୁଚି ନା ନାଇଁ ? ନଡ଼ିଆଗଛର ସନ୍ଧିରୁ ବାହାରି ଆସି ସୁଲୁସୁଲିଆ ଦକ୍ଷିଣାପବନ ଗାଁର ଅନ୍ଦିକନ୍ଦିକୁ ଆନନ୍ଦ ଉଲ୍ଲାସରେ ଅଭିଭୂତ କରୁଚି ନା ନାଇଁ ? ସକାଳେ ପୂର୍ବଦିଗରେ ଉଦୟ ହୋଇ ସୂର୍ଯ୍ୟ ସନ୍ଧ୍ୟାବେଳେ ପଶ୍ଚିମ ଦିଗରେ ଅସ୍ତ ହେଉଛନ୍ତି ନା ନାଇଁ ? ଏବେ ସତରେ ଭୁଲି ହୋଇଗଲାଣି ସବୁକିଛି। ସବୁକିଛି ମାନେ ସବୁକିଛି। ଖାଇବା ପିଇବା, ଶୋଇବା, ବୁଲିବା। କାଉର କା', କୋଇଲିର କୁହୁ, ଗାଈର ହମ୍ବା ରଡ଼ି, ବାଛୁରୀର ଛନଛନିଆ ଦୌଡ଼। ଜୀବନ ବୋଇଲେ ସକାଳୁ ଉଠ। ସବୁ ସ୍ୱପ୍ନକୁ ବିସର୍ଜନ ଦେଇ ଗଧପରି ଖଟଣୀ ଖଟ। ଶୂନ୍ୟତାର ବଳୟ ଭିତରେ, ଦୁଃଖର ଚଉହଦୀ ଭିତରେ, ଦୀର୍ଘଶ୍ୱାସର ଗରମ ଆବର୍ଂତ ମଧ୍ୟରେ ପଡି ଛଟପଟ ହୁଅ, ନାକେଦମ ହୁଅ, ଅଣନିଶ୍ୱାସୀ ହୁଅ ଏବଂ ଲୁହରେ କୋହରେ ଆଉଟୁ ପାଉଟୁ ହୋଇ ହୋଇ କପାଳକୁ ନିନ୍ଦ, ବିଧାତାକୁ ଅଭିଶାପ ଦିଅ ଏବଂ ନିଜ ଦୁଃଖ ଓ କର୍ମକୁ ଆଦରି, ଆଖିଲୁହ ଆଖିରେ ମାରି ଶୋଇପଡ଼ !! !

ଏହାକୁ କି ଜୀବନ କୁହାଯାଏ ? ଏହାକୁ କୁହାଯାଏ ବଂଚିବା ? ଜୀବନ ବଂଚିବା ତେବେ କାହାକୁ କୁହାଯାଏ।

ସେଦିନ ରାତି ଦଶଟା ପାଖାପାଖି। ସାରା ଗାଁ ବୁଡ଼ିଯାଇଥିଲା ଘନ ଅନ୍ଧକାର ଭିତରେ। ଚାରିଆଡ଼ ନିଃଶବ୍ଦ, ସତେକି କାହାର ଅଦୃଶ୍ୟ, ଭୟଙ୍କର ଇଙ୍ଗିତରେ ତମାମ୍ ଗାଁ ଅଚେତନ ହୋଇପଡ଼ିଛି ! କେଉଁଠୁ ଦିଶୁନଥିଲା ଦିକିଦିକି ଆଲୁଅ ଟିକେ ! ବୁଢୀମା' ସଞ୍ଜବେଳଠାରୁ ଲଙ୍ଗାରେ ଶୋଇ ଘୁଙ୍ଗୁଡ଼ି ମାରିଲାଣି। ଚକରା ଖାଇସାରି ବିଡ଼ି ଖଣ୍ଡିଏ ଟାଣିସାରି ମଶାରୀଟାଙ୍ଗି ଶୋଇପଡ଼ିଲାଣି। ଘରର ଯାବତୀୟ କାମଦାମ ସାରି, ଅଳ୍ପ ଗଣ୍ଡାଏ ଖାଇଦେଇ ଶୋଇବାକୁ ଯିବାବେଳେ ହଠାତ୍ କ'ଣ ପାଇଁ କେଜାଣି ଚମ୍ପାର ମୁଣ୍ଡଟା ଖୁବ୍ ଜୋର୍‌ରେ ଘୂରାଇଦେଲା ! 'ଆଲୋ ମା' ଲୋ' କହି ପଡିଯାଉ ଯାଉ ସେ ଲଥିକରି ବସିପଡ଼ିଲା ଲଙ୍ଗାରେ। ବାରଆଡୁ ତେରଚିନ୍ତା ଘାରି ପକାଉଥିଲା ତାକୁ। ପାଚିଯାଇଥିବା ଘା' ଟିଏ ପରି ମନ ଭିତରଟା ରୁଗୁରୁଗୁ ହୋଇ ପୋଡ଼ି ଉଠୁଥିଲା। ଏ ଯନ୍ତ୍ରଣା ଆଜିକାଲିର ନୁହେଁ, ବର୍ଷ ବର୍ଷ ହୋଇ ଦୀର୍ଘ ବାର ବର୍ଷର।

ମନେପଡ଼େ। ଭାରି ମନେପଡ଼େ ଏବେ ତା'ର ବାପଘର କଥା। ବାପା ମା'ଙ୍କର ସେମାନେ ଦୁଇ ଭଉଣୀ। ଚମ୍ପା ଓ ରୂପା। ସେ ବଡ଼, ରୂପା ସାନ। ବାପା ଭୂମିହୀନ ଗରିବ ଚାଷୀ। ଆ' ଘରେ ତା' ଘରେ କାମ କରି ସେମାନଙ୍କ ପେଟକୁ ଦାନା, ପିଠକୁ କନା ଯୋଗାଉ ଯୋଗାଉ ଦିନେ ପେଟ ବେମାରୀର ଚାଲିଗଲା ଆରପରୁକୁ। ବୋଉ ମୁଣ୍ଡ ଉପରେ ଲଦିଦେଇ ଗଲା ଦୁଇଟି ପାହାଡ଼ର ଓଜନ। ବୁଢ଼ୀ ଦି'ଟା ଝିଅ ବାହାଘର କଲା। ଦିନେ ରାତିରେ ଶ୍ୱାସବେମାରୀରେ ଆଉଟୁ ପାଉଟୁ ହୋଇ ସେ ବି ମରିଗଲା। ସାନଭଉଣୀ ରୂପାର ଏବେ ଦି'ଟା ଝିଅ, ଗୋଟିଏ ପୁଅ। ଅଥଚ ତା' କୋଳ ଶୂନ୍ୟ !!

ମରମଥରା କାନ୍ଦଟିଏ ଦୋହଲାଇ ଦେଲା ଚମ୍ପାର ଛାତିକୁ। ଥିଲା ଥିଲା ହୁରସ୍ ଉଠି ପଡ଼ି ଧାଇଁଗଲା। ସାଇ ଭିତରର ନଳା ମୁହଁ ପାଖକୁ। ତା' ଦେହ ମୁଣ୍ଡ ଝିମ୍ ଝିମ୍ କରି ଦେଉଥିଲା। ଅଷ୍ଟାଙ୍ଗ ଶରୀର ଝାଳରେ ଓଦା ସରସର ହୋଇଯାଇଥିଲା। ହଠାତ୍, ଓଃ...ଓଃ *କ୍ରମଶଃ...*

# ଚିହ୍ନା ସହରରେ ନିଖୋଜ ନାୟକ

– **ହ୍ୟା**ଲୋ, ମିନି କେଉଁଠି ଅଛୁ ?

– ଆପଣ କିଏ କହୁଛନ୍ତି, ଏଠି ମିନି ଫିନି କେହି ରହନ୍ତିନି। ରଙ୍ଗ ନମ୍ବର।

– ତା' ପରେ ପୁଣି ଫୋନ୍ କରିଥିବା ସେଇ ପୁଅଟି ଜାଣେ ଯେ ଏଇଟା ଗୋଟେ ଝିଅର ନମ୍ବର। ଧୀରେ ଧୀରେ ଅଜଣା ସମ୍ପର୍କ ଜଣାହୁଏ। ଫୋନ୍‌ରେ ଚାଲେ ପ୍ରେମାଳାପ। ଧୀରେ ଧୀରେ ଆରମ୍ଭ ହୁଏ କେହି କାହାରି ବିନା ରହିପାରିବେନି ବୋଲି ହଜାରେ ପ୍ରତିଜ୍ଞା। ଟିକେ ନିକଟତର ହେଲା ପରେ ପୁଅ କହେ ଆମର ଟିକେ ଦେଖାହୁଅନ୍ତାନି। ଝିଅଟି କହେ ନାଇଁ, ତମେ ତ ଏତେ ବଡ଼ ସହରରେ ରହୁଛ। ମୁଁ ତ ଗାଁରେ ରହୁଛି। କେମିତି ତମ ପାଖକୁ ଯିବି ଯେ। ପୁଅଟି ସେଇଠୁ ବିଭିନ୍ନ ଲାଳସା ଦେଖାଇ କହେ ତମେ ଖାଲି ବସ୍‌ରେ ବସି ମୋତେ ଗୋଟେ ମିସ୍ କଲ୍ ଦେବ। ତମର କିଛି ଅସୁବିଧା ହେବନାହିଁ। ଦରକାର ପଡ଼ିଲେ ମୁଁ ତମପାଇଁ ଜୀବନ ଦେଇଦେବି। ଏମିତି ତ ଝିଅମାନେ ସରଳ ବିଶ୍ୱାସୀ। ଝିଅଟିକୁ ଲାଗେ ସେ ହିଁ ଦୁନିଆର ସବୁଠାରୁ ସୁଖୀ। କାରଣ କେହି ତ ତା ପାଇଁ ଜୀବନ ଦେଇଦେବା ପାଇଁ ପ୍ରସ୍ତୁତ। ଝିଅଟିଏ ମନ ଦେଲାବେଳେ କିଛି ଭାବେନି। ଯେଉଁ ବାପା,ମା' ତାକୁ ଏଡ଼ିଟେରୁ ଏତେ ବଡ଼ କଲେ, ତାଙ୍କ କଥା ନଭାବି ଶେଷରେ ସେ ନିଜେ ହିଁ ନିଷ୍ପତ୍ତି ନେଇଯାଏ। କିନ୍ତୁ ଡରୁଥାଏ। ଯଦି ସେ ସହରରକୁ ଯାଏ ବାପା କି ମା' ତାକୁ ଗାଳି ଦେବେ। ମାତ୍ର ପ୍ରେମର ସହରରରେ ଥରେ ପାଦ ଦେଲା ପରେ ଆଉ ପଛକୁ ଫେରିଚାହେଁନି ଝିଅଟି। ତାକୁ ସାରା ପୃଥିବୀଟା ପ୍ରେମମୟ ଲାଗେ। ସବୁକିଛି ରଙ୍ଗୀନ ଦିଶେ। ଦୁହେଁ ମିଶି ସ୍ୱପ୍ନ ଦେଖନ୍ତି। ଝିଅଟିର ସ୍ୱପ୍ନ ଥାଏ ସୁନ୍ଦର ଘର। ସେଠି ଛୋଟ ଛୋଟ ପିଲାମାନଙ୍କର ଅଳି ଅରଦଳି ଥିବ। ଗମଲାରେ ଗୋଲାପ ଥିବ ଆଉ ହସଖୁସିରେ କଟିଯାଉଥିବ ଦିନ। କିନ୍ତୁ ପୁଅଟିର ଉଦ୍ଦେଶ୍ୟ ଥାଏ, କିଛି ଅଲଗା। କିଛିଦିନ ଅୟସ କରି ତା' ପରେ କିଛି ନ ଜାଣିଲା ପରି ଫେରାର ହୋଇଯିବ, ପୁଣି ଗୋଟେ ନୂଆ ନୀଡ଼ ସନ୍ଧାନ ଆଶାରେ। ଝିଅଟି କିନ୍ତୁ ଏସବୁ କିଛି ବୁଝିପାରେନି। ବୁଝିପାରେନା ଛଳନାର ମାନେ।

ଝିଅଟି ପୁଅର କଥାକୁ ଭରସା କରି ଆସେ ସହରକୁ। ବାପା, ମାଆ ଆଉ ଭାଇକୁ ଲୁଚିକରି। ସେ ପୁଅ ସହ ଦେଖାହୁଏ। ଦୁହେଁ ସାଥୀହୋଇ ରହନ୍ତି। ବିନା ବିବାହରେ ସେମାନେ କରନ୍ତି ମଉଜ। ସ୍ୱାମୀ ସ୍ତ୍ରୀ ପରି ଜୀବନ ବିତାନ୍ତି। ଦୁହିଁଙ୍କର ଇଚ୍ଛାରେ ଦୈହିକ ସମ୍ପର୍କ ରଖନ୍ତି। ବେଶ୍ ଭଲଲାଗେ। ଝିଅଟିକୁ ବୁଲାଇବା ପାଇଁ ନେଇଯାଏ କୁଲୁ, ମନାଲୀ, ସିମ୍‌ଲା, ଡେରାଡୁନ୍, ମସୌରୀ ଆଉ ନୈନିତାଲକୁ। ଏମିତି ସମ୍ପର୍କ ଗଡ଼ିଚାଲେ ମାସେ କିମ୍ବା ଦୁଇମାସ। ଏପଟେ ଝିଅଟିର ପରିବାର ଜାଣନ୍ତି ଝିଅଟି ପ୍ରେମିକ ସହିତ ଛୁ। ପରିବାର ମୁହଁରେ କାଳି ବୋଳି ଚାଲିଯାଇଛି ବୋଲି ବଜାର ହାଟରେ କଥା ପଡ଼େ। ସାହିଭାଇ କେତେ କ'ଣ କହନ୍ତି। ନିଜ ପରିବାର ବି ଝିଅଟିକୁ ଆଉ ଆଣିବେନି ବୋଲି ସାହି ବୈଠକରେ ଘୋଷଣା କରନ୍ତି। କିନ୍ତୁ ଏଇ ସମୟ ମଧ୍ୟରେ ଝିଅଟି ସେଇ ପୁଅ ସହିତ ପ୍ରେମରେ ମସ୍‌ଗୁଲ ଥାଏ। ତା'ର ମନେ ନ ଥାଏ ସେ ଗୋଟେ ପରିବାରକୁ ଛାଡ଼ି ଆଉ ଗୋଟେ ଦୁନିଆରେ ରହିଛି। ଯେଉଁଠି ନା ଅଛନ୍ତି ପୁଅର ପରିବାର ନା ଝିଅର ପରିବାର। କିନ୍ତୁ ପୁଅଟିର ଶୋଷ ମେଣ୍ଟିଗଲା ପରେ ଦିନେ ଝିଅଟିକୁ କାମ କରିବାକୁ ଯାଉଛି କହି ଫେରାର ହୋଇଯାଏ। ଝିଅଟି ପୁଅଟିର ସେଇ ପୁରୁଣା ନମ୍ବରରେ ଫୋନ୍ ଲଗାଏ। ନମ୍ବର କିନ୍ତୁ ଲାଗେନି। ଆଶ୍ଚର୍ଯ୍ୟ ଲାଗେ, ଝିଅଟି କିନ୍ତୁ ପୁଅଟିକୁ ଅଭିଶାପ ଦିଏନି କି ତା' ବିରୁଦ୍ଧରେ କୋର୍ଟରେ ଏତଲା ବାଢ଼େନି। ପୁଅଟିଠାରୁ କିଛି ଖବର ନ ପାଇ ଝିଅଟି ଶେଷରେ ଯେଉଁ ଘରକୁ ପର କରି ଆସିଥାଏ, ସେଇଠିକୁ ଫୋନ କରେ। କହେ ଭାଇ ମୋର ଭୁଲ୍ ହୋଇଯାଇଛି। ମୁଁ ଜାଣି ନ ଥିଲି ସେ ଏମିତି କରିବେ ବୋଲି। ସେ ମୋତେ କାମ କରିବାକୁ ଯାଉଛି କହି କୁଆଡ଼େ ଯାଇଛନ୍ତି ଯେ ଆଉ ଫେରିବାର ନା ନାହିଁ। ମୁଁ ଏବେ ଦୁଇମାସର ଅନ୍ତଃସତ୍ତ୍ୱା। ଭାଇ ସେଇଠୁ ଖୁବ୍ ରାଗିଯାଏ। କହେ ସେ ପିଲାକୁ ଛାଡ଼ିବିନି। ସେଇଠୁ ତା ନାଁରେ ବଳାତ୍କାର ମାମଲା ରୁଜୁ କରେ। ଆଶ୍ଚର୍ଯ୍ୟ ଲାଗେ ନିଜ ଇଚ୍ଛାରେ ପୁଅଟି ସହିତ ଦୈହିକ ସମ୍ପର୍କ ରଖିବା କ'ଣ ବଳାତ୍କାର ! କାହିଁ ଯେତେବେଳେ ଝିଅଟି ଘରୁ ଲୁଚି ପଳାଇ ଆସିଲା ସେତେବେଳେ ଭାଇ ପୋଲିସ୍‌ରେ ଖବର ଦେଲାନି କାହିଁକି ? ବୋଧହୁଏ ସେତେବେଳେ ଭାଇ ଭାବିଥିଲା ଯାହାହେଉ ମଣିଷ ଯୌତୁକରୁ ବଞ୍ଚିଗଲା। ଏବେ କେଉଁ ଅଧିକାରରେ ସେ ପୁଅ ନାଁରେ ଏତଲା ଦେବ। ଆଜି ଆମ ସମାଜ ଏପରି ଏକ ସ୍ଥାନରେ ପହଞ୍ଚିଛି ଯେ ନା କିଛି କହିପାରୁଛି, ନା ସହିପାରୁଛି। ତେବେ ସେତେବେଳେ ଭାଇ ଥିଲେ କେଉଁଠି ? ଆଜି କୋର୍ଟରେ ଦାଖଲ କରିଛନ୍ତି ଭଉଣୀକୁ ବଳାତ୍କାର କରାଯାଇଛି। ଆମ କଥା କେହି ଶୁଣୁନାହାନ୍ତି। ସରକାର ଅନ୍ଧ। ପ୍ରଶାସନ ନିଘୋଡ଼ ନିଦରେ ଶୋଇଛି।

କିନ୍ତୁ ଏଠି ଯେତେବେଳେ ଝିଅଟି ଜାଣିଲା ଯାହାଙ୍କୁ ସେ ସ୍ୱାମୀ ଭାବି ତା' ସାଥିରେ ରହୁଥିଲା, କଥା ଦେଇଥିଲା ସେଇ ପୁଅଟି ଦିନ କେଇଟା ପରେ ବାପାବୋଉଙ୍କୁ ବୁଝାଇ ତାକୁ ବୋହୂ କରି ତା ନିଜ ଗାଁକୁ ନେଇଯିବ। ତା' ନାମରେ ଭାଇ ମିଛ ଅଭିଯୋଗ ବାଢ଼ିଛନ୍ତି। ସର୍ବସମ୍ମୁଖରେ ମେଡିଆ ଆଗରେ ସେ କହିଲା, ନା ଏସବୁ ମିଛ। ସେ ମୋତେ ବଳାତ୍କାର କରିନାହାନ୍ତି। ଆମ ଦୁହିଁଙ୍କ ଇଚ୍ଛାରେ ଏସବୁ ହୋଇଛି। ତାଙ୍କୁ ବଳାତ୍କାର ମାମଲାରେ ନ ଛନ୍ଦି ବରଂ ପ୍ରତାରଣା କରିଥିବା ଅଭିଯୋଗରେ ଦଣ୍ଡ ମିଳୁ। ପୁଣି କହୁଥିଲା ନା, ମୋ ସ୍ୱାମୀଙ୍କ ନାମରେ କାହାର ପଦେ କହିବାର ଅଧିକାର ନାହିଁ। ସେ ବହୁତ ଭଲ। ସେ ପୁଣି ଫେରିବେ ମୋ ପାଖକୁ। ମୋ ନିରୋଳା ଭଲପାଇବା ଆଉ ସରଳବିଶ୍ୱାସ ମୋତେ କହୁଛି ସେ ମୋତେ ଠକିପାରିବେ ନାହିଁ। ମୁଁ ଦେଖିଛି ସେଇ ଦିନଗୁଡ଼ାରେ ସେ ମୋତେ କେତେ ଭଲପାଉଥିଲେ, ସେସବୁ ମିଛ ନୁହେଁ। ତାଙ୍କୁ ଏତେବଡ଼ ଦୋଷରେ ଦଣ୍ଡିତ କରନି ବୋଲି ଚିତ୍କାର କରି କହୁଥିଲା। ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା ଝିଅଟିର ଏପରି ବକ୍ତବ୍ୟରେ। ସେ ଚାହୁଁଥିଲା ନିଜେ ସତୀ ହେବା ପାଇଁ। କିନ୍ତୁ ବୁଝିପାରୁ ନଥିଲା କଅଁଳ ବୟସରେ କରିଥିବା ଭୁଲ୍ ସାରାଜୀବନ ଜଳାଏ। ସେଥିରେ କାହାର କିଛି ହାତ ନଥାଏ। ଖୁବ୍ ବିଶ୍ୱାସର ସହ ସେ ସମର୍ପି ଦିଏ ତା ନାରୀତ୍ୱର ଶ୍ରେଷ୍ଠ ସମ୍ପଦକୁ। ପୁଅଟି ଟିକେ କଷ୍ଟ କାମ କରିଦେଲେ ଝିଅଟି ଆଖିରୁ ଲୁହ ଝରିପଡ଼େ। କହେ ତୁମେ ମୋତେ ସୁଖରେ ରଖିବା ପାଇଁ କେତେ କଷ୍ଟ କରୁଛ ! ଏହା କହି ଗାଲରେ ଆଙ୍କିଦିଏ ଗୋଟେ ମିଠା ଚୁମ୍ବନ। କିନ୍ତୁ ଝିଅଟିର ଏତେ ଭଲପାଇବାକୁ ପୁଅଟି ବିଲ୍‌କୁଲ୍ ବୁଝିପାରେନା। ପୁଅଟି କିନ୍ତୁ ଭାବୁଥାଏ ଆଉ ଦିନ କେଇଟା ପରେ ସେ ଚାଲଯିବ ପୁଣି ଏକ ନୂଆ ଫୁଲ ପାଖକୁ। କିଛି ଦିନ ଅୟସ କରି ତାକୁ ବି ଏମିତି ଭୁଲାଇଦେବ। ସଂସାର ବନ୍ଧରେ ବାନ୍ଧିହେବାକୁ ଚାହୁଁ ନଥିଲା ସେଇ ପୁଅଟି। ସତରେ କେତେ ଅସହାୟ ଆମ ସମାଜ। ଗୋଟେ ନାରୀର ଏତେ ନିରୋଳା ପ୍ରେମ ଯେ ପୁରୁଷ ମନରେ କିଛି ବି ପ୍ରଭାବ ପକାଇପାରେନା। ପୁଅଟିର ଦେହସୁଖ



**ସୁକାନ୍ତି ରାଉତ**

ସରିଗଲା ପରେ ସେ କୁଆଡ଼େ ଯାଏ କେହି ତା'ର ହିସାବ ରଖେନା।

ପୋଲିସ କିନ୍ତୁ ଫାଇଲ ଦାଏର କରେ। ବଳାତ୍କାର ମାଲାରେ ଛନ୍ଦି ହୋଇଥିବା ପୁଅଟିକୁ ଖୋଜେ। ପୋଲିସ ପାଏନି ଚିହ୍ନା ସହରରେ ସେ କେଉଁଠି ଥାଏ, ମିଳେନି। ଝିଅଟିର ଭାଇ ଦାବି କରେ ଘଟଣାର ସିବିଆଇ ତଦନ୍ତ ହେଉ। ନହେଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅନଶନ କରିବୁ। ଚାଲେ ମାସ ମାସ ଧରି ହଙ୍ଗାମା। ଘଟଣାକୁ ନେଇ ତତ୍ପର ହୁଅନ୍ତି ମିଡିଆ ଆଉ ଟିଭିବାଲା। ସେମାନେ କିଛିଦିନ ଏଇ ଘଟଣାକୁ କରନ୍ତି ମୁଖ୍ୟଖବର। ସେମାନଙ୍କ ହୋ ହଲ୍ଲା କିନ୍ତୁ ଝିଅଟିକୁ ନ୍ୟାୟ ଦେଇପାରେନା। ପୁଅଟିର ବାପା ଆଉ ପରିବାର ଲୋକେ ପଦେ ବି କହନ୍ତିନି। ବରଂ କହନ୍ତି କର୍ମ କରିଛି, ଫଳ ସିଏ ପାଉ। ଝିଅଟି କିନ୍ତୁ ଏତେ ନିଷ୍ଠୁର ହୋଇପାରେନି। ସେ ମନେମନେ ଭାବେ, ହେ ଭଗବାନ ! ମୋ ପ୍ରେମକୁ ମୋତେ ଫେରାଇ ଦିଅ। ପୁଣି ଭାବେ ଆଉଥରେ ତା' ସହ କେଉଁଠି ଦେଖା ହୁଅନ୍ତା କି ! କହନ୍ତି, ମୋତେ ବିଶ୍ୱାସ କର ଏ ପୃଥିବୀଟା ପୁରା ଆମର। ତମେ ଯଦି ଏମିତି ମୋତେ ଠକିବ ମୁଁ କ'ଣ କରିବି। ତୁମ ନାଁରେ ମିଛ ଅଭିଯୋଗ ହୋଇଛି। ଏକଥା ମୁଁ ଜାଣିଛି। କିନ୍ତୁ କ'ଣ କରିବି। ତମକୁ ବଞ୍ଚାଇବା ପାଇଁ ମୁଁ ଏବେ ବି ଠାକୁରଙ୍କ ନିକଟରେ ଦୀପ ଜାଳୁଛି। ମାତ୍ର ଝିଅଟି ପାଇଁ ସେ ସୁଯୋଗ ଆସେନି। ଖାଲି ଲୁହ ପିଇ ପିଇ ଦିନ ଆଉ ରାତି ସରିଯାଏ। ଏପଟେ ଭାଇ, ଭାଉଜ କେତେ କଥା କହନ୍ତି। ସବୁକିଛି ସହିବାକୁ ପଡୁଛି, ଖାଲି ସେଇ ପୁଅଟି ପାଇଁ।

*ରାଘବପୁର, ଗେଡ଼ମା,*
*ମଞ୍ଜୁରିରୋଡା, ଜି-କେନ୍ଦୁଝର-୨୧*

# ଗୋଟିଏ ଭାଷାର ମୃତ୍ୟୁ

ମୂଳ ସାନ୍ତାଳୀ – **ଯଦୁମଣି ବେସରା**
ଅନୁବାଦ – **ଡାକ୍ତର ଆର୍. ଶିବାଜୀ ରାଓ**

**ଆ**ମେରିକାରେ ଆଲାସ୍କା ଅଞ୍ଚଳରେ
ସେ ଥିଲେ ଜଣେ ସାଧାରଣ ଆଦିବାସୀ ମହିଳା
ଥିଲା ତାଙ୍କର ବୟସ ନବେ ପାଖାପାଖି
ନାମ ତାଙ୍କର ମେରୀସ୍ମିଥ ଜୋନ୍ସ
ସେ ଦେଖେଇ ନଥିଲେ କୌଣସି ଚମତ୍କାରିତା
କେବେ କୌଣସି ତନ୍ତ୍ରମନ୍ତ୍ର କରିନଥିଲେ
ମିଳିନଥିଲା ତାଙ୍କୁ କୌଣସି ପ୍ରୋତ୍ସାହନର ପୁରସ୍କାର
ମିଳିଥିଲେ ଦେଶର ଲୋକେ ତାଙ୍କୁ ଚିହ୍ନି ପାରିଥାଆନ୍ତେ
ଦୁଇ ହଜାର ନଅ ଜାନୁଆରୀ ଏକୋଇଶରେ
ତାଙ୍କର ମୃତ୍ୟୁ ହୋଇଗଲା
କୌଣସି ଆଶ୍ଚର୍ଯ୍ୟର କଥା ବି ନଥିଲା
କାରଣ ବୟସ ହିଁ ଏକମାତ୍ର ସତ୍ୟ ଅଟେ
ତଥାପି ଆଶ୍ଚର୍ଯ୍ୟର କଥା ଯେ ସମ୍ପୂର୍ଣ୍ଣ ବିଶ୍ୱରେ
ତାଙ୍କର ନାମ ଧ୍ୱନିତ ହେଲା
ଖବରକାଗଜ, ରେଡିଓ, ଟେଲିଭିଜନରେ।
ଭାଷା ବୈଜ୍ଞାନିକଙ୍କ ମେଳରେ
ଶୁଣାଗଲା ତାଙ୍କର ନାମ
ପ୍ରତି ମୁହୂର୍ତ୍ତରେ ସେମାନେ
ଉଚ୍ଚାରଣ କରୁଥିଲେ ତାଙ୍କର ନାମକୁ
କାରଣ ସେ ଥିଲେ "ଇୟାକ" ଭାଷାକୁ
ଜାଣିଥିବା ଅନ୍ତିମ ମଣିଷଟିଏ
ତାଙ୍କର ମୃତ୍ୟୁ ସହିତ "ଇୟାକ" ଭାଷାର ମୃତ୍ୟୁ
ଧରାଧାମରୁ ଉଠିଗଲା।

*ମାଡ୍ରାସ ଚିକିତ୍ସାଳୟ*
*ନୂଆବଜାର, ଭଦ୍ରକ-୭୫୬୧୦୦*
*ଭ୍ରାମ୍ୟଭାଷ-୯୪୩୭୯୩୧୫୮୪*

# ଅଲୋଡ଼ା ସ୍ମୃତି

**ପ୍ରଦୀପ ବନ୍ଧ**

**ଛୋ**ଟବେଳେ ସ୍ଲେଟ୍‌ର ଖଡ଼ିଗାର
ସ୍କୁଲ ବେଞ୍ଚରେ ପେନ୍‌ସିଲର ଦାଗ
ଯାହା ସରିଗଲା କଲେଜ କାନ୍ଥରେ।

ସମୟ ବଦଳିଲା ପରେ ଏବେ ମୋବାଇଲ
ଏସ୍‌ଏମ୍‌ଏସ୍, ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍ ପରେ
ଭିଡିଓ ଚାଟ୍‌ର ମଜା ଭିତରେ
କେତେବେଳେ ସମୟଟା ସରିଯାଏ।

ସୀମାରେଖା ନଥିଲା ବେଳେ
ତମେ ଆସିଥିଲ ଜୀବନରେ
କଳ୍ପନାର ଚିତ୍ର ଆଙ୍କୁଥିଲା ବେଳେ
ଏବେ ତୁମେ ପର ହେଲା ପରେ।

ସାରାଜୀବନ ସାଥୀ ହେବାର
ପ୍ରତିଶ୍ରୁତି ଯେତେ ପାଣିର ଗାର ପରି
ମୋ ପାଇଁ ହୋଇଗଲା ଅଲୋଡ଼ା ସ୍ମୃତିଟିଏ
ଯାହାପାଇଁ ବାଟ ଚାଲେ ଅଜଣା ବାଟରେ।

*ଭଦ୍ରକ*
*ମୋ : ୮୦୭୨୭୮୩୨୨୦*

# ଆସୁଛି ମୁଁ

**କ୍ଷୀରୋଦିନୀ ବେହେରା**

**ହେ** କ୍ରୁର, ଅହଂକାରୀ
ପିପାସୁ ପୁରୁଷ
ତୁମେ ହୁଅ ସାବଧାନ
ଆସୁଛି ମୁଁ ଦୁନିଆଁକୁ
କରିବି ଶାସନ।
ଆଉ ଏଠି ଜନ୍ମ ହେବେ ନାହିଁ।
ଦୂର୍ବଳ ଦ୍ରୌପଦୀ
ନିମିଶକେ ଦୂଶାସନ
ହେବେ ଏଠି ବନ୍ଦୀ।
ରାବଣର ରାଜ୍ୟ
ଜନନୀ, ଭଗିନୀ ଏଠି
ହେବେ ଏବେ ପୂଜ୍ୟ।
ମନେରଖ...
ଅତିଶିଘ୍ର ଗ୍ରହଣ କରିବି ମୁଁ
ରାଷ୍ଟ୍ରପତିଙ୍କ ଆସନ
ବାଧ ହୋଇ ଦେବୁ ମତେ
ରାଷ୍ଟ୍ରିୟ ସଂମ୍ମାନ।
ମୁଁ କରିବି ମିମାଂଶା
ଅତ୍ୟାଚାରି ରାଜା ଆଉ
ରାଜ୍ୟ ଦ୍ରୌହିଙ୍କର
ଫାଶି କିମ୍ବା କରାଯିବ
ରାଷ୍ଟ୍ର ବହିଷ୍କାର।

*କ୍ରଫୋଡ଼ଗଞ୍ଜ, ଗୋଠୁଗୁଡ଼*
*ଝାରବନ୍ଧ, ବରଗଡ଼, ଓଡ଼ିଶା*
*ମୋ:୯୭୭୭୭୨୯୦୦୨*

ଏକମାତ୍ର
ଅନୁସନ୍ଧାନ ପରେ ଖବର
ପରିକ୍ରମା
06th-12th Feb, 2017, Bhubaneswar




# ଚନ୍ଦ୍ରଭାଗାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ବୁଡ଼

କୋଣାର୍କ: ମାଘସପ୍ତମୀ ଅବସରରେ ଅର୍କକ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ଏଥି ସହିତ ସୂର୍ଯ୍ୟନାରାୟଣଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି। ସୂର୍ଯ୍ୟମନ୍ଦିର ସନ୍ନିକଟ ନବଗ୍ରହ ପୀଠରେ ହୋମଯଜ୍ଞ କରି ଶ୍ରଦ୍ଧାଳୁମାନେ ପରିବାରର ମଙ୍ଗଳକାମନା କରିଥିଲେ। ଗତ ଶୁକ୍ରବାର ପ୍ରାତଃ ୪ଟାରୁ ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇବା ଆରମ୍ଭ ହୋଇଥିଲା। କିନ୍ତୁ ଘନକୁହୁଡ଼ି ଯୋଗୁଁ ଠିକଣା ବେଳେ ସୂର୍ଯ୍ୟଦର୍ଶନ କରିବା ସମ୍ଭବ ପର ହୋଇପାରି ନଥିଲା। ତେବେ ସକାଳ ୮ଟା ୧୫ରେ ସୂର୍ଯ୍ୟ ଦେବତାଙ୍କୁ ଦେଖିବା ପରେ ଶ୍ରଦ୍ଧାଳୁଙ୍କ ହରିବୋଲ ଓ ହୁଳହୁଳି ଧ୍ୱନିରେ ମେଳାପଡ଼ିଆ ଓ ସମୁଦ୍ରକୂଳ ପ୍ରକମ୍ପିତ ହୋଇଥିଲା। ଚନ୍ଦ୍ରଭାଗା କୂଳରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ଋଷି,ମୁନି,ସାଧୁ ଓ ସନ୍ନ୍ୟାସୀଙ୍କ ମେଳି ସାଙ୍ଗକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ପରିବେଶକୁ ଅଧ୍ୟାତ୍ମମୟ କରିଥିଲା। ମାଘମେଳରେ ତିନି ଆରାଧ୍ୟ ଠାକୁର ମାଧିପୁର ଗ୍ରାମର ବାବା ତ୍ରିବେଣୀଶ୍ୱର ମହାଦେବ, ସନ୍ଥପୁର ଗ୍ରାମର ବାବା ଐଶାନେଶ୍ୱର ମହାଦେବ ଓ କୁରୁଜଙ୍ଗ ଗ୍ରାମର ବାବା ଦକ୍ଷିଣେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମାକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ମାଘଷଷ୍ଠୀ ରାତ୍ରି ୯ଟାରୁ ୧୦ଟା ମଧ୍ୟରେ ବିମାନ ବିଜେ କରାଯାଇଥିଲା। ତିନି ଠାକୁରଙ୍କ ସୁସଜ୍ଜିତ ବିମାନ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମନ୍ଦିରରୁ ବାହାରିଥିଲେ। ଚନ୍ଦ୍ରଭାଗାରେ ଠାକୁର ପହଞ୍ଚିବା ପରେ ସାଧୁସନ୍ଥ ଓ ଚନ୍ଦ୍ରଭାଗା ବଜାର କମିଟି ପକ୍ଷରୁ ଠାକୁରଙ୍କୁ ନୈବେଦ୍ୟ ଲାଗି କରାଯାଇଥିଲା। ପରେ ତିନି ଠାକୁର ଏକସଙ୍ଗରେ ବଙ୍ଗୋପସାଗରର ମହୋଦଧି ସ୍ନାନ କରିବା ପରେ ତୀର୍ଥ ପୁଷ୍କରଣୀ ନିକଟ ମଣ୍ଡପରେ ବଜେ ହୋଇଥିଲେ। ସେଠାରେ ତୀର୍ଥପୁଷ୍କରଣୀ ଜଳରେ ଠାକୁରମାନଙ୍କୁ ମାଘସ୍ନାନ କରାଯାଇଥିଲା। ପରେ ପୂଜାଚନା ଓ ହୋମଯଜ୍ଞ କରାଯାଇଥିଲା। ପୂଜାନୀତି ସମାପ୍ତ ପରେ ପ୍ରଥମେ ସାଧୁସନ୍ଥ ଓ ପରେ ସମାପ୍ତ ପରେ ପ୍ରଥମେ ସାଧୁସନ୍ଥ ଓ ପରେ ଶ୍ରଦ୍ଧାଳୁମାନଙ୍କୁ ତୀର୍ଥ ପୁଷ୍କରିଣୀରେ ସ୍ନାନଲାଗି ସୁଯୋଗ ଦିଆଯାଇଥିଲା।

### ଷ୍ଟାମ୍ପ ଭେଣ୍ଡରଙ୍କୁ ଅଣଦେଖା

# ହାତରେ ନମାରି ପେଟକୁ ଲାତ ଅଭିଯୋଗ

ଭୁବନେଶ୍ୱର: ରାଜ୍ୟ ରାଜସ୍ୱ ବୃଦ୍ଧିରେ ଷ୍ଟାମ୍ପ ଭେଣ୍ଡରମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ବି ସରକାର ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ପ୍ରତି ଆଖିବୁଜିଦେବା ଦ୍ୱାରା ସେମାନେ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଥିବା ଓଡ଼ିଶା ଷ୍ଟାମ୍ପ ଭେଣ୍ଡର ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଷ୍ଟାମ୍ପ ଭେଣ୍ଡରମାନଙ୍କ ପେପର କ୍ରୟ ବିକ୍ରୟ କ୍ଷମତାକୁ ରାଜସ୍ୱ ବିଭାଗ ବୃଦ୍ଧି କରିବା ନିମନ୍ତେ ୨୦୧୬ ମସିହାରେ ଆଇଜିଆର୍, ଓଡ଼ିଶାକୁ ପଠାଇଥିବା ଚିଠି ଏବେ ଫାଇଲ ଭିତରେ ବନ୍ଧା ପଡ଼ିଥିବାରୁ ସେମାନେ ଏହାର ସୁଫଳରୁ ବଂଚିତ ହେଉଛନ୍ତି । ଏ ସମ୍ବନ୍ଧୀୟ ଆଲୋଚନା ପାଇଁ ସଂଘ କର୍ମକର୍ତ୍ତାଙ୍କୁ ସମୟ ଦେଉନାହାନ୍ତି ଆଇଜିଆର୍ । ଫଳରେ ବିଳମ୍ବିତ ନ୍ୟାୟ ପାଇଁ ସଂଘ ପକ୍ଷରୁ ମାନ୍ୟବର ରାଜସ୍ୱ ପର୍ଷଦ ସଦସ୍ୟଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲେ ବି ଏଯାବତ୍ ନ୍ୟାୟ ମିଳି ନଥିବା ଅଭିଯୋଗ ହୋଇଛି। କଚେରୀ ବାରଣ୍ଡାରେ ଦୟନୀୟ ସ୍ଥିତିରେ ଷ୍ଟାମ୍ପ ଭେଣ୍ଡରମାନେ ନିଜର ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ କଷ୍ଟ ସ୍ୱୀକାର କରି କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କ ନିରାପତ୍ତା ପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି । ବରଂ ଷ୍ଟାମ୍ପ ଭେଣ୍ଡରମାନଙ୍କ ଜୀବିକାକୁ ମାରିଦେବା ଭଳି ବ୍ୟବସ୍ଥା ସ୍ୱରୂପ ଇ-ଷ୍ଟାମ୍ପ ପ୍ରଚଳନ ଓ ଫ୍ରାଙ୍କିଙ୍ଗ୍ ମେସିନ୍‌ର ବହୁଳ ବ୍ୟବହାର କରୁଛନ୍ତି । ତେଣୁ ସଂଘ ଅଭିଯୋଗ କରିଛି ଯେ, ସରକାର ହାତରେ ନମାରି ସେମାନଙ୍କୁ ଭାତରେ ମାରୁଛନ୍ତି । ଆଗାମୀ ୧୦ ତାରିଖ ସୁଦ୍ଧା ବିଭାଗ ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ ନକଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ମହାସଂଘର ସଂପାଦକ ରାମକୃଷ୍ଣ ପରିଡ଼ା ସରକାରଙ୍କୁ ଚେତାବନୀ ଦେଇଥିବା ଜଣାଇଛନ୍ତି।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସ୍କାନରରେ ବେକେରି ୟୁନିଟ୍

**ଭୁବନେଶ୍ୱର :** ଏଥର ନିୟମ ବଦଳିଲା ପୂର୍ବ ଆଇନ ଅନୁଯାୟୀ ବେକେରି ପ୍ରସ୍ତୁତ କରୁଥିବା କମ୍ପାନିଗୁଡ଼ିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧୀନରେ ଆସୁନଥିଲେ। ମାତ୍ର କେନ୍ଦ୍ର ପ୍ରଦୂଷଣ ବୋର୍ଡର ନୂଆ ନିୟମ ଅନୁଯାୟୀ ଏଣିକି ପ୍ରତ୍ୟେକ 'ଗ୍ରିନ୍ କାଟାଗୋରି ଶିଳ୍ପ' ଯେଉଁ କମ୍ପାନିଗୁଡ଼ିକ ୧୦୦ ଟନ୍‌ରୁ କମ୍ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ସମସ୍ତେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧୀନକୁ ଆସିବେ। ତେଣୁ କମ୍ପାନିଗୁଡ଼ିକୁ ବୋର୍ଡଠାରୁ ଅନୁମତି ଆଣିବାକୁ ପଡ଼ିବ। ଏହି ନୂଆ ନିୟମ ଅନୁଯାୟୀ ଏଣିକି ପ୍ରତ୍ୟେକ 'ଗ୍ରିନ୍ କାଟାଗୋରି ଶିଳ୍ପ' ଯେଉଁ କମ୍ପାନିଗୁଡ଼ିକ ୧୦୦ ଟନ୍‌ରୁ କମ୍ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ସମସ୍ତେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧୀନକୁ ଆସିବେ। ତେଣୁ କମ୍ପାନିଗୁଡ଼ିକୁ ବୋର୍ଡଠାରୁ ଅନୁମତି ଆଣିବାକୁ ପଡ଼ିବ। ଏହି ନୂଆ ନିୟମକୁ କାର୍ଯ୍ୟକାରୀ କରିବାକୁ ଯାଇ ବୋର୍ଡ ରାଜଧାନୀରେ ଥିବା ୧୭ଟି ବେକେରି ୟୁନିଟ୍‌କୁ ଅନୁମତି ନେବା ପାଇଁ ଚିଠି ଲେଖିଛି।

ସେପ୍ଟେମ୍ବର ମାସର କେନ୍ଦ୍ର ପ୍ରଦୂଷଣ ବୋର୍ଡ ନୂଆ ନିୟମ ପ୍ରଣୟନ କରିଛି। ବେକେରି ୟୁନିଟ୍‌ଗୁଡ଼ିକୁ ଏଣିକି ଦୁଇଟି ବିଭାଗରେ ବିଭକ୍ତ କରାଯାଇଛି। ଦିନକୁ ଶହେ ଟନ୍‌ରୁ କମ୍ ସାମଗ୍ରୀ ଉତ୍ପାଦନ କରୁଥିବା ୟୁନିଟ୍‌ଗୁଡ଼ିକୁ ଗ୍ରିନ୍ କାଟାଗୋରିରେ ରଖାଯାଇଥିବା ବେଳେ ଏହାଠାରୁ ଅଧିକ ସାମଗ୍ରୀ ପ୍ରସ୍ତୁତ କରୁଥିବା ୟୁନିଟ୍‌ଗୁଡ଼ିକୁ ଅରେଞ୍ଜ କାଟାଗୋରିରେ ରଖାଯାଇଛି। ପୂର୍ବରୁ ଗ୍ରୀନ୍ କାଟାଗୋରିରେ ଥିବା କମ୍ପାନିଗୁଡ଼ିକ ବୋର୍ଡର ବିନା ଅନୁମତିରେ ଉତ୍ପାଦନ କାର୍ଯ୍ୟ ଚଳାଉଥିଲେ। ଏଣୁ କମ୍ପାନିଗୁଡ଼ିକ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟ ବ୍ୟବହାର କରନ୍ତି ନାହିଁ। ଏପଟେ ବେକେରି କମ୍ପାନିଗୁଡ଼ିକ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଅଧିକ ପରିମାଣରେ ଜଳ ବ୍ୟବହାର କରନ୍ତି। ସାମଗ୍ରୀ ପ୍ରସ୍ତୁତ ହେବା ପରେ କମ୍ପାନିରୁ ବର୍ଜ୍ୟ ଜଳ ବାହାରି ସିଧାସଳଖ ନଦୀ, ନାଳରେ ମିଶୁଛି। ଫଳରେ ଉକ୍ତ ଅଂଚଳକୁ ପ୍ରଦୂଷିତ କରୁଛି। ଏମିତି ସମସ୍ୟା ଦିନକୁ ଦିନ ବଢିବାରୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବାଧ ହୋଇ ବେକେରି କମ୍ପାନିଗୁଡ଼ିକର ମନମାନି ଉପରେ ରୋକ୍ ଲଗାଇଲେ। ଏ ନେଇ ବୋର୍ଡର ଆଂଚଳିକ ଅଧିକାରୀ ହାଡିବନ୍ଧୁ ପାଣିଗ୍ରାହୀ କୁହନ୍ତି ଯେ, ବର୍ତ୍ତମାନ ନୂଆ ନିୟମ ପରେ ୧୭ଟି ବେକେରି କମ୍ପାନିକୁ ଅନୁମତି ନେବା ପାଇଁ ନୋଟିସ୍ ଜାରି କରାଯାଇଛି।

## ଜିଏମ୍ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ହେବ ପାସପୋର୍ଟ ମେଳା

**ସମ୍ବଲପୁର :** ଆଞ୍ଚଳିକ ପାସପୋର୍ଟ କାର୍ଯ୍ୟାଳୟ ଭୁବନେଶ୍ୱର ତରଫରୁ ସମ୍ବଲପୁର ସ୍ଥିତ ଜିଏମ୍ ବିଶ୍ୱବିଦ୍ୟାଳୟ ଠାରେ ଆଗାମୀ ୪ ଓ ୫ ତାରିଖରେ ଏକ ପାସପୋର୍ଟ ମେଳା ଅନୁଷ୍ଠିତ ହେବ। ପ୍ରତ୍ୟହ ସକାଳ ୯ଟାରୁ ଏହି ମେଳା ଆରମ୍ଭ ହେବ। ଏଥିରେ ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ଆବେଦନକାରୀମାନେ ଅଂଶଗ୍ରହଣ କରିପାରିବେ। ଏହି ମେଳାରେ ଅଂଶଗ୍ରହଣ କରିବା ନିମନ୍ତେ ଆବେଦନକାରୀମାନଙ୍କୁ ପ୍ରଥମେ ପାସପୋର୍ଟ କାର୍ଯ୍ୟାଳୟର ୱେବସାଇଟ www.passportindia.gov.in ମାଧ୍ୟମରେ ଅନ୍‌ଲାଇନ ଆବେଦନ କରିବାକୁ ପଡ଼ିବ। ଏହାପରେ ଏଆର୍‌ଏନ୍ ସିଟର ପ୍ରିଂଟ୍ ଆଉଟ ଓ ଅନ୍ୟାନ୍ୟ ଆବଶ୍ୟକୀୟ ନଥି ସହିତ ଯାଂଚ ପାଇଁ ମେଳାକୁ ଆସିବାକୁ ପଡ଼ିବ। ଏଥିନିମନ୍ତେ ୩୦ ଜାନୁଆରୀ ୨୦୧୭ ଠାରୁ ୱେବ୍‌ସାଇଟ୍‌ରେ ସାକ୍ଷାତକାରର ସମୟ ପ୍ରଦାନ କରାଯାଉଛି। ଆବେଦନକାରୀମାନେ ନିର୍ଦ୍ଧାରିତ ସମୟରେ ମେଳାରେ ଉପସ୍ଥିତ ହୋଇ ଏହାର ସୁବିଧା ହାସଲ କରିପାରିବେ।

# ମହାନଦୀ ପ୍ରସଙ୍ଗ : ଧର୍ମେନ୍ଦ୍ର କହିଲେ ବିଧି ଅନୁସାରେ ହୋଇଛି କମିଟି

**ଭୁବନେଶ୍ୱର :** ମହାଦନୀ ବିବାଦ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣି ସମାଲୋଚନା କରିଛନ୍ତି। ବିବାଦର ସମାଧାନ ପାଇଁ କେନ୍ଦ୍ରର ବୁଝାମଣା କମିଟି ଗଠନକୁ ରାଜ୍ୟ ପ୍ରତ୍ୟାଖ୍ୟାନ କରିବା କେବଳ ମୁଖ୍ୟମନ୍ତ୍ରୀଙ୍କ ପ୍ରବଞ୍ଚନା ବୋଲି ସେ ଦର୍ଶାଇଛନ୍ତି। ରାଜ୍ୟ ସ୍ୱାର୍ଥ ନୁହେଁ, କେବଳ ମହାନଦୀକୁ ପ୍ରସଙ୍ଗ କରି ମୁଖ୍ୟମନ୍ତ୍ରୀ ଭୋଟ ହାତେଇବାକୁ ଉଦ୍ୟମ ଚଳାଇଛନ୍ତି। ବିଧି ଅନୁସାରେ ବୁଝାମଣା କମିଟି ଗଠନ ହୋଇଥିଲା ବେଳେ ଏହା ଆଇନସମ୍ମତ ନୁହେଁ ବୋଲି ମୁଖ୍ୟମନ୍ତ୍ରୀଙ୍କ ଯୁକ୍ତି କେବଳ ରାଜ୍ୟବାସୀଙ୍କ ମଧ୍ୟରେ ଭ୍ରମ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ବୋଲି ଅଭିଯୋଗ କରିଥିବା କହିଥିଲେ।

ମହାନଦୀ ପାଇଁ ହୋଇଥିବା ବୁଝାମଣା କମିଟିକୁ ନବୀନଙ୍କ ନା ନେଇ ଧମେନ୍ଦ୍ର କହିଛନ୍ତି, ମହାନଦୀ ବିବାଦରେ ମୁଖ୍ୟମନ୍ତ୍ରୀ ଦଳୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ରାଜ୍ୟର କ୍ଷତି କରୁଛନ୍ତି। ସରକାର କୋର୍ଟକୁ ଯିବେ ବୋଲି କହିବା ସତ୍ତ୍ୱେ ଗଲେ ନାହିଁ। ହେଲେ ଟ୍ରିବ୍ୟୁନାଲ ଗଠନ ପୂର୍ବରୁ ଯେଉଁ ବିଧି ବ୍ୟବସ୍ଥା ଅଛି ସେ ଅନୁସାରେ କେନ୍ଦ୍ର ପଦକ୍ଷେପ ନେଇଛି। ମାତ୍ର ଓଡ଼ିଶା ସରକାର ଏଥିରେ ସହଯୋଗ ନକରି ଅଯଥା ରାଜନୀତି କରୁଛନ୍ତି। ଏଭଳି କମିଟି ଗଠନ ନେଇ ଆଇନରେ ବ୍ୟବସ୍ଥା ନଥିବା ମୁଖ୍ୟମନ୍ତ୍ରୀ କହୁଛନ୍ତି। ମାତ୍ର ଅନ୍ତଃରାଜ୍ୟ ଜଳ ବିବାଦ ଆଇନର ଧାରା ୪ରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛିଯେ ଟ୍ରିବ୍ୟୁନାଲ ଗଠନ ପୂର୍ବରୁ ବୁଝାମଣା ପାଇଁ ପ୍ରୟାସ ଏକ ବୈଧାନିକ ପ୍ରକ୍ରିୟା। ଏପରିକି ବଂଶଧାରା ବିବାଦ ମାମଲାରେ ଟ୍ରିବ୍ୟୁନାଲ ଗଠନ ବେଳେ ମଧ୍ୟ ମହାନଦୀ ପରି ସମାନ ପ୍ରକ୍ରିୟା ଅବଲମ୍ବନ କରାଯାଇଥିଲା।

ଛତିଶଗଡ଼ ବ୍ୟତିତ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡକୁ ଏ ବୁଝାମଣା କମିଟିରେ କାହିଁକି ସଂଶ୍ଲିଷ୍ଟ କରାଗଲା ବୋଲି ରାଜ୍ୟ ସରକାର ପ୍ରଶ୍ନ ଉଠାଇଛନ୍ତି। ମାତ୍ର ରାଜ୍ୟ ସରକାର ଟ୍ରିବ୍ୟୁନାଲ ଗଠନ ପାଇଁ ଯେଉଁ ପିଟିସନ ଦାଖଲ କରିଥିଲେ ସେଥିରେ ଛତିଶଗଡ଼ ସହ ଏ ୩ ରାଜ୍ୟକୁ ମଧ୍ୟ ପକ୍ଷଭୁକ୍ତ କରିଥିଲେ। ଏବେ କେବଳ ଶସ୍ତା ରାଜନୈତିକ ଫାଇଦା ପାଇଁ କେନ୍ଦ୍ର ଆଡ଼କୁ ରାଜ୍ୟ ଅଙ୍ଗୁଳି ଦେଖାଉଛି।




**ଭୁବନେଶ୍ୱର :** ମଦମୁକ୍ତ ଓଡ଼ିଶା ଦାବିରେ ଗାନ୍ଧୀପାର୍କଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଓଡ଼ିଶା ମଦମୁକ୍ତି ଅଭିଯାନ ପକ୍ଷରୁ ଧାରଣା

# ମେ ୧୪ରେ ଓଜେଇଇ

**ଭୁବନେଶ୍ୱର (ବ୍ୟୁରୋ) :** ଆସନ୍ତା ମେ ୧୪ ତାରିଖରେ ଓଜେଇଇ ର ପରୀକ୍ଷା କରାଯିବ। ଆସନ୍ତାକାଲିଠାରୁ ଏଥିପାଇଁ ଆବେଦନ କରାଯିବ । ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଆବେଦନ ପାଇଁ ସମୟ ରଖାଯାଇଛି। ଅନ୍ ଲାଇନ୍ ମାଧ୍ୟମରେ ଆବେଦନ କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ମେଡ଼ିକାଲ ଇଂଜିନିୟରିଂ ବ୍ୟତୀତ ଅନ୍ୟାନ୍ୟ ସବୁ ପାଠ୍ୟକ୍ରମ ପାଇଁ ଏହି ଆବେଦନ କରାହେବ। ଓଜେଇଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି।

# ଦୁର୍ଘଟଣାରେ ଆଇନଜୀବୀ ମୃତ

**ଭୁବନେଶ୍ୱର (ବ୍ୟୁରୋ) :** ରୂପାଲି ଛକରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଆଇନଜୀବୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଆଇନଜୀବୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କଳିଙ୍ଗ ହସ୍‌ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଖବର ପାଇ ସହିଦନଗର ଥାନାର ପୋଲିସ ଅଧିକାରୀ ବି. ବି. ସାହୁ ଘଟଣାସ୍ଥଳରେ ପହଞ୍ଚି ଦୁଇ ଆଇନଜୀବୀଙ୍କର ବାଇକ୍‌କୁ ଜବତ କରିଥିଲେ।

### ଜୟପୁର ବିମାନଘାଟି ସମ୍ପ୍ରସାରଣ ପ୍ରସଙ୍ଗ

# ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେବ ଜମି ଅଧିଗ୍ରହଣ

**ଜୟପୁର :** କୋରାପୁଟ ଜିଲ୍ଲାର ଜୟପୁର ବିମାନଘାଟି ସଂପ୍ରସାରଣ ପ୍ରସ୍ତାବ ଆଜି ଆଉ ପାଦେ ଆଗେଇଛି । ଏହି ସଂପ୍ରସାରଣର ଜମି ଅଧିଗ୍ରହଣ ଉପଜିଲ୍ଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହେବ ବୋଲି ସୂଚନା ମିଳିଛି । ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତି ନିଆଯାଇଥିବା ଜଣାଯାଇଛି । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଆସିଥିବା ଗତକାଲିର ଏକ ଚିଠିରୁ ଏହା ସ୍ପଷ୍ଟ ହୋଇଛି । ପତ୍ର ସଂଖ୍ୟା- ଜିଏଡି-ଏଭି-ଜିଇଏନ୍-୦୦୧୯-୨୦୧୪/୨୨୨୫ରେ ଅତିରିକ୍ତ ସଚିବ ପ୍ରଦୀପ କୁମାର ଦାସ ରାଜସ୍ୱ ଏବଂ ବିପର୍ଯ୍ୟସ୍ତ ପରିଚାଳନା ବିଭାଗର ଯୁଗ୍ମ ସଚିବଙ୍କୁ ଲେଖିଛନ୍ତି ଯେ, କୋରାପୁଟ ଜିଲ୍ଲାପାଳ ଗତ ୧୯-୧-୨୦୧୭ ଚିଠି ନଂ ୧୫ରେ ଜୟପୁର ବିମାନଘାଟି ସଂପ୍ରସାରଣ ପାଇଁ ଜମି ଅଧିଗ୍ରହଣ ସଂପର୍କରେ ଜଣାଇଛନ୍ତି । ଏହାକୁ ଗୁରୁତ୍ୱ ଦେଇ ତୁରନ୍ତ ଜୟପୁର ଉପଜିଲ୍ଲାପାଳଙ୍କୁ ଜମି ଅଧିଗ୍ରହଣର କମ୍ପିଟେଣ୍ଟ ଅଥରିଟି ଭାବେ ନିଯୁକ୍ତ କରିବାକୁ ପଦକ୍ଷେପ ନିଆଯାଉ । ଏହି ପଦକ୍ଷେପ ରାଇଟ୍ ଟୁ ଫେୟାର୍ କମ୍ପେନ୍‌ସେସନ୍ ଏଣ୍ଡ ଟ୍ରାନ୍ସପେରେନ୍ସି ଇନ୍ ଲେଣ୍ଡ୍ ଏକ୍ୟୁଜିସନ୍, ରିହାବିଲିଟେସନ୍ ଏଣ୍ଡ ରି-ସେଟେଲ୍‌ମେଂଟ ରୁଲ୍-୨୦୧୬ର ରୁଲ୍-୬ ଅନୁସାରେ ନିଆଯାଉ ବୋଲି ଚିଠିରେ ଉଲ୍ଲେଖ ରହିଛି । ଏହି ପତ୍ରର ନକଲ ସରକାରଙ୍କ ପକ୍ଷରୁ କୋରାପୁଟ ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଜୟପୁର ବିମାନଘାଟି ସଂପ୍ରସାରଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି କୋରାପୁଟ ଜିଲାପାଳଙ୍କୁ ଚିଠି ଲେଖି ଅବଗତ କରାଇଥିଲେ । ଶ୍ରୀ ବାହିନିପତି ତାଙ୍କ ଚିଠିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜମି ଅଧିଗ୍ରହଣ ନେଇ କୌଣସି ସମସ୍ୟା ନଥିବା କଥା କହୁଥିବାରୁ ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବା ନେଇ ଯୁକ୍ତି ଦର୍ଶାଇଥିଲେ । ବିଧାୟକଙ୍କ ଏହି ପତ୍ର ପାଇ ଜିଲାପାଳ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଜୟପୁର ଡିଭିଜନକୁ ତୁରନ୍ତ ବିମାନ ଘାଟିର ସ୍ଥିତି କ'ଣ ପଚାରିବା ସହ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପକ୍ଷରୁ କେବଳ ଜମି ଅଧିଗ୍ରହଣରେ କାର୍ଯ୍ୟ ଅଟକି ରହିଥିବା ସୂଚନା ମିଳିଥିଲା। ଏହାକୁ ନେଇ ଜିଲ୍ଲାପାଳ ତୁରନ୍ତ ସରକାରଙ୍କୁ ଅବଗତ କରାଯିବା ପରେ ଗତକାଲି ଏହି ଚିଠି ଆସିଛି । ପ୍ରଶାସନିକ ସୂଚନା ପ୍ରକାରେ ବର୍ତମାନ ଜୟପୁର ବିମାନଘାଟି ୫୯ ଏକର ଜମିରେ ଠିଆ ହୋଇଥିବା ବେଳେ ଏଥିରେ ୫୦/୭୦ ସିଟି ବିଶିଷ୍ଟ ବିମାନ ଚଳାଚଳ ନେଇ ଏହାର ରନୱେକୁ ସଂପ୍ରସାରଣ କରିବାକୁ ସରକାର ନିଷ୍ପତି ନେଇଛନ୍ତି । ଏହି ସଂପ୍ରସାରଣରେ ଆଉ ୨୮.୪୮୦ ଏକର ଜମିର ଆବଶ୍ୟକତା ରହିଛି । ଯଦ୍ୱାରା ୧୪ ଏକର ସରକାରୀ ଜମି ଏବଂ ୧୪ ଏକର ଘରୋଇ ଜମି ଅଧିଗୃହୀତ ହେବ । ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ଏହି ଘାଟିର ସଂପ୍ରସାରଣ ନେଇ ଏକ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ବିଗତ ଦିନରେ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଘାଟିର ରନ୍ ୱେ ୯୧୪ମିଟର ରହିଥିବା ବେଳେ ଏହାକୁ ୧୫୦୦ ମିଟର କରିବାକୁ ଯୋଜନା ରହିଛି । ତେଣୁ ବିମାନଘାଟିର ସଉରାଗୁଡ଼ା ଗ୍ରାମ ଦିଗକୁ ସଂପ୍ରସାରଣ କରାଯିବାକୁ ସ୍ଥିର ହୋଇଛି । ଏହା ହେଲେ ବିମାନଘାଟିରୁ ୨୦୦ ମିଟର ଦୂରରେ ରହିଥିବା କେନାଲ୍ ଉପରେ ଏକ ସିମେଂଟ ପୋଲ ନିର୍ମାଣ ହେବ ଏବଂ ତା' ଠାରୁ ପୁଣି ୪୦୦ ମିଟର ଆଗକୁ ରନ୍ ୱେ ଯିବ ବୋଲି ଆକଳନ କରାଯାଇ ଡିପିଆର୍ ପ୍ରସ୍ତୁତ ହୋଇ ରାଜ୍ୟ ସରକାରଙ୍କ ନିକଟକୁ ଯାଇଥିଲା । ଏହାର ସଂପ୍ରସାରଣ କାର୍ଯ୍ୟ ପାଇଁ ପ୍ରାୟ ୩୦ କୋଟି ଟଙ୍କାର ଏକ ବ୍ୟୟ ଅଟକଳ କରାଯାଇ ଡିପିଆର୍ ପ୍ରସ୍ତୁତ ହୋଇ ଠିକାଦାର ମଧ୍ୟ ଚିହ୍ନଟ ସରିଛି । ଏପରିକି ସଂପ୍ରସାରଣରେ ପ୍ରଭାବିତ ହେଉଥିବା ଜୟପୁର ବ୍ଲକ ଅନ୍ତର୍ଗତ ସଉରାଗୁଡ଼ା ଗ୍ରାମ ଠାରେ ପ୍ରଶାସନ ପକ୍ଷରୁ ଜନ ଶୁଣାଣୀ ବି ସରିଛି । ଏହି ଉଡ଼ାଜାହାଜ ପଡ଼ିଆଟି ୧୯୬୨ ମସିହାରେ ୫୯ ଏକର ଜମିରେ ନିର୍ମାଣ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁରୋଧକୁ ରକ୍ଷା କରି ଗତ ୨୦୧୩ ମସିହା ଜାନୁଆରୀ ମାସ ୧୫ ତାରିଖରେ ଭାରତୀୟ ବିମାନସେବା ପ୍ରାଧିକରଣ ପକ୍ଷରୁ ଏକ ଟିମ୍ ଏହାକୁ ପରିଦର୍ଶନ କରିବା ସହ ସଂପ୍ରସାରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାକୁ ଆଧାର କରି ରାଜ୍ୟ ସରକାର ବିମାନଘାଟିକୁ ବ୍ୟବସାୟିକ ଉଡ଼ାଣ ନେଇ ବ୍ୟବହାର କରିବାକୁ ଏଭଳି ସଂପ୍ରସାରଣ ପ୍ରସ୍ତାବ ରଖିଥିଲେ । ଆଜିର ଚିଠିରୁ ସରକାର ଏହି ସଂପ୍ରସାରଣ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଉଥିବା ସ୍ପଷ୍ଟ ହୋଇଥିବା ବେଳେ ସ୍ଥାନୀୟ ଅଂଚଳରେ ମଧ୍ୟ ଏନେଇ ଖୁସି ପ୍ରକାଶ ପାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜୟପୁର ଉଡ଼ାଜାହାଜ ପଡ଼ିଆ ଠାରୁ ୪୦ କିମି ଦୂରରେ ହାଲ୍‌ର ସୁନାବେଡ଼ା ୟୁନିଟ୍ ରହିଥିବା ବେଳେ ୫୦ କିମି ଦୂରରେ କେନ୍ଦ୍ର ସରକାରଙ୍କ ଉଦ୍ୟୋଗ ନାଲ୍‌କୋ, ୬୫ କିମି ଦୂର ଛତିଶଗଡ଼ର ନଗରନାର୍ ଠାରେ ଏନ୍‌ଏମ୍‌ଡିସି ପ୍ଲାଂଟ, ୨୫ କିମି ଦୂର କୋରାପୁଟ ଠାରେ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟ ରହିଛି। ଏଥିସହ ମାଓବାଦି ପ୍ରଭାବକୁ ଗୁରୁତ୍ୱ ଦେଇ ସରକାର ଜୟପୁର ଉଡ଼ାଜାହାଜ ପଡ଼ିଆର ଉନ୍ନତି କଥା ମଧ୍ୟ ଚିନ୍ତା କରୁଥିବା ଜଣାଯାଇଛି। ଏ ସମ୍ପର୍କରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବିମାନଘାଟି ସଂପ୍ରସାରଣ ନେଇ ଟେଣ୍ଡର ସରିଛି । ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହେବାକୁ ରହିଛି। ଜମି ଦେବା ପରେ କାମ ଆରମ୍ଭ ହେବ। ପ୍ରାଥମିକ ଆକଳନ ଅନୁସାରେ ଜୟପୁର ତହସିଲ ଅନ୍ତର୍ଗତ ସଉରାଗୁଡ଼ା, ଗାଗାନାପୁର, ବାଙ୍କବିଜା ଏବଂ ଉମରୀ ମୌଜାର ଜମି ଉଡ଼ାଜାହାଜ ପଡ଼ିଆ ପାଇଁ ଅଧିଗ୍ରହଣ ପ୍ରସ୍ତାବ ରହିଛି। ଏହି ଜମି ମଧ୍ୟରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗର କେନାଲ୍ ଜମି ସାଙ୍ଗକୁ ବିଦ୍ୟୁତ୍ ବିଭାଗର ଜମି ମଧ୍ୟ ରହିଛି ବୋଲି ଶ୍ରୀ ବେହେରା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସତ ମିଛ...

ନକଲ କରି ପ୍ରଚାର କରୁଛି। ସକାଳୁ ସଞ୍ଜ ଯାଏଁ ଚାଲୁଛି ପ୍ରଚାର।

ଏସବୁ ବାଦ୍ ଅନେକ ସ୍ଥାନରେ ପ୍ରାର୍ଥୀମାନଙ୍କ ବିରୋଧରେ ଲାଗିଛି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନର ଅଭିଯୋଗ। ନିର୍ବାଚନ କମିଶନଙ୍କ କଟକଣାକୁ ଅଣ୍ଡେଇଦେଉଛନ୍ତି ପ୍ରାୟ ସମସ୍ତ ପ୍ରାର୍ଥୀ ଉଲ୍ଲଂଘନ କରୁଥିବା ଏହି ଅଭିଯୋଗରୁ ଜଣାପଡ଼ିଛି। ତେବେ ନିର୍ବାଚନ କମିଶନ ଏସବୁ ଉପରେ ସତର୍କ ଦୃଷ୍ଟି ରଖିଛନ୍ତି।

ଏତଦ୍‌ବ୍ୟତୀତ ଘର ଘର ବୁଲି ପ୍ରାର୍ଥୀମାନେ ହାତଯୋଡ଼ି ଭୋଟ୍ ମାଗୁଛନ୍ତି। ଭୋଟ୍ ପାଇଲେ ଭତ୍ତା, ଯୋତା, ଛତା, ଇନ୍ଦିରା ଆବାସ ହେଉ ବା ରାସନ କାର୍ଡ ଦେବାକୁ ଦେଉଛନ୍ତି ପ୍ରତିଶ୍ରୁତି। ରାଣ ନିୟମ ଦେଇ ଭୋଟ୍‌ଦାତାଙ୍କୁ ନିଜର କରିବା ପାଇଁ ଲବି ଚାଲିଛି। ତେବେ ଭୋଟର ବି କିଛି କମ୍ ଚାଲାକ ନାହାନ୍ତି। ସମସ୍ତଙ୍କୁ ସମାନ କଥା କହୁଛନ୍ତି, ଆମେ ତୁମକୁ ହିଁ ଭୋଟ ଦେବୁ। ମାତ୍ର ପ୍ରତିଶ୍ରୁତିର ସତ୍ୟତାକୁ ପରଖି ଠିକଣା ସମୟରେ ସଠିକ୍ ପ୍ରାର୍ଥୀ ଚୟନ କରିବେ ବୋଲି ଭୋଟରମାନେ ସ୍ଥିର କରିସାରିଛନ୍ତି।

### ଛତା, ବହି...

ଲଙ୍ଗଳ ଚିହ୍ନଧାରୀ ପ୍ରାର୍ଥୀ ପ୍ରଚାର ଗାଡ଼ିରେ ସତ ଲଙ୍ଗଳ ଧରି ବୁଲୁଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ଭୋଟରଙ୍କ ମନରେ କୌତୁହଳ ସୃଷ୍ଟି ହେବା ସହ ପ୍ରଚାର ଗାଡ଼ି ଓ ସଭାସମିତିରେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ଏହି ଘଟଣା ପ୍ରାର୍ଥୀମାନଙ୍କ ବିଜୟ ଦିଗରେ ସହାୟକ ବୋଲି ସେମାନେ ଆଶା ରଖିଛନ୍ତି। ତେବେ ଏହି ସୂତ୍ର ସେମାନଙ୍କ ପାଇଁ କେତେ କାମ କରୁଛି, ତାହା ପଞ୍ଚାୟତ ନିର୍ବାଚନ ପରେ ଜଣାପଡ଼ିବ।

### ଜେଟ୍‌ଲିଙ୍କ...

କୃଷକ ଏବଂ ଜନସାଧାରଣଙ୍କ ପାଇଁ ଏହା ପର୍ଯ୍ୟାପ୍ତ ସୁଯୋଗ ଆଣିବ। ଫଳରେ ଦେଶର ସମୃଦ୍ଧି ରଥକୁ ଆଗେଇନେବା ପାଇଁ ଏହା ବେଶ୍ ସହାୟକ ହୋଇପାରିବ। ମୋଦିଙ୍କ ଦୃଷ୍ଟିରେ ଏହା ଭବିଷ୍ୟଦର୍ଶୀ ବଜେଟ୍ ହୋଇଥିବାବେଳେ କଂଗ୍ରେସ ଉପାଧ୍ୟକ୍ଷ ରାହୁଲ ଗାନ୍ଧୀ କେନ୍ଦ୍ର ବଜେଟ୍‌କୁ ଫମ୍ପା ମାଠିଆ ବୋଲି ନିଜ ପ୍ରତିକ୍ରିୟାରେ ଦର୍ଶାଇଛନ୍ତି। ରାହୁଲ କହିଛନ୍ତି, ଏହି ବଜେଟ୍‌ରେ କୌଣସି ନୂତନତ୍ୱ ନାହିଁ ଓ ଏହା କୃଷକବିରୋଧୀ। ସେହିପରି ଯୁବଗୋଷ୍ଠୀଙ୍କ ପାଇଁ ଏଥିରେ କୌଣସି କର୍ମସଂସ୍ଥାନ ଯୋଗାଇଦେବାର ସ୍ପଷ୍ଟ ଚିତ୍ର ନାହିଁ। ତେବେ ଯାହା ହେଉନା କାହିଁକି, ଚଳିତ କେନ୍ଦ୍ରୀୟ ବଜେଟ୍‌ରେ ଦେଶର ଗ୍ରାମାଞ୍ଚଳକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥିବା ଜଣାପଡୁଛି। ଗରିବମୁକ୍ତ ଗାଁ ପାଇଁ ମୋଦି ସରକାର ଯଥେଷ୍ଟ ଧ୍ୟାନ ଦେଇଥିବା ଏହି ବଜେଟ୍‌ରୁ ଜଣାଯାଇଛି। ରେଳପଥ ବିକାଶ ସହ ସଡ଼କପଥର ବିକାଶ ପାଇଁ ମଧ୍ୟ ବଜେଟ୍‌ରେ ଗୁରୁତ୍ୱାରୋପ କରାଯାଇଛି।

### ବଢ଼ିଲା...

ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଦୀପଙ୍କ ବୟାନ ଆଧାରରେ ହିଁ ସିବିଆଇ ତଦନ୍ତ କରି ବିଜେଡି ବିଧାୟକ ପ୍ରଭାତ ତ୍ରିପାଠୀ, ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ୍ ଅଶୋକ ମହାନ୍ତି, ହାଇକୋର୍ଟର ବରିଷ୍ଠ ଆଡ୍‌ଭୋକେଟ୍ ଦେବାଶୀଷ ପଣ୍ଡାଙ୍କ ସମେତ ପୁଲିସ୍ ଅଫିସର୍, ନେତା, ବ୍ୟବସାୟୀ ଓ ଗଣମାଧ୍ୟମ ସଂସ୍ଥା ମୁଖ୍ୟଙ୍କୁ ଗିରଫ କରିଥିଲା। ଯଦି ମନ୍ତ୍ରୀମାନଙ୍କ ସମ୍ପର୍କରେ ପ୍ରଦୀପ କହିଥିଲେ ସେମାନଙ୍କ କାହିଁକି ସିବିଆଇ ତଦନ୍ତ ପରିସରଭୁକ୍ତ କରିନାହିଁ ତାହା ସନ୍ଦେହଜନକ। ଆଜି ପ୍ରଦୀପଙ୍କ ବୟାନ ପରେ ଏବେ ପ୍ରଶ୍ନ ଉଠୁଛି ଏହି ମନ୍ତ୍ରୀ ଦୁଇ ଜଣ କିଏ? କେଉଁ ଦୁଇ ଜଣ ମନ୍ତ୍ରୀଙ୍କ ସମ୍ପର୍କରେ ପ୍ରଦୀପ ସିବିଆଇକୁ ତଥ୍ୟ ଦେଇଛନ୍ତି? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରଦୀପଙ୍କ ଏହି ବୟାନକୁ ସିବିଆଇର ତଦନ୍ତକାରୀ ଅଫିସ୍‌ର ସିଆର୍‌ପିସିର ଧାରା ୧୬୧ ଅନୁଯାୟୀ ରେକର୍ଡ କରିଛନ୍ତି କି ନାହିଁ? ଯଦି ବୟାନ ସତ, ତେବେ ସେମାନଙ୍କୁ ଆଜି ଯାଏ ସିବିଆଇ କାହିଁକି ନୋଟିସ୍ ଜାରି କରିନାହିଁ। ଏହା ହିଁ ଏବେ ସବୁଠାରୁ ବଡ଼ପ୍ରଶ୍ନ। କେବଳ ଖାଦ୍ୟ ଓ ଯୋଗାଣମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କୁ ଗତ ଅପ୍ରେଲ ମାସ ୧ ତାରିଖରେ ସିବିଆଇ ପାଜେରା ଗାଡ଼ି ପାଇଁ ନୋଟିସ୍ ଜାରି କରିଥିଲା। ସେ ୭ ତାରିଖରେ ନିଜେ ହାଜର ନହୋଇ ଦସ୍ତାବିଜ୍ ଦାଖଲ କରିଥିଲେ। ଗତ ଡିସେମ୍ବର ମାସରେ ପ୍ରଦୀପ କୋର୍ଟକୁ ତାଙ୍କ ସ୍ୱୀକାର କରି ଏକ ପିଟିସନ୍ ଦାଖଲ କରିଥିଲେ। ଏ କଥା ମଧ୍ୟ କୋର୍ଟକୁ ଜଣାଇଥିଲେ ଯେ ସେ ସମସ୍ତ ଦୋଷ ସ୍ୱୀକାର କରିବାକୁ ପ୍ରସ୍ତୁତ। କିନ୍ତୁ ଏହାର ଶୁଣାଣି ହୋଇନାହିଁ। ଏହା ପୂର୍ବରୁକ ପ୍ରଦୀପ କୋର୍ଟରେ ହାଜର ବେଳେ ଥରେ ବିସ୍ଫୋରକ ବୟାନ ଦେଇଥିଲେ। କହିଥିଲେ ସେ ସିବିଆଇକୁ ଯାହା କହିଛନ୍ତି ସବୁ ସତ କହିଛନ୍ତି। କିନ୍ତୁ ମାମଲା ନିରପେକ୍ଷ ତଦନ୍ତ ହେଉନାହିଁ। ଗତବର୍ଷ ଜୁଲାଇ ମାସରେ କୋର୍ଟଙ୍କ ଅନୁମତି ପରେ ପ୍ରଦୀପଙ୍କୁ ଜେଲ୍‌ରେ ୨ଥର ଜେରା କରିଥିଲା ସିବିଆଇ। ଜୁଲାଇ ୮ ତାରିଖରେ ପ୍ରଦୀପଙ୍କଠାରୁ କେତେକ ନୂଆ ତଥ୍ୟ ହାସଲ କରିଥିଲା ତଦନ୍ତକାରୀ ଟିମ୍। ଏହା ପରେ ଯେଉଁ ପ୍ରମାଣକୁ ଆଧାର କରି ଦୁଇ ବର୍ଷ ଧରି ସ୍କାନର୍‌ରେ ଥିବା ଆଡ୍‌ଭୋକେଟ୍ ଦେବାଶିଷ ପଣ୍ଡା ଓ କଂଗ୍ରେସ ନେତା ରଜତ ଚୌଧୁରୀଙ୍କୁ ସିବିଆଇ ଗିରଫ କରିଥିଲା, ସେହି ବୟାନ ଓ ପ୍ରମାଣ ଆଧାରରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କୁ ନୋଟିସ୍ ଜାରି କରିବା ସହ ପାଜେରୋ ଗାଡ଼ିର ଖୋଳତାଡ଼ କରିଥିଲା ସିବିଆଇ। ଏବେ ପାଜେରୋ ତନାଘନା ଚାଲିଛି। ଏହା ପରେ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କ ଶାଳକ ତଥା ଟିମ୍ ମିଡିଆର ନିର୍ଦ୍ଦେଶକ ସତ୍ୟପ୍ରିୟ ଜୟସିଂହଙ୍କୁ ସିବିଆଇ ନୋଟିସ୍ ଜାରି କରିବା ସହ ଅଗଷ୍ଟ ୧୧ ତାରିଖରେ ଜେରା ମଧ୍ୟ କରିଥିଲା। ଅର୍ଥତତ୍ତ୍ୱ ଆର୍ଥିକ୍ କାରବାର୍‌ର ତଦନ୍ତ ସ୍ପେଶାଲ ଫ୍ରଡ୍ ଇନ୍‌ଭେଷ୍ଟିଜେସନ୍ ଅଫିସ୍‌ର (ଏସ୍‌ଏଫ୍‌ଆଇଓ କରିବ ବୋଲି ଗତ ୨୫ ତାରିଖରେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିବା ପରିପ୍ରେକ୍ଷୀରେ ଏବେ ପ୍ରଦୀପଙ୍କ ବୟାନ ପୁଣି ଥରେ ଚିଟ୍‌ଫଣ୍ଡ ତଦନ୍ତକୁ ଭିନ୍ନ ମୋଡ଼

### ସାବଧାନ !...

ସଂକ୍ରାନ୍ତରେ ଖବର ପାଇ ପ୍ରେମିକାଙ୍କ ପରିବାର ଲୋକେ ଥାନାରେ ପହଞ୍ଚିଥିବା ସଦର ଥାନା ଆଇଆଇସି ଦେବଦତ୍ତ କର ସୂଚନା ଦେବା ସହ ଆଇନଗତ ପଦକ୍ଷେପ ନେଇଛନ୍ତି।

କିନ୍ତୁ ଏଭଳି କୋମଳ ବୟସରେ ପାଠପଢ଼ା ଛାଡ଼ି ନିଜ ଭବିଷ୍ୟତକୁ ଅନ୍ଧାର କରି ପିଲାମାନେ କିଭଳି ବିପଦପୂର୍ଣ୍ଣ ସମ୍ପର୍କଠାରୁ ଦୂରରେ ରହିବେ, ସେ ନେଇ ଅଭିଭାବକମାନେ ସେମାନଙ୍କୁ ସଚେତନ କରାଇବାର ସମୟ ଆସିଛି।

# ଦେବୀପୀଠେ ବଳିପ୍ରଥା

ଡ. ସାରଙ୍ଗଧର ତ୍ରିପାଠୀ

ଦେବୀଙ୍କ ସମୀପରେ ବଳିଦେବାର ପ୍ରଥା ଖୁବ୍ ସୁପ୍ରାଚୀନ। ବଳି ମାଧ୍ୟମରେ ଦେବୀଙ୍କୁ ସନ୍ତୁଷ୍ଟ କରିପାରିଲେ ମନୋସ୍କାମନା ନିଶ୍ଚିତ ଭାବରେ ପୂରଣ ହୋଇପାରିବ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏହି ଯୁକ୍ତି ପଛରେ କୌଣସି ବିଜ୍ଞାନ ସମ୍ମତ ପ୍ରମାଣ ନାହିଁ। ଯେଉଁ ସଂସ୍କୃତିରେ ଜୀବେଦୟା, ଅହିଂସା ଉପରେ ଗୁରୁତ୍ୱ ଦିଆଯାଏ, ସେଇ ସଂସ୍କୃତିରେ ବଳି ପରି ଏକ ନୃଶଂସ ପ୍ରଥା ସର୍ବଜନସ୍ୱୀକୃତ ହେବା ଦୁର୍ଭାଗ୍ୟଜନକ। ଜୀବହତ୍ୟା ସଂପର୍କୀତ ବହୁ ଆଇନ୍ ପ୍ରଣୟନ ଏବଂ ଜନସଚେତନତା ସୃଷ୍ଟି ହେବା ସତ୍ତ୍ୱେ ଏକବିଂଶ ଶତାବ୍ଦୀରେ ମଧ୍ୟ ଏହି ପ୍ରଥା ଲୋପ ନପାଇବା ଆଶ୍ଚର୍ଯ୍ୟଜନକ ଅଟେ। ଅବଶ୍ୟ ନରବଳି ପ୍ରଥା ଆଜି ଆଉ ନାହିଁ। ମାନବିକତାର ଆଳରେ ଏହି ବଳିଠାରୁ ସିନା ଆଧୁନିକ ମଣିଷ ଦୂରେଇ ଯାଇଛି, କିନ୍ତୁ ଧାର୍ମିକ ଆବେଗରେ ଏବେବି ବହୁ ଶାକ୍ତପୀଠ ନିରୀହ ପଶୁପକ୍ଷୀଙ୍କ ରକ୍ତରେ ପ୍ଳାବିତ ହେଉଛି। 'କାଳିକା ପୁରାଣ' ହେଉ ବା 'ବୃହନଳା ତନ୍ତ୍ରଶାସ୍ତ୍ର' - ବଳିର ଯଥାର୍ଥତାକୁ ଏଭଳି ଶାସ୍ତ୍ରରୁ ଖୋଜୁଥିବା ତନ୍ତ୍ରସାଧକ, ପୂଜକମାନଙ୍କୁ ବଳି ଚଢୁଥିବା ନିରୀହ ପ୍ରାଣୀଙ୍କ ଆର୍ତ୍ତ ଚିତ୍କାର ଶୁଭେ ନାହିଁ। ସେମାନଙ୍କ ପଶୁତ୍ୱକୁ ହିଁ ସେମାନେ ପ୍ରଥମେ ବଳିଦେବା ଆବଶ୍ୟକ।

ପ୍ରକୃତ ସନାତନୀ ଆଧ୍ୟାତ୍ମିକ ଗ୍ରନ୍ଥ ବଳିପ୍ରଥାକୁ ସ୍ୱୀକାର କରେନାହିଁ। ଅନେକ କହନ୍ତି ତନ୍ତ୍ରଶାସ୍ତ୍ର ବଳିପ୍ରଥାକୁ ସମର୍ଥନ କରେ। ପ୍ରକୃତ ପକ୍ଷେ ତନ୍ତ୍ରଶାସ୍ତ୍ରରେ ପଶୁବଳି ନୁହେଁ, ମଣିଷ ଭିତରେ ରହିଥିବା ପଶୁତ୍ୱକୁ ବଳି ବା ତ୍ୟାଗ କରିବାର ପ୍ରତୀକାତ୍ମକ ସନ୍ଦେଶ ରହିଛି। ଛେଳି ପ୍ରମୁଖ ମଣିଷ ଭିତରେ ଥିବା ପଞ୍ଚ 'ମ'କାର (ମଦ, ମାଂସ, ମତ୍ସ୍ୟ, ମୁଦ୍ରା, ମୈଥୁନ)ର ପ୍ରତୀକ। ଏହାକୁ ବିନାଶ କରିବା ଆବଶ୍ୟକ। ବଳିର ଏହି ପ୍ରକୃତ ଅର୍ଥକୁ ବିବେକବାନ ସଭ୍ୟ ମଣିଷ ହୃଦୟଙ୍ଗମ ନକରିବା ଦୁର୍ଭାଗ୍ୟଜନକ।

ବଳିପ୍ରଥା ପରି କୁତ୍ସିତ ପରମ୍ପରା କେବେଠୁ ଆରମ୍ଭ ହେଲା ତାହା ଠିକ୍ ଭାବେ କହିହେବ ନାହିଁ। ତେବେ ଉପନିଷଦ, ବେଦାଦି ପ୍ରାଚୀନ ଗ୍ରନ୍ଥରେ ଏହାର କୌଣସି ପ୍ରମାଣ ଦେଖିବାକୁ ମିଳେ ନାହିଁ। ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ରାବଣର ନିଧନ ପାଇଁ ଦେବୀ ଦୁର୍ଗାଙ୍କୁ ପୂଜା କରିଥିଲେ। ସେ ବଳି ଦେଇଥିବାର କୌଣସି ପ୍ରମାଣ ନାହିଁ। ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ସପ୍ତଶତୀ ଚଣ୍ଡୀ ଅନୁସାରେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ କଳିଙ୍ଗର ରାଜା ସୁରଥ ଓ ସମାଧି ନାମକ ଜଣେ ବୈଶ୍ୟ ଆନୁଷ୍ଠାନିକ ଭାବେ ଦୁର୍ଗାପୂଜା ଆରମ୍ଭ କରିଥିଲେ। ତାଙ୍କର ସେହି ପୂଜାରେ ବଳିର ସାମାନ୍ୟତମ ସୂଚନା ମିଳେନାହିଁ।

ଯେତେଦୂର ସମ୍ଭବ ସମାଜରେ ଯେତେବେଳେ ରୂଢ଼ିବାଦୀ ବ୍ରାହ୍ମଣ୍ୟଧର୍ମର ପ୍ରାବଲ୍ୟ ଦେଖାଦେଲା ସେତେବେଳେ ଧର୍ମକ୍ଷେତ୍ରରେ ବହୁ କୁସଂସ୍କାର ଦେଖାଦେଲା। ବଳିପ୍ରଥା ତନ୍ମଧ୍ୟରୁ ଅନ୍ୟତମ। ସାମାଜିକ ଚଳଣିରେ ପୂର୍ବରୁ ଚତୁର୍ବର୍ଣ୍ଣ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର) ମଧ୍ୟରୁ ବ୍ରାହ୍ମଣମାନଙ୍କ ନିମନ୍ତେ ମାଂସ ଭକ୍ଷଣ ନକରିବା ନିୟମ କଠୋର ଥିଲା। ସେମାନେ ଜାତିଶ୍ରେଷ୍ଠ ହୋଇଥିବା କାରଣରୁ ନିଜ ଜିହ୍ୱାଲାଳସାକୁ ଚରିତାର୍ଥ କରିବା ନିମନ୍ତେ ଦେବୀପୀଠ ମାନଙ୍କରେ ବଳିପ୍ରଥା ଆରମ୍ଭ କଲେ। ନିରୀହ ଭକ୍ତିଭାବାପନ୍ନ କୁସଂସ୍କାରଗ୍ରସ୍ତ ଲୋକମାନେ ମଧ୍ୟ ଏହି ପ୍ରଥାକୁ ଅନ୍ଧ ଭାବରେ ଆପଣେଇ ନେଲେ।

କେବଳ ସେତିକି ନୁହେଁ ବେଦ ଓ ଶାସ୍ତ୍ର ଲେଖିବା ଏବଂ ପଠନ କରିବା ବେଳେ ତାଙ୍କ ଅଧିକାରରେ ଥିବାରୁ ଶାସ୍ତ୍ରକୁ ଅପବ୍ୟାଖ୍ୟା କରି ଓ ସେଥିରେ କିଛି ମନଗଢ଼ା ଶ୍ଳୋକ ସଂଯୋଗ କରି ମଦମାଂସ ଭକ୍ଷଣକୁ ସାମାଜିକ ଓ ଶାସ୍ତ୍ରୀୟ ମାନ୍ୟତା ମଧ୍ୟ ଦେଲେ। ମନୁ ସଂହିତାରେ ରହିଛି:

"ନ ମାଂସଭକ୍ଷଣେ ଦୋଷୋ
ନ ମଦ୍ୟେ ନ ଚ ମୈଥୁନେ,
ପ୍ରବୃତ୍ତିରେଷା ଭୂତାନାଂ ନିବୃତ୍ତିସ୍ତୁ ମହାଫଳା।"

ଅର୍ଥାତ୍ ମାଂସଭକ୍ଷଣ, ମଦ୍ୟପାନ ଓ ମୈଥୁନରେ ଦୋଷ ନାହିଁ। କାରଣ ଏସବୁ ମଣିଷର ସହଜାତ ପ୍ରବୃତ୍ତି; କିନ୍ତୁ ଏଥିରୁ ନିବୃତ୍ତି ରହିଲେ ମହାଫଳ ମିଳେ।

କେତେକ ମାଂସ ଲୋଲୁପ ଶାକ୍ତ କହନ୍ତି : 'ପଶୁପୁଷ୍ପାର୍ଘଧପୈଶ୍ଚ' - ଚଣ୍ଡିର ଏହି ବାକ୍ୟରେ ପଶୁବଳି ଦେବା ବିଧିବୋଲି କୁହାଯାଇଛି। 'ମହାଭାରତ'ର ଅନୁଶାସନ ପର୍ବରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ କହିଲେ:

"ମାଂସ ଭକ୍ଷୟତେ ଯସ୍ମାଦ୍
ଭକ୍ଷୟିଷ୍ୟେ ତମପ୍ୟହଂ
ଏତନ୍ ମାଂସସ୍ୟ ମାଂସତ୍ୱ
ମନୁବୁଦ୍ଧ୍ୟ ସ୍ୱ ଭାରତ।"

ଅର୍ଥାତ୍ ହେ ଯୁଧିଷ୍ଠିର, ସେ ମୋତେ ଖାଉଛି ବୋଲି ମୁଁ ତାକୁ ଖାଇବି ଏହାହିଁ ମାଂସ ଶବ୍ଦର ମାଂସତ୍ୱ ବୁଝାଯାଉଛି।

ବଳିପ୍ରଥାର ସପକ୍ଷବାଦୀମାନେ ଯୁକ୍ତି କରନ୍ତି ଯେ ପୃଥିବୀର ସୃଷ୍ଟିଲଗ୍ନରୁ ମନୁଷ୍ୟ ଉଦରପୂର୍ତ୍ତି ନିମନ୍ତେ ମାଂସଭକ୍ଷଣ କରିଆସୁଛି। ବୈଦିକ ଯୁଗର ଆର୍ଯ୍ୟଋଷିମାନେ ମଧ୍ୟ ଏଥିରୁ ମୁକ୍ତ ନଥିଲେ। ତେଣୁ ବଳି ଦେବା ବା ତା'ର ମାଂସ ଭକ୍ଷଣ କରିବାରେ କୌଣସି ଦୋଷ ନାହିଁ।

ମାଂସଲୋଲୁପ ବ୍ୟକ୍ତିଙ୍କ ଏହି ଭ୍ରମକୁ ଦୂର କରିବା ନିମିତ୍ତ 'ତାରା ପ୍ରଦୀପ'ର ଦ୍ୱିତୀୟ ପଟଳରେ କୁହାଯାଇଛି:

ସାଧକୋ ଜୀବହତ୍ୟାଞ୍ଚ
କଦାଚିନ୍ନୈବ କାରୟେତ୍
ଇକ୍ଷୁଦଣ୍ଡଞ୍ଚ କୁଷ୍ମାଣ୍ଡଂ ତଥା ରମ୍ଭାଫଳା ନି ଚ।
ପିଣ୍ଡକ୍ଷୀରୈଃ ଶାଳିଚୂର୍ଣ୍ଣୈଃ ପଶୁଂ
କୃତ୍ୱା ଦଦେତ୍ ବଳିମ୍
ତତ୍ତତ୍ 'ଳ ବିଶେଷେଣ ତତ୍ପଶୁଂ
କଳ୍ପୟେତ୍ ସଦା।

ଅର୍ଥାତ୍ ସାଧକ କେବେହେଁ ଜୀବହତ୍ୟା କରିବେ ନାହିଁ। ଯଦି କୌଣସି ବିଶେଷ ଫଳ ଉଦ୍ଦେଶ୍ୟରେ ବଳି ଦେବା ଏକାନ୍ତ ଆବଶ୍ୟକ ହୁଏ, ତେବେ ଆଖୁଖଣ୍ଡ, କୁଷ୍ମାଣ୍ଡ, ରମ୍ଭା ପ୍ରଭୃତି ସୁମିଷ୍ଟ ଫଳ ବଳିଦେବେ। ଅଥବା କ୍ଷୀର ପିଣ୍ଡ ଓ ତଣ୍ଡୁଳଚୂର୍ଣ୍ଣ ଦ୍ୱାରା ଅଭିଷ୍ଟ ପଶୁ ଆକୃତି ନିର୍ମାଣ କରି ବଳିଦେବେ।

ଭାରତର ପ୍ରାଚୀନ ଗ୍ରନ୍ଥ ସମୂହରେ ପଶୁବଳି ବା ବଳିପ୍ରଥାକୁ ତୀବ୍ର ନିନ୍ଦା କରାଯାଇଛି। କୁହାଯାଏ ଯେ ପୁରାଣରେ ବର୍ଣ୍ଣିତ କତିପୟ ଗୁଣବାନ ରାଜା ଅଶ୍ୱମେଧ ଯଜ୍ଞ କରିଥିଲେ, ଯେଉଁଥିରେ ଅଶ୍ୱକୁ ବଳି ଦିଆଯାଇଥାଏ। ଏହି ପ୍ରଥା ପଶୁବଳିକୁ ପ୍ରୋତ୍ସାହିତ କରେ ବୋଲି କୁହାଯାଇପାରେ। ମାତ୍ର 'ଭାଗବତ'ରେ ଶ୍ରୀନାରଦ ଅଶ୍ୱମେଧ ଯଜ୍ଞ କରିଥିବା ମହାରାଜା ବର୍ହିଷତଙ୍କୁ ପଶୁବଧର କୁପରିଣାମ ସଂପର୍କରେ ସତର୍କ କରିଦେଇଛନ୍ତି।

"ଭୋ ଭୋଃ ପ୍ରଜାପତେ ରାଜନ୍
ପଶୁନ୍ ପଶ୍ୟ ତ୍ୱୟାଧ୍ୱରେ
ସଂଜ୍ଞ ପିତାନ୍ ଜୀବ ସଂଘାନ୍
ନିର୍ଘୃଣେନ ସହସ୍ର ଶଃ।
ଏତେ ତ୍ୱାଂ ସମ୍ପ୍ରତୀକ୍ଷନ୍ତେ
ସ୍ମରନ୍ତୋ ବୈଶସଂ ତବ
ସମ୍ପରେତ ମୟଃ କୁଟୈ
ଶ୍ଚିଦନ୍ତ୍ୟୁତ୍ଥିତ ମନ୍ୟବଃ।"

(ଭାଗବତ, ୪ର୍ଥ ସ୍କନ୍ଧ, ୨୫ଅଧ୍ୟାୟ, ୭-୮ ଶ୍ଳୋକ)

ଅର୍ଥାତ୍ ପ୍ରଜାପାଳକ ରାଜନ୍ ତୁମେ ନିର୍ଦ୍ଦୟ ଭାବେ ଯଜ୍ଞରେ ସହସ୍ର ସହସ୍ର ପଶୁ ବଧ କରିଛ, ସେହି ଜୀବମାନଙ୍କୁ ଦେଖ। ତୁମ୍ଭେ ଏମାନଙ୍କୁ ମାରି ଯେଉଁ କଷ୍ଟ ଦେଇଛ, ସେମାନେ ସେହି କଷ୍ଟ ସ୍ମରଣ କରି କ୍ରୋଧରେ ଉଦ୍ଦୀପ୍ତ ହୋଇ ତୁମ୍ଭର ମୃତ୍ୟୁକୁ ପ୍ରତୀକ୍ଷା କରି ରହିଛନ୍ତି। ତୁମ୍ଭେ ପରଲୋକରେ ଉପସ୍ଥିତ ହେଲେ, ସେମାନେ ଲୌହଯନ୍ତ୍ର ଦ୍ୱାରା ତୁମ୍ଭଙ୍କୁ ଛିନ୍ନବିଛିନ୍ନ କରିବେ।

ମହର୍ଷି ଚରକଙ୍କ 'ଚରକ ସଂହିତା' ଅନୁସାରେ ପୂର୍ବେ ପଶୁମାନଙ୍କୁ ଯଜ୍ଞରେ ବଳିଯୋଗ୍ୟ କରାଯାଉଥିଲା, କିନ୍ତୁ ବଳି ଦିଆଯାଉନଥିଲା। ମନୁସଂହିତା, ମହାଭାରତ, କୁଳାର୍ଣ୍ଣବ, ପଦ୍ମପୁରାଣ, ଶିବପୁରାଣ ଗ୍ରନ୍ଥସମୂହରେ ପଶୁ ବଧକାରୀଙ୍କୁ ପାପୀ ଭାବରେ ବର୍ଣ୍ଣନା କରାଯାଇଛି।

'ଅନୁମନ୍ତା ବିଶସିତା ନିହନ୍ତା କ୍ରୟ ବିକ୍ରୟୀ
ସଂସ୍କର୍ତ୍ତା ଚୋପହର୍ତ୍ତା ଚ
ଖାଦକଶ୍ଚେତି ଘାତକାଃ।
(ମନୁ ସଂହିତା, ୫/୫୧)

(ପଶୁ ହତ୍ୟା ଅନୁମୋଦନକାରୀ, ମାଂସ କାଟିବା ବ୍ୟକ୍ତି, ହତ୍ୟାକାରୀ, କିଣିବା ବ୍ୟକ୍ତି, ବିକ୍ରୟକାରୀ, ରନ୍ଧନକାରୀ, ପରିବେଷଣକାରୀ ଓ ଭୋକ୍ତା ଏହି ସମସ୍ତ ବ୍ୟକ୍ତି ହତ୍ୟାକାରୀ ରୂପେ ଗଣ୍ୟ ହୁଅନ୍ତି।)

'ଯୋହି ଖାଦତି ମାଂସାନି
ପ୍ରାଣିନାଂ ଜୀବିତୈଷିଣାମ୍
ହତାନାଂ ବାମୃତାନାଂ ବା
ଯଥାହନ୍ତା ତଥୈବସଃ।'
(ମହାଭାରତ, ଅନୁଶାସନପର୍ବ, ୧୧୫/୩୯)

(ମତ୍ସ୍ୟ ବା ଛାଗ ଅନ୍ୟ ଦ୍ୱାରା ବଧ ହେଉ କିମ୍ବା ନିଜ ଦ୍ୱାରା ହେଉ, ନିଜେ ବଞ୍ଚିରହିବା ଇଚ୍ଛାରେ ଅନ୍ୟ ପ୍ରାଣୀର ମାଂସ ଖାଇଲେ ସୁଦ୍ଧା, ସେ ହତ୍ୟାକାରୀପରି ପାପରେ ଭାଗୀ ହୁଏ।)

'ଅନୁମନ୍ତା ବିଶସିତା ନିହନ୍ତା କ୍ରୟବିକ୍ରୟୀ
ସଂସ୍କର୍ତ୍ତା ଘେପହର୍ତ୍ତା ଚ
ଖାଦିତା ଷ୍ଚୈଚ ଘାତକାଃ।
ଧନେନ ଚ କ୍ରେତା ହନ୍ତି
ଖାଦିତା ଘେପ ଭୋଗତଃ
ଘାତକୋ ଘାତ ବନ୍ଧାଭ୍ୟା
ମିତ୍ୟେଷ ତ୍ରିବିଧୋ ବଧଃ।'
(କୁଳାର୍ଣ୍ଣବ, ଦ୍ୱିତୀୟ ଉଲ୍ଲାସ)

(ପଶୁବଧରେ ଅନୁମତି ଦେବା, ବଧ କରିବା, ମାଂସ ଖଣ୍ଡ ଖଣ୍ଡ କରି କାଟିବା, କିଣିବା, ବିକ୍ରି କରିବା, ପାଚକ, ପରିବେଶକ ଓ ଭୋଜନକାରୀ ଏହି ଆଠଜଣ ପ୍ରାଣୀଘାତକ। ପଶୁକୁ ନିଜେ ବାନ୍ଧି, ହତ୍ୟା କଲେ ଯେ ସେ କେବଳ ବଧକର୍ତ୍ତା ହେବ



ତାହା ନୁହେଁ, ଯେ ଧନ ଦ୍ୱାରା କ୍ରୟ କରେ, ଯେ ଜିହ୍ୱା ଲାଳସାରେ ଖାଏ, ଏହି ତିନିଜଣ ବଧ ହର୍ତ୍ତା ଜାଣିବାକୁ ହେବ।)

'ହନ୍ତାକର୍ତ୍ତା ତଥୋତ୍ସର୍ଗକର୍ତ୍ତା ଧର୍ତ୍ତା ତଥୈବ ଚ
ତୁଲ୍ୟା ଭବନ୍ତିସର୍ବେ ତେ ଧ୍ରୁବଂ
ନରକଗାମି ନଃ।'
(ପଦ୍ମପୁରାଣ, ୧୦୪ ଅଧ୍ୟାୟ)

(ଅର୍ଥାତ୍ ଯେ କାତି ଦ୍ୱାରା ହାଣିଲା, ଯେ ପୂଜା କରାଇଲା ବା ଉତ୍ସର୍ଗ କଲା, ଯେ ପଶୁକୁ ଧରିଲା, ଏମାନେ ସମସ୍ତେ ସମାନ ପାପୀ। ଏହି ପାପ 'ଳରେ ସେମାନେ ନରକ ଭୋଗ କରନ୍ତି।)

'ଯେ ମମାର୍ଚ୍ଚନ ମିତ୍ୟୁକ୍ତା
ପ୍ରାଣିହିଂସନ ତତ୍ପରାଃ
ତତ୍ ପୂଜନଂ
ମମମେଧ୍ୟଂ ଯଦ୍ଦୋଷାତ୍ତଦଧୋଗତିଂ।'
(ଶିବପୁରାଣ)

(ଶିବ କହୁଛନ୍ତି - ମୋର ପୂଜାକୁ ଉଦ୍ଦେଶ୍ୟ କରି ଯେଉଁ ବ୍ୟକ୍ତି ଜିହ୍ୱା ଲାଳସାରେ ପଶୁହତ୍ୟା କରେ, ତାହାର ସେହି ପୂଜା ମୋର ମଳ ବୋଲି ଜାଣିବେ, ସେହି ଦୋଷ ହେତୁ ତାହାର ଅଧୋଗତି ହେବ।)

ବଳି କହିଲେ ପଶୁହତ୍ୟାକୁ ବୁଝାଏ ନାହିଁ। ପତ୍ରପୁଷ୍ପାଦି ଯାହା କିଛି ଭକ୍ତ ନିକଟରେ ଲଭ୍ୟ ତାହାକୁ ଇଷ୍ଟଙ୍କ ଉଦ୍ଦେଶ୍ୟରେ ସମର୍ପଣ ହିଁ ବଳି। 'ବଳିଃ ପୂଜୋପହାରଃ' - ପୂଜା ଉପହାର ବା ନୈବେଦ୍ୟାଦିକୁ ବଳି କୁହାଯାଏ। ଅନ୍ୟ ଭାବରେ କହିଲେ 'ବଳିଃ ଦେବତୋଦ୍ଦେଶେନ ଯଥା ବିଧି ପୂଜୋପହାରତ୍ୟାଗଃ' - ଅର୍ଥାତ୍ ଦେବତା ଉଦ୍ଦେଶ୍ୟରେ ଯଥାବିଧି ପୂଜୋପହାର ନୈବେଦ୍ୟାଦି ଦାନ ହିଁ ବଳି ଶବ୍ଦର ତାତ୍ପର୍ଯ୍ୟ।

ବଳିପ୍ରଥାକୁ ବିଲୋପ ପାଇଁ ଦୀର୍ଘଦିନ ଧରି ପ୍ରଚେଷ୍ଟା ଜାରି ରହିଛି। ୧୯୬୦ ମସିହାରେ ଭାରତୀୟ ଜୀବ ନିଷ୍ଠୁରତା ନିରୋଧ ଆଇନ୍ ପ୍ରଣୟନ କରାଯାଇଥିଲା। ଏହି ନିୟମ ସିଧାସଳଖ ପଶୁବଳିକୁ ଅଂଗୁଳି ନିର୍ଦ୍ଦେଶ କରୁନଥିଲେ ମଧ୍ୟ ଜୀବ ନିଷ୍ଠୁରତା ନିରୋଧ ସମିତିଗୁଡ଼ିକ ଜନସଚେତନତା ଜାଗ୍ରତ ନିମନ୍ତେ ପ୍ରଚାର କରିପାରିବେ ଏବଂ ଏହି ପ୍ରଥାର ବିଲୋପ ପାଇଁ ନିବେଦନ କରିପାରିବାର ବିଧିକୁ ସ୍ୱୀକାର କରେ। ସେହି ୧୯୬୦ ମସିହାରେ ମଧ୍ୟ ଗୋହତ୍ୟା ନିରୋଧ ଆଇନ୍ ପ୍ରଣୟନ କରାଯାଇଥିଲା। କେତେକ ରାଜ୍ୟ ବଳିପ୍ରଥାର ବିଲୋପ ପାଇଁ ସ୍ୱତନ୍ତ୍ର ଆଇନ୍‌ମାନ ସେମାନଙ୍କ ରାଜ୍ୟପାଇଁ ପ୍ରଣୟନ କରିଛନ୍ତି। ୧୯୫୦ ମସିହାରେ ଆନ୍ଧ୍ରପ୍ରଦେଶ ପ୍ରଥମେ ବଳି ନିରୋଧ ଆଇନ ପ୍ରଣୟନ କରିଛି। ପରେ କର୍ଣ୍ଣାଟକ ୧୯୫୯ ଏବଂ କେରଳ ୧୯୬୮ରେ ବଳି ନିରୋଧ ଆଇନ୍ ପ୍ରଣୟନ କରିଛି।

ପୂର୍ବକାଳରେ ଆଦିବାସୀ ସଂପ୍ରଦାୟରେ ନରବଳି ପ୍ରଥା ପ୍ରଚଳିତ ଥିଲା। ହଳଦୀ କିଆରୀରେ ନରବଳି ଦେଲେ ପୃଥିବୀମାତା ସନ୍ତୁଷ୍ଟ ହୋଇ ଅଧିକ ଉତ୍ପାଦନ ଦେବାର ବିଶ୍ୱାସ ରହିଥିଲା। ସଂସ୍କାରକ ରାଜା ରାମମୋହନ ରାୟ ଏହାର ବିରୋଧ ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ଲର୍ଡ ଉଇଲିୟମ୍ ବେଣ୍ଟିକଙ୍କ ଶାସନ କାଳରେ ଏହି ଜଘନ୍ୟ ପ୍ରଥାର ବିଲୋପ ସାଧନ ହୋଇଥିଲା।

ଶ୍ରୀମନ୍ଦିରରେ ଆମିଷ ପ୍ରବେଶକୁ ନିଷିଦ୍ଧ କରାଯାଇଛି। ଏପରିକି କାହା ଦେହରୁ ରକ୍ତ ଟିକିଏ ଝରି ପଡ଼ିଲେ ବି ଜଗନ୍ନାଥଙ୍କ ମଣୋହିକୁ ସାମୟିକ ବନ୍ଦ କରିଦିଆଯାଏ। ମାତ୍ର ସେଠାରେ ମଧ୍ୟ ବଳିପ୍ରଥା ପରମ୍ପରା ରହିଥିବାର କଥା ଜାଣିଲେ ଅନେକ ଚକିତ ହେବେ। ଆଶ୍ୱିନ ମାସର ମହାସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ଏଠାରେ ଆମିଷ ଭୋଗ କରାଯାଏ। ମା' ବିମଳାଙ୍କୁ ଏହି ତିନିଦିନ ମାଛଭୋଗ ସହ ଛାଗ ବଳି ଦିଆଯିବାର ପରମ୍ପରା କାହିଁ କେଉଁକାଳରୁ ଚଳିଆସୁଛି। ଅବଶ୍ୟ ଏ କାର୍ଯ୍ୟ ନିଶାର୍ଦ୍ଧରେ ସଂପନ୍ନ ହୋଇଥାଏ।

ଖୋର୍ଦ୍ଧା ଜିଲ୍ଲାର ବାଣପୁର ଭଗବତୀ ପୀଠ, ପୁରୀ ଜିଲ୍ଲା ବୀର ଗୋବିନ୍ଦପୁରର ଦକ୍ଷିଣକାଳୀ ମନ୍ଦିରରେ ମଧ୍ୟ ବଳିପ୍ରଥାର କୁତ୍ସିତ ପରମ୍ପରା ରହିଥିଲା। ଏଠାରେ ଶହଶହ ପଶୁଙ୍କ ହତ୍ୟା କରାଯାଉଥିଲା। ଏହି ପ୍ରଥା ବିରୋଧରେ ପ୍ରବଳ ଜନଅସନ୍ତୋଷ ଓ ଆନ୍ଦୋଳନ ଦେଖାଦେବାରୁ ହାଇକୋର୍ଟ ୨୦୦୯ ମସିହାରେ ଏଠାରେ ପଶୁବଳି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି।

ଭବାନୀପାଟଣା ସହରରେ ମା' ମଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରାରେ ବଳିର ପରମ୍ପରା କାହାକୁ ଅଛପା ନୁହେଁ। ଏହି ଯାତ୍ରା ଅବସରରେ ହଜାର ହଜାର ସଂଖ୍ୟାରେ ଛେଳି, ମେଣ୍ଢା, କୁକୁଡ଼ା, ପୋଡ଼ଙ୍କ ରକ୍ତରେ ରଂଜିତ ହୋଇଯାଏ ଦେବୀପୀଠ। ଏହି ଯାତ୍ରାରେ ହଜାର ହଜାର ଭକ୍ତ ପ୍ରତ୍ୟକ୍ଷ ସଂପୃକ୍ତି ରହିବା ଏବଂ ନୀରବ ଦର୍ଶକ ସାଜି ସମର୍ଥନ କରିବା ବାସ୍ତବିକ ଉଦ୍‌ବେଗଜନକ।

ରଣପୁର ମଣିନାଗ ଦୁର୍ଗାଙ୍କ ପାଖେ କୁଆଡ଼େ ପୂର୍ବରୁ ନରବଳି ଦିଆଯାଉଥିଲା। ଅତୀତରେ ପରାକ୍ରମଶାଳୀ ରାଜା ମାନେ ନିଜର ପରାକ୍ରମ ବୃଦ୍ଧି ତଥା ରାଜ୍ୟର ସ୍ୱାର୍ଥରକ୍ଷା ନିମନ୍ତେ ଏଠାରେ ନରବଳି ଦେଉଥିଲେ। ଅବଶ୍ୟ ଓଡ଼ିଶାର ବହୁ ଗଡ଼ଜାତରେ ଏ ବିଧି ପ୍ରଚଳିତ ଥିଲା। ଅଶୀ ଦଶକର ଲୋମହର୍ଷଣକାରୀ ଶିଶୁବଳି ଏ ପ୍ରଥାରେ ପୂର୍ଣ୍ଣଚ୍ଛେଦ ଟାଣିଲା। ସେତେବେଳେ ଦେବୀଙ୍କ ନିକଟରେ ତିନିଗୋଟି ନିରୀହ ଶିଶୁଙ୍କୁ ବଳି ଦିଆଯିବାକୁ ନେଇ ଦେଶବ୍ୟାପି ଚର୍ଚ୍ଚା ହୋଇଥିଲା। ବୁଦ୍ଧିଜୀବୀଙ୍କ ବିରୋଧ ଏବଂ ପ୍ରଶାସନର ହସ୍ତକ୍ଷେପ ଫଳରେ ବଳିପ୍ରଥା ଆଜି ସେଠାରୁ ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଛି।

ଉପରବର୍ଣ୍ଣିତ ଦେବୀପୀଠ ଗୁଡ଼ିକ କେବଳ ନୁହେଁ, ଓଡ଼ିଶାର ବହୁ ଦେବୀପୀଠରେ ପଶୁବଳି ଦେବାର ପରମ୍ପରା ରହିଛି। ସେଗୁଡ଼ିକ ମଧ୍ୟରୁ କେତୋଟି ହେଲା - ମା' ଚର୍ଚ୍ଚିକା (ବାଙ୍କୀ), ବିରଜା (ଯାଜପୁର), ମା' ତାରିଣୀ (ଘଟଗାଁ), ଭୈରବୀ (ବଡ଼ିଗାଁ), ମଝିଘରଆଣୀ (ରାୟଗଡ଼ା), ବାଲି ହରଚଣ୍ଡୀ (ବ୍ରହ୍ମଗିରି), ବରାଳ ଦେବତୀ (ଫୁଲବାଣୀ), ଉଗ୍ରତାରା (ଭୁଷଣ୍ଡପୁର), ବାଙ୍କମୁଣ୍ଡା ଠାକୁରାଣୀ (ଦେବଗଡ଼), ମା' ଆଙ୍କୁଡ଼ାଶୁଣୀ (ବାସୁଦେବପୁର), ମା' ବାସେଳୀ (ଭଦ୍ରକ), କାଳିଜାଇ (ଚିଲିକା), ଭଟ୍ଟାରିକା (ବଡ଼ମ୍ବା), ମଙ୍ଗଳା (କାକଟପୁର), ପାଟଖଣ୍ଡୀ ଠାକୁରାଣୀ (ବାଲିଗୁଡ଼ା) ଇତ୍ୟାଦି। ଅବଶ୍ୟ କେତେକ ଦେବୀପୀଠରୁ ବଳିକୁ ବାଦ୍ ଦିଆଯାଇ ପ୍ରତୀକାତ୍ମକ ଭାବେ କୁଷ୍ମାଣ୍ଡ ବଳି ଦିଆଯିବାର ପ୍ରଥା ଆରମ୍ଭ ହୋଇଗଲାଣି।

ଗତ ୧୩ ଅକ୍ଟୋବର ୨୦୧୬ 'ସମ୍ବାଦ'ରେ ପ୍ରକାଶ ପାଇଛି ଏ ସମ୍ପର୍କିତ ଏକ ଲୋମଟାଙ୍କୁରା ସମ୍ବାଦ। ଏଥର ରକ୍ତରଂଜିତ ହୋଇଛି କଳାହାଣ୍ଡିର ଛତର କି ବଲାଙ୍ଗୀରର ଶୁଳିଆ ଯାତ୍ରା ନୁହେଁ; ସୁନ୍ଦରଗଡ଼ ଜିଲ୍ଲାର ଲେଫ୍ରିପଡ଼ା ଥାନାରେ। ପାର୍ବଣ ଉପଲକ୍ଷେ ଦଶମୀ ଦିନ ଥାନା ପରିସରରେ ଥିବା ସମଲେଶ୍ୱରୀ ମନ୍ଦିର ପରିସରରେ ଦିଆଯାଇଥିଲା ୪୫ଟି ବଳି। ଖୋଦ୍ ଥାନାବାବୁଙ୍କର ୩ଟି ବୋଦା ବଳି ଏଥିରେ ଅନ୍ତର୍ଭୁକ୍ତ ଥିଲା। ବଳିକୁ ଯେ କୌଣସି ପରିସ୍ଥିତିରେ ବନ୍ଦ କରିବାର ଅଦାଲତର ନିର୍ଦ୍ଦେଶ ଓ ପୁଲିସ୍ ପ୍ରଶାସନର କଡ଼ା ନିର୍ଦ୍ଦେଶ ଥିବା ସତ୍ତ୍ୱେ ବାଡ଼ ଫସଲ ଖାଇବା ପରି ଥାନା ଭିତରେ ଏପରି ନୃଶଂସ କାଣ୍ଡ ବାସ୍ତବିକ ବଳିପ୍ରଥା ବନ୍ଦ ଦିଗରେ ପ୍ରଶାସନର ଆନ୍ତରିକତାକୁ ବେଳେବେଳେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

କେବଳ ଭାରତରେ ନୁହେଁ ପଡ଼ୋଶୀ ନେପାଳରେ ମଧ୍ୟ ବଳିପ୍ରଥାର ପରମ୍ପରା ବଳବତ୍ତର ରହିଛି। ହିନ୍ଦୁବହୁଳ ବରିୟାପୁରଠାରେ ପ୍ରତି ପାଞ୍ଚ ବର୍ଷ ଅନ୍ତରରେ ବଳିପ୍ରଥା ଅନୁଷ୍ଠିତ ହୋଇଥାଏ। ଗଧିମାଇ ମନ୍ଦିରରେ ପୃଥିବୀର ସବୁଠାରୁ ବେଶି ବଳି ଦିଆଯାଇଥାଏ। ୨୦୦୯ରେ ତିନିଦିନ ମଧ୍ୟରେ ୨୫୦,୦୦୦ ପଶୁଙ୍କୁ ବଳି ଦିଆଯାଇଥିଲା। ସେଠାରେ ୫ ମିଲିୟନ ଭକ୍ତ ଉପସ୍ଥିତ ଥିଲେ। ବହୁ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଦାବୀ ତଥା ଆନ୍ତର୍ଜାତିକ ଚାପ ସତ୍ତ୍ୱେ ଏହି ପ୍ରଥାର ବିଲୋପ ସାଧନ ହୋଇପାରିନାହିଁ। ପରନ୍ତୁ ନେପାଳ ସରକାର ଏହି ପରଂପରାକୁ ବଂଚେଇ ରଖିବାପାଇଁ ଆର୍ଥିକ ସାହାଯ୍ୟ କରନ୍ତି। ବାଲି, ଇଣ୍ଡୋନେସିଆ ପ୍ରଭୃତି ସ୍ଥାନରେ ମଧ୍ୟ ବଳିପ୍ରଥା ପ୍ରଚଳିତ ଅଛି। 'ଦେବୀ ରକ୍ତ ଚାହାଁନ୍ତି। ତାହା ତାଙ୍କୁ ପ୍ରଦାନ କଲେ ସେ ମନୋସ୍କାମନା ପୂରଣ କରନ୍ତି' - ବୋଲି ଏହି ମନ୍ଦିରର ପୂଜକମାନେ ଏବେବି ବିଶ୍ୱାସ ରଖିଛନ୍ତି।

ଏପରି ହୀନବିଶ୍ୱାସ ରଖିଥିବା ପୂଜକମାନେ ରାସ୍ତାକଡ଼ରେ ମାଂସ ବିକୁଥିବା କଂସେଇଠାରୁ ମଧ୍ୟ ହୀନ। କାରଣ ମନ୍ଦିର ଭକ୍ତି ଓ ଧର୍ମ ଉପାସନାର ପୀଠ। ସେଠାରେ ବଳିଦେବା ପରି ପରି ହିଂସ୍ର କାର୍ଯ୍ୟ ରହିବା ଅନୁଚିତ। ମାତ୍ର କଂସେଇର ଜୀବହତ୍ୟା ସହ ତା'ର ଜୀବନଜୀବିକାର ଭାବ ସଂପୃକ୍ତ; ସେଠି ଜୀବହତ୍ୟାର ଦୋଷ କିଛି ପରିମାଣରେ କମ୍। ତା'ଛଡ଼ା ଜଣେ ଧର୍ମଭାବାପନ୍ନ ଜ୍ଞାନୀ ପୂଜକ ତୁଳନାରେ କଂସେଇ କୌଣସି ଗୁଣରେ ତୁଳନୀୟ ନୁହେଁ।


ବର୍ତ୍ତମାନ ଶିକ୍ଷିତ ବହୁ ଶିକ୍ଷିତ, ସଂସ୍କାରଶୀଳ ହେବା ସତ୍ତ୍ୱେ ଏବଂ ବହୁ ଆଇନ୍ ପ୍ରଣୟନ କରାଯିବା ପରେ ମଧ୍ୟ ଏହି ପ୍ରଥା ବିଲୋପ ନହେବା ଅନେକଙ୍କୁ ଚକିତ କରେ। ଆଇନ୍ କରିଦେବା ସହଜ, ତାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସୃଷ୍ଟିହୁଏ ପ୍ରକୃତ ସମସ୍ୟା। ବଳିପ୍ରଥାର ପଛରେ ଯେ କେବଳ ଲୋକମାନଙ୍କର ଧାର୍ମିକ ଆବେଗ କାର୍ଯ୍ୟକରୁଛି ତାହାନୁହେଁ, ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ତଥା ସରକାରୀ ଉଦାସୀନତା ଏହି ପ୍ରଥାକୁ ପ୍ରୋତ୍ସାହିତ କରୁଛି। ରାଜନେତାମାନେ ଭୋଟ୍ ଲାଳସାରେ ବଳିପ୍ରଥା ବିରୋଧରେ ଯାଇ ଜନସାଧାରଣଙ୍କ ରୋଷର ଶିକାର ହେବାକୁ ଚାହୁଁନାହାନ୍ତି। ତେଣୁ ଏହି ପ୍ରଥା ନିର୍ମୂଳ ହୋଇପାରୁନାହିଁ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ବାହୁଚ୍ଛାୟା ତଳେ ଏବଂ ପ୍ରତ୍ୟକ୍ଷ ଓ ପରୋକ୍ଷ ସଂରକ୍ଷଣରେ ଏହି ପ୍ରଥା ଜୀବିତ ରହିଛି। ଧର୍ମାନ୍ଧ ଓ କୁସଂସ୍କାରଗ୍ରସ୍ତ ବହୁ ମଣିଷ ସଚେତନ ନହେବା ମଧ୍ୟ ବଳିପ୍ରଥାର ପ୍ରଧାନ ପ୍ରତିବନ୍ଧକ ସାଜୁଛି।

ବଳିପ୍ରଥା ବିରୋଧରେ ରହିଥିବା ବିଭିନ୍ନ ନୀତିନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ଏବଂ ନୂତନ କଠୋର ନିୟମ ପ୍ରଣୟନ କରିବା ଦ୍ୱାରା ଏ ପ୍ରଥାର ବିଲୋପ ସାଧନ ହୋଇପାରିବ। ଜନପ୍ରତିନିଧିମାନେ ସ୍ୱାର୍ଥ ପରାୟଣ ନହୋଇ ଏ କ୍ଷେତ୍ରରେ ଆନ୍ତରିକ ଉଦ୍ୟମ କରିବା ଆବଶ୍ୟକ। ଡ. ହରେକୃଷ୍ଣ ମହତାବଙ୍କ ନିଷ୍ପାପର ପ୍ରୟାସ ଫଳରେ କଟକର ଚଣ୍ଡୀପୀଠରୁ ପଶୁବଳି ବନ୍ଦ ହୋଇପାରିଥିଲା। ଏ ପ୍ରଥାକୁ ବିଲୋପ କରିବାପାଇଁ ସମାଜର ଛତ୍ରେଛତ୍ରେ ଜନଜାଗରଣ ଓ ସଚେତନତାର ଆବଶ୍ୟକତା ରହିଛି। ସଚେତନତା ସୃଷ୍ଟି ପାଇଁ ସଭାସମିତି, ପ୍ରଶିକ୍ଷଣ ଶିବିର, କର୍ମଶାଳା, ବିଭିନ୍ନ ଗଣମାଧ୍ୟମରେ ଏ ସଂକ୍ରାନ୍ତୀୟ ତଥ୍ୟଭିତ୍ତିକ ଲେଖା ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି। ଗ୍ରାମ, ସହର, ସାହିବସ୍ତି, ଦପ୍ତର ସର୍ବତ୍ର ସ୍ୱର ଉଠିବା ଆବଶ୍ୟକ। ପଶୁବଳି ପରି ପାଶବିକ ପ୍ରବୃତ୍ତିଠାରୁ ଦୂରେଇ ରହିବା ପାଇଁ ଯେଉଁ ମହତ ଶାସ୍ତ୍ରୀୟ ନିର୍ଦ୍ଦେଶ ରହିଛି ତା'ର ଗୁରୁତ୍ୱକୁ ଆମେ ହୃଦୟଙ୍ଗମ କରିବା ଦରକାର। ଆମ ସନାତନୀ ସଂସ୍କୃତିର 'ଜୀବେ ଦୟା', 'ମା ହିଂସି' (ହିଂସା କର ନାହିଁ) ସୂକ୍ତିକୁ ହୃଦୟରେ ଅନୁଭବ କରିବା ଦରକାର। ସର୍ବୋପରି ଏକଥା ମନେରଖିବାକୁ ହେବ ଯେ ବଳିପ୍ରଥା ସଂପୂର୍ଣ୍ଣ ମନୁଷ୍ୟକୃତି। ତେଣୁ ଏହାର ସମାଧାନ କେବଳ ମନୁଷ୍ୟର ସଚେତନତା ଏବଂ ଆନ୍ତରିକତା ଦ୍ୱାରା ହିଁ ସମ୍ଭବ।

ଦେବୀ କଲ୍ୟାଣମୟୀ। ସମସ୍ତ ଜୀବଜଗତର ସେ ସୃଷ୍ଟିକର୍ତ୍ତ୍ରୀ, ଜନନୀ। ଜନନୀ କଦାପି ସନ୍ତାନଘାତିନୀ, ଅପତ୍ୟ ରକ୍ତପିପାସୁ ହୋଇନପାରନ୍ତି। ସନ୍ତାନର ମଙ୍ଗଳାର୍ଥେ ସେ ଆବିର୍ଭୂତା ହୋଇଥା'ନ୍ତି। ସେ ଚାହାନ୍ତି ଭକ୍ତିର ନୈବେଦ୍ୟ, ରକ୍ତର ନୈବେଦ୍ୟ ନୁହେଁ। 'କୁପୁତ୍ର ଜାୟତ କ୍ୱଚିଦପି, କୁମାତା ନ ଭବତି' (ଦେବ୍ୟପରାଧ କ୍ଷମାପନ ସ୍ତୋତ୍ର, ଶଙ୍କରାଚାର୍ଯ୍ୟ) - ଏହି ଉକ୍ତିକୁ ଆମେ ସର୍ବଦା ସ୍ମରଣରେ ରଖିପାରିଲେ ଆମ ଆଚରଣ ଓ ଉଚ୍ଚାରଣ ମାର୍ଜିତ ହୋଇପାରିବ। କରୁଣାବତାର ଗୌତମବୁଦ୍ଧ, ମହର୍ଷି ଦୟାନନ୍ଦ ସରସ୍ୱତୀ, ମହାତ୍ମାଗାନ୍ଧୀଙ୍କ ପ୍ରଦର୍ଶିତ ଅହିଂସା ମାର୍ଗକୁ ସମସ୍ତେ ଆପଣେଇନେବା ଉଚିତ। ଦୁର୍ଲ୍ଲଭ ଜନ୍ମ ନେଇ ମଣିଷ ସର୍ବାଗ୍ରେ ନିଜ ଭିତରୁ ପଶୁତ୍ୱକୁ ପରିହାର କରିବା ଉଚିତ। ଏହା ମାଧ୍ୟମରେ ପୃଥିବୀରୁ ହିଂସା, ଦ୍ୱେଷ, ପରଶ୍ରୀକାତରତା ଦୂର ହୋଇପାରିବା ସଂଗେ ସଂଗେ ଘୃଣ୍ୟ ପଶୁବଳି ପ୍ରଥାର ବିଲୋପ ସାଧନ ହୋଇପାରିବ।

*ଅଧକ୍ଷ, ଟ୍ୟାଲେଣ୍ଟ ସାଇନ୍ସ କଲେଜ*
*ବାଲେଶ୍ୱର*
*ମୋ: ୯୪୩୭୩୭୧୯୬୮*

# ଜନଶ୍ରୁତିରେ ମା' ମେଟାକାନୀ



ଆମ ରାଜ୍ୟର ସମ୍ବଲପୁର ସହରରେ ଥିବା ଧନୁପାଲ୍ଲୀ ଛକରୁ ଦୁଇ ଥାକିଆ ୧୫ ନମ୍ବର ରାଜରାସ୍ତାରେ ସୁବର୍ଣ୍ଣପୁର ଆଡ଼କୁ ପ୍ରାୟ ୫୬ କି. ମି. ଗଲାପରେ ବାମପାର୍ଶ୍ୱରେ ଆସେ ମା' ମେଟାକାନୀଙ୍କ ତୋରଣ। ସୁବର୍ଣ୍ଣପୁରରୁ ଠିକ୍ ୨୧ କି.ମି. ପଛକୁ ପଡେ ଏହି ସ୍ଥାନ। ତୋରଣ ଭିତର ଦେଇ ୧ କି.ମି. ସିମେଣ୍ଟ ରୋଡ଼ରେ ଜଙ୍ଗଲ ଭିତରକୁ ପଶିଗଲେ ଦେଖିବା ମା' ମେଟାକାନୀଙ୍କ ପୀଠ। ମା' ମେଟାକାନୀଙ୍କ ମହିମା ଅପାର ବୋଲି ଜଣାବାକୁ ମିଳେ। ପଶ୍ଚିମ ଓଡ଼ିଶାର ଏକ ପ୍ରଖ୍ୟାତ ଶାକ୍ତ ଉପାସନା ଧାମ। ମା' ମେଟାକାନୀଙ୍କ ପୂଜକ ସବୁ ଆଦିବାସୀ। ଦେବୀ ବନ୍ଦନା ପ୍ରଭୃତି ସମସ୍ତ ପୂଜା ପରମ୍ପରା ପଶ୍ଚିମ ଓଡ଼ିଶାର ଆଦିବାସୀ କନ୍ଧ, ଗଣ୍ଡ, ଶବର, ବିଂଝାଲ୍ ଆଦି ସଂପ୍ରଦାୟର ମୌଳିକ ପୂଜାପଦ୍ଧତି ଅନୁସାରେ କରାଯାଇଥାଏ। ଏ ୦ । ୧ ରେ ଝାଙ୍କର ବା ପୂଜାରି ବଂଶ ପରମ୍ପରା କ୍ରମେ ବଛାଯାଆନ୍ତି। ୧୭୦୦ ମସିହାର କଥା। ସୁବର୍ଣ୍ଣପୁର ରାଜାଙ୍କ ଏକ ପାଳିତ କନ୍ୟାଙ୍କ ସହ ଏହାର କିମ୍ବଦନ୍ତୀ ଜଡ଼ିତ। ପ୍ରଥମ ପୂଜକ ମେଟା ଲୁହୁରା ନାମରୁ ମେଟା ଏବଂ ପଣତକାନିରୁ କାନି ଶବ୍ଦ ଯୋଡ଼ାଯାଇ ଦେବୀ ନିଜର ନାମକରଣ ମେଟାକାନୀ ରଖିଥିବାର ଜନଶ୍ରୁତି ଅଛି। ଏକ ଗମ୍ଭାରୀ ବୃକ୍ଷ ମୂଳରେ ପ୍ରସ୍ତର ଦେବୀ ରୂପେ ଆବିର୍ଭୂତା। ମା'ଙ୍କ ପାର୍ଶ୍ୱଦେବତା ହେଲେ ଚଣ୍ଡି ଆଉ ମୁଣ୍ଡା। ବିଶେଷ ପୂଜାର୍ଚ୍ଚନା ଭିତରେ ମାର୍ଗଶୀର ମାସର ଦ୍ୱିତୀୟ ମଙ୍ଗଳବାର ମା' ମେଟାକାନୀଙ୍କ ପୀଠରେ ନୂଆ ଶିମ୍ବ ଲାଗିହୁଏ। ଫାଲ୍‌ଗୁନ ପୂର୍ଣ୍ଣିମା ଦିନ ମା'ଙ୍କଠାରେ ମହୁଲ ଏବଂ ଆମ୍ବ ନୂଆ ଲାଗେ। ଦଶହରା ଏବଂ ଚୈତ୍ର ମାସରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା (ବଳି) ହୁଏ। ଏମିତି ବର୍ଷସାରା ପୂଜାର୍ଚ୍ଚନା (ବଳି) ହୋଇଥାଏ କିନ୍ତୁ ପ୍ରତି ମଙ୍ଗଳବାର ଆଉ ଶନିବାର ମା'ଙ୍କର ପ୍ରିୟ ହୋଇଥିବାରୁ ବିଶେଷ ପୂଜାର୍ଚ୍ଚନା (ବଳି) ହୋଇଥାଏ।





# କୃତଜ୍ଞ ଦୀପିକା



ଦୀପିକା ପାଦୁକୋନ୍, ବର୍ତ୍ତମାନ ସମୟରେ ବଲିଉଡ୍‌ରେ ନୁହେଁ, ବରଂ ହଲିଉଡ୍‌ରେ ମଧ୍ୟ ନିଜ ସ୍ଥାନ ଶୀର୍ଷରେ ରଖିବାକୁ ଚେଷ୍ଟା କରୁଛନ୍ତି । ଦୀପିକା-ଭିନ୍ ଡିଜେଲ୍ ଅଭିନୀତ ହଲିଉଡ୍ ଚଳଚ୍ଚିତ୍ର 'ଟ୍ରିପଲ ଏକ୍ସ' ମୁକ୍ତିଲାଭ କରିବା ପରେ ଦୀପିକାଙ୍କ ପ୍ରଶଂସା ଚାରିଆଡ଼େ ଚାଲିଛି । ଏ ବାବଦରେ ଦୀପିକା କହିଛନ୍ତି ଯେ ସେ ଈଶ୍ୱର ଓ ନିଜ ପିତାମାତାଙ୍କ ନିକଟରେ ଖୁବ୍ କୃତଜ୍ଞ । ୩୨ ବର୍ଷୀୟା ଦୀପିକାଙ୍କ ମତରେ ଆଜି ଏହି ପରିଚୟ ତାଙ୍କୁ ଖୁବ୍ ସନ୍ତୋଷ ଦେଉଛି । ହେଲେ ଏଥିପାଇଁ ସେ କଠିନରୁ କଠିନ ପରିଶ୍ରମ କରିଛନ୍ତି । ପ୍ରତ୍ୟେକ ମୁହୂର୍ତ୍ତରେ ପିତା ଓ ମାତା ତାଙ୍କୁ ସମର୍ଥନ କରିଥିବା ସେ କହିଛନ୍ତି । ଚଳଚ୍ଚିତ୍ର ଜଗତରେ କ୍ୟାରିୟର ଆରମ୍ଭ ବେଳେ ପିତା ପ୍ରକାଶ ପାଦୁକୋନ୍ କହିଥିଲେ ଯେ ଦୀପୁ! ଝିଅର ପିତା ଭାବରେ ମୋତେ ଗର୍ବିତ କରିବୁ। ହଲିଉଡ୍ ସୁଯୋଗ ପାଇବା ବେଳେ ତାଙ୍କ ପିତା ଝିଅ ପାଇଁ ଖୁସିରେ କାନ୍ଦି ପକାଇଥିଲେ । ଆଉ ଅଧିକ କିଛି ଚାହୁଁ ନଥିବା ଦୀପିକା ପ୍ରକାଶ କରିଛନ୍ତି ।

# 'ଅସ୍କାର' ଦୌଡ଼ରେ 'ଲାୟନ୍'

ବ୍ରିଟିଶ୍ ଅଭିନେତା ଦେବ ପଟେଲ୍ ଅଭିନୀତ ହଲିଉଡ୍ ଫିଲ୍ମ 'ଲାୟନ'କୁ ମୁମ୍ବାଇରେ ସ୍କ୍ରିନିଂ ବେଳେ ବହୁତ ପ୍ରଶଂସା ମିଳିଥିବା ଜଣାପଡ଼ିଛି । ଜିଓ ମିଆମି ଫିଲ୍ମ କ୍ଲବ ପକ୍ଷରୁ ଆୟୋଜିତ ପ୍ରିମିୟର ଶୋ' ମୁମ୍ବାଇଠାରେ ଅନୁଷ୍ଠିତ ହୋଇଥିଲା ଏହି ଅବସରରେ ଫିଲ୍ମର ନିର୍ଦ୍ଦେଶକ ଗାର୍ଥ ଡେଭିସଙ୍କ ସମେତ ପ୍ରିୟଙ୍କା ବୋଷ୍, ଦିପ୍ତୀ ନାଭାଲ୍, ତନିଷ୍ଠା ଚାଟାର୍ଜୀ ଓ ଶିଶୁ ଅଭିନେତା ସନି ପାୱାର ଉପସ୍ଥିତ ଥିଲେ । ଚଳିତବର୍ଷ ୬ଟି ଶ୍ରେଣୀରେ ଅସ୍କାର ପାଇଁ ମନୋନୀତ ହୋଇଛି - ଲାୟନ । ବେଷ୍ଟ ଫିଲ୍ମ, ବେଷ୍ଟ ସପୋର୍ଟ ଆକ୍ଟର, (ଦେବ ପଟେଲ), ବେଷ୍ଟ ସପୋର୍ଟିଂ ଆକ୍ଟ୍ରେସ୍ (ନିକୋଲ କିଡମ୍ୟାନ୍), ଓ ବେଷ୍ଟ ସ୍କ୍ରିନ୍‌ପ୍ଲେ ଶ୍ରେଣୀରେ ମନୋନୀତ ହୋଇଛି । ଏକ ବାସ୍ତବ କାହାଣୀକୁ ନେଇ ରଚିତ ପୁସ୍ତକ 'ଏ ଲଙ୍ଗ ୱେ ହୋମ୍ ବାଇ ସାରୁ ବ୍ରିୟର୍ଲି'ର କାହାଣୀର ପୃଷ୍ଠଭୂମିରେ ନିର୍ମିତ ହୋଇଛି 'ଲାୟନ' । ମଧ୍ୟପ୍ରଦେଶ, ଖଣ୍ଡୱାର ଏକ ଭିକ ମାଗୁଥିବା ଜଣେ ବାଳକ ଶେରୁ କିପରି ଘଟଣା କ୍ରମରେ ଅଷ୍ଟ୍ରେଲିଆର ସଫଳ ବ୍ୟବସାୟୀ ସାରୁ ବ୍ରିୟର୍ଲିରେ ପରିଣତ ହୋଇଛି ଓ ହଜିଯାଇଥିବା ପରିବାରକୁ ଖୋଜି ପାଇଛି ତାହା ଏହି ଫିଲ୍ମରେ ଦର୍ଶାଯାଇଛି । 'ଲାୟନ' ଭାରତର ସିନେମାହଲ ଗୁଡ଼ିକରେ ଫେବୃଆରୀ ୨୪ରେ ମୁକ୍ତିଲାଭ କରିବ। ମୁମ୍ବାଇରେ ସ୍କ୍ରିନିଂ ସମୟରେ ରାଧିକା ଆପ୍ଟେ, ଅରସଦ ୱାର୍ସୀ, ଅନୁପମ୍ ଖେର୍, ଫିଲ୍ମ ନିର୍ମାତା ଆୟାନ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ରହିଥିଲେ ।



# ଫ୍ରେଞ୍ଚସୁନ୍ଦରୀ ହେଲେ ମିସ୍ ୟୁନିଭର୍ସ

ନିକଟରେ ଫିଲିପାଇନ୍‌ସର ମାନିଲାରେ 'ମିସ୍ ୟୁନିଭର୍ସ' ପ୍ରତିଯୋଗିତା ଶେଷ ହୋଇଯାଇଛି । ଗୌରବମୟ 'ମିସ୍ ୟୁନିଭସ୍ ୨୦୧୬' ଟାଇଟଲ୍ ଜିଣିଛନ୍ତି ଫ୍ରାନ୍‌ସର ଆଇରିସ୍ ମିତେନର୍ । ପ୍ରଥମ ରନର୍ସ ଅପ୍ ହୋଇଛନ୍ତି ହାଇତିର ରାକେଲ୍ ପେଲିଜର୍ ଏବଂ ଦ୍ୱିତୀୟ ରନର୍ସ ଅପ୍ କଲମ୍ବିୟାର ଆନ୍ଦ୍ରିୟା ଟୋଭାର୍ । ଏଥିରେ ଅଂଶଗ୍ରହଣ କରିଥିବା ଭାରତୀୟ ପ୍ରତିଯୋଗୀ ରଶ୍ମିତା ହରିମୂର୍ତ୍ତି ପ୍ରଥମ ତେରଟି ସ୍ଥାନ ମଧ୍ୟରେ ସୁଦ୍ଧା ରହିପାରିନାହାନ୍ତି । ଲମ୍ବା ବ୍ୟବଧାନ ପରେ ଫ୍ରାନ୍ସକୁ ଏହି ଟାଇଟଲ୍ ମିଳିଛି । ମିତେନର୍‌ଙ୍କ ପୂର୍ବରୁ ୧୯୫୩ରେ କ୍ରିସ୍‌ଟେନ୍ ମାର୍ତ୍ତେଲ୍ ଏହି ଟାଇଟଲ୍ ଜିଣିଥିଲେ । ୨୪ ବର୍ଷ ବୟସ୍କା ମିତେନର୍ ଫ୍ରାନ୍‌ସ ଅନ୍ତର୍ଗତ ଲିଲ୍ୟର ବାସିନ୍ଦା ।

ଖୋର୍ଦ୍ଧା ଜିଲ୍ଲା ୨୮ ନମ୍ବର ଜୋନ୍‌ର
ଜିଲ୍ଲାପରିଷଦ ପ୍ରାର୍ଥୀ (ବିଜେପି)
ଉମା ବେହେରା ଙ୍କୁ
ପଦ୍ମଫୁଲ ଚିହ୍ନରେ ଭୋଟ୍ ଦେଇ
ଜୟଯୁକ୍ତ କରାନ୍ତୁ ।





॥ ନିବେଦକ ॥
ନରହରି ସାହୁ
ସମାଜସେବୀ
ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା



ବିରଜା ପ୍ରସାଦ ସାମନ୍ତରାୟ(ଦିଲୁ)

ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ
ମୋ ବିଜୟର ଶ୍ରେୟ ହେଉ ।



ଚନ୍ଦକା ଗ୍ରାମ ପଞ୍ଚାୟତର ସର୍ବାଙ୍ଗୀନ
ବିକାଶ ତଥା ଭାଇଚାରାକୁ ସୁଦୃଢ଼
କରିବା ମୋର ଏକମାତ୍ର ଲକ୍ଷ୍ୟ ।

ନୂଆ ଆଶା ନେଇ ପରିବର୍ତ୍ତନର
ବାର୍ତ୍ତା ଦେବାକୁ ମୁଁ ପ୍ରାର୍ଥୀ ହୋଇଛି ।



ସରପଞ୍ଚ ପ୍ରାର୍ଥିନୀ
ଶ୍ରୀମତୀ ରାଜଶ୍ରୀ ସାମନ୍ତରାୟଙ୍କୁ



ଖୋଲାବହି ଚିହ୍ନରେ
ଭୋଟ୍ ଦେଇ ଜୟଯୁକ୍ତ କରାନ୍ତୁ ।

## ଅନ୍ତର୍ଜାତୀୟ କରାଟେ ଚାମ୍ପିୟନସିପ୍

# ସ୍ୱର୍ଣ୍ଣପଦକ ବିଜୟୀ ସୌମ୍ୟଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର :** ସୋଟୋକାନ ରିଉ କରାଟେ ଡୋ ଆସୋସିଏସନ୍ ଇଣ୍ଡିଆ ପକ୍ଷରୁ ନିକଟରେ କଲିକତା ଠାରେ ତୃତୀୟ ଜେକେଏସ୍ ସ୍କାଇ ଓପନ୍ ଇଣ୍ଟରନ୍ୟାସନାଲ୍ କରାଟେ ଚାମ୍ପିୟନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡ଼ାରେ ପ୍ରଥମ ଥର ପାଇଁ ୭୦ କିଲୋ ସିନିୟର ବର୍ଗରେ ଓଡିଶାରୁ ସୌମ୍ୟରଞ୍ଜନ ବେହେରା ଯୋଗଦେବା ସହ ଚାମ୍ପିୟନ ହୋଇ ସ୍ୱର୍ଣ୍ଣପଦକ ବିଜେତା ଭାବେ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଆ ଖବର କାଗଜ 'ଏକମାତ୍ର' ପକ୍ଷରୁ ଶୁକ୍ରବାର ଦିନ ସୌମ୍ୟରଞ୍ଜନଙ୍କୁ ସ୍ଥାନୀୟ ଧର୍ମବିହାରସ୍ଥିତ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି । ଏକମାତ୍ରର ମୁଖ୍ୟସମ୍ପାଦକ ବିଭୂତି ଭୂଷଣ ପାତ୍ର ସୌମ୍ୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଏଥିରେ ଅନୁଷ୍ଠାନର ଆଇନ୍ ପରାମର୍ଶଦାତା ତଥା ଆଇନଜୀବୀ ଲିଙ୍ଗରାଜ ଦାଶ, ସିହାନ୍ ଦୀପ୍ତିରଞ୍ଜନ ମହାପାତ୍ର, ସୌମ୍ୟଙ୍କ ପିତା ପ୍ରଫୁଲ୍ଲ କୁମାର ବେହେରା, 'ଏକମାତ୍ର'ର ସମ୍ପାଦକ ତାରକ ମହାନ୍ତି ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଅସୀମ ଆକାଶରେ ମିଶିଗଲେ ମଞ୍ଚ ମଣିଷ ଅସୀମ ଦା'



**ଭୁବନେଶ୍ୱର :** ମାଟିବୈକୁଣ୍ଠରେ ଆଉ ନାହାନ୍ତି ସମସ୍ତଙ୍କ ପ୍ରିୟ ଅସୀମ ଦା' ବା ଅସୀମ ବସୁ । ପବିତ୍ର ସରସ୍ୱତୀ ପୂଜାରେ ସରସ୍ୱତୀଙ୍କ ଏହି ବରପୁତ୍ର ଜଣକ ଆରପାରିକୁ ବାହୁଡ଼ି ଯାଇଛନ୍ତି । ବଂଚିଥିବା ଯାଏଁ କାନ୍‌ଭାସ୍‌ରେ ତୁଳୀର ନିଖୁଣ ସ୍ପର୍ଶ ଦେଇ ଅନେକ ଚରିତ୍ର ଓ ଘଟଣାବଳୀକୁ ଜୀବନ୍ୟାସ ଦେଉଥିବା ଏହି ପ୍ରଖ୍ୟାତ ଚିତ୍ରଶିଳ୍ପୀ ଶେଷରେ ଜୀବନ ମରଣ ସଂଘର୍ଷରେ ହାରି ଯାଇଛନ୍ତି । ମାସାଧିକ କାଳ ଶ୍ୱାସରୋଗରେ ଜର୍ଜରିତ ହୋଇ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବା ବେଳେ ଆଜି ସନ୍ଧ୍ୟା ୫ଟା ୨୫ ମିନିଟ୍ ସମୟରେ ତାଙ୍କର ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା । ବ୍ୟାକ୍‌ଡ୍ରପ୍‌ରେ ମଂଚ ମାୟା ଲଗେଇ ଦର୍ଶକଙ୍କୁ ଚମକୃତ କରୁଥିବା ଅସୀମ ଦା'ଙ୍କ ନାଟକଟିଏ ଆଜି ବି ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହେଉଥିବା ବେଳେ ସେଇ ବାଟ ଦେଇ ତାଙ୍କ କୋକେଇ ଚାଲିଯାଇଥିଲା ।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com
Chief Editor : **Bibhuti Bhusan Patra** — Managing Editor : **Laxmipriya Dash** — Editor : **Tarak Mohanty**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର** — ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** — ସମ୍ପାଦକ : **ତାରକ ମହାନ୍ତି**